R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୨
ତିଥି : ଷଷ୍ଠୀ
୧୬ ମାର୍ଚ୍ଚ ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 162
16 March 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




# ଆଜି ନିର୍ବାଚନ ତାରିଖ ଘୋଷଣା




ନୂଆଦିଲ୍ଲୀ, ୧୫।୩ : ଆସନ୍ତାକାଲି ଲୋକସଭା ସହ ଓଡ଼ିଶା, ସିକିମ୍, ଅରୁଣାଚଳପ୍ରଦେଶ ଓ ଆନ୍ଧ୍ରର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବ । ଅପରାହ୍ନ ୩ଟାରେ ନିର୍ବାଚନ କମିଶନ ଏହି ତାରିଖ

## ଲୋକସଭା ସମେତ ୪ ରାଜ୍ୟର ବିଧାନସଭା ନିର୍ବାଚନ

ଘୋଷଣା କରିବେ ଓ ଆସନ୍ତାକାଲି ଠାରୁ ମଧ୍ୟ ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହେବ । ନିର୍ବାଚନ କମିଶନଙ୍କର ଏହି ସାମ୍ବାଦିକ ସମ୍ମିଳନୀର ସିଧା ପ୍ରସାରଣ କରାଯିବା ସହ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଦେଖିବାକୁ ମିଳିବ ।

ଜୁନ୍ ୧୬ରେ ବର୍ତ୍ତମାନ ଗଠିତ ଲୋକସଭାର କାର୍ଯ୍ୟକାଳ ସରିବ । ଏହା ପୂର୍ବରୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନୂଆ ଲୋକସଭା ଗଠନ ହେବ । ୨୦୧୯ରେ ଲୋକସଭା ନିର୍ବାଚନ ନେଇ ମାର୍ଚ୍ଚ ୧୦ରେ ଘୋଷଣା ହୋଇଥିଲା । ୭ ପର୍ଯ୍ୟାୟରେ (୯ ପୃଷ୍ଠାରେ)

# ବରଗଡ ଚିନିକଳ ଜମି ଇଡକୋକୁ ହସ୍ତାନ୍ତର ହେବ

ଭୁବନେଶ୍ୱର, ୧୫।୩ (ସବ୍ୟୁ) : ବରଗଡସ୍ଥିତ ଚିନିକଳ ଜମିକୁ ଇଡକୋକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଆଗାମୀ ଦିନରେ ଇଡକୋ ଏହି ଜମିରେ ନୂତନ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ପଦକ୍ଷେପ ନେବ ।

ସୂଚନାଯୋଗ୍ୟ ଯେ ଯନ୍ତ୍ରାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂତନ ମେସିନ୍ ପାଇଁ ପାଣ୍ଠି ଅଭାବ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ଚିନିକଳରେ କାମ ବନ୍ଦ ରହିଥିଲା । ସେଥିପାଇଁ ଏହାର ଜମିକୁ ଇଡକୋକୁ ହସ୍ତାନ୍ତର କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ ।

ଏହି ନିଷ୍ପତ୍ତି ଅନୁଯାୟୀ ଚିନିକଳର ସମୁଦାୟ ୧୦୩.୨୧ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ ଏକର ଜମି ପାଇଁ ଇଡକୋ ୪୦.୬୮ କୋଟି ଟଙ୍କା ପ୍ରଦାନ କରିଛି । ବରଗଡର ଅତିରିକ୍ତ ଜିଲ୍ଲାପାଳ ତଥା ବରଗଡ କୋଅପରେଟିଭ ସୁଗାର ମିଲ୍ସର ଲିକ୍ୟୁଡେଟର ଏହି ଟଙ୍କା ପ୍ରଦାନ କରାଯାଇଛି । ବାକି ସବୁ ଜମି ବିବାଦମୁକ୍ତ ହେବାପରେ ଇଡକୋକୁ ହସ୍ତାନ୍ତର କରାଯିବ ।

### ଅସମ୍ପୂର୍ଣ୍ଣ ତଥ୍ୟ ନେଇ ଏସ୍‌ବିଆଇକୁ ସୁପ୍ରିମ୍‌କୋର୍ଟଙ୍କ ପୁଣି ତାଗିଦ୍

# ୧୮ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ତଥ୍ୟ ଦିଅ

ନୂଆଦିଲ୍ଲୀ, ୧୫।୩ : ନିର୍ବାଚନୀ ବଣ୍ଡ ନେଇ ସମ୍ପୂର୍ଣ୍ଣ ତଥ୍ୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଦେଇନଥିବାରୁ ପୁଣି ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହୋଇଛନ୍ତି । ଯେଉଁ ତଥ୍ୟ ଏସ୍‌ବିଆଇ ପକ୍ଷରୁ ନିର୍ବାଚନ କମିଶନଙ୍କୁ ଦିଆଯାଇଛି ସେଥିରେ କେଉଁ ଦଳକୁ କେତେ ଟଙ୍କା ଓ କିଏ ଦାତା ତାହା ଉଲ୍ଲେଖ କରାଯାଇନାହିଁ । ଗତ ୫ ବର୍ଷ ମଧ୍ୟରେ ନିର୍ବାଚନୀ ଚାନ୍ଦା ନେଇ ସବିଶେଷ ତଥ୍ୟ ଦେବାକୁ ସୁପ୍ରିମ୍‌କୋର୍ଟ ପୁଣି ଆଜି ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ସମୟରେ ଏସ୍‌ବିଆଇ ସବିଶେଷ ତଥ୍ୟ ସୁପ୍ରିମ୍‌କୋର୍ଟରେ ଦେବାକୁ କୁହାଯାଇଛି ।

ନିର୍ବାଚନ କମିଶନ ପକ୍ଷରୁ ଦାଖଲ ତାଲିକା ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଏସ୍‌ବିଆଇ ଯେଉଁ ତଥ୍ୟ ଦେଇଛି ତାହା ଅସମ୍ପୂର୍ଣ୍ଣ । ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ନିର୍ବାଚନୀ ବଣ୍ଡର ସଂଖ୍ୟା ସହ ସମସ୍ତ ଅତିରିକ୍ତ ତଥ୍ୟ ନିର୍ବାଚନ କମିଶନଙ୍କୁ ଦିଅନ୍ତୁ । ପ୍ରଧାନ ବିଚାରପତି କହିଥିଲେ ଯେ ଏସ୍‌ବିଆଇ ପକ୍ଷରୁ କିଏ ଉପସ୍ଥିତ ଅଛନ୍ତି ସେମାନେ ବଣ୍ଡର ନମ୍ବର ଦେଇନାହାନ୍ତି । ସେମାନେ ଏହାକୁ ଦେବାକୁ ବାଧ୍ୟ । ଏସ୍‌ବିଆଇକୁ ଦିଆଯାଇଥିବା ନୋଟିସ୍‌ରେ ମାର୍ଚ୍ଚ ୧୮ ସୁଦ୍ଧା କୌଣସି ଖିଲାପ ନକରି ତଥ୍ୟ ଦେବାକୁ କୁହାଯାଇଛି । ନିର୍ବାଚନୀ ବଣ୍ଡର ନମ୍ବର ମିଳିବା ପରେ ଚାନ୍ଦା ପ୍ରଦାନକାରୀ ଓ ରାଜନୈତିକ ଦଳ ମଧ୍ୟରେ ଥିବା (୯ ପୃଷ୍ଠାରେ)





## ଇତିହାସ

– ୧୯୪୨ରେ ଭି–୨ ରକେଟ୍ ଲଞ୍ଚ କରାଯାଇଥିଲା, ହେଲେ ଏହା ବିସ୍ଫୋରଣ ହୋଇଯାଇଥିଲା ।

– ୧୯୬୬ରେ ଆମେରିକା ମାନବଯୁକ୍ତ ଅନ୍ତରୀକ୍ଷଯାନ ଜେମନୀ ୮ ଲଞ୍ଚ କରିଥିଲା ।

– ୧୯୮୮ରେ ୮ ବର୍ଷ ପର୍ଯ୍ୟନ୍ତ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଓ ୧୩ ବର୍ଷ ଧରି ଲେବର ପାର୍ଟିର ନେତାଥିବା ହେରାଲ୍ଡ ୱିଲସନ୍‌ଙ୍କର ଇସ୍ତଫାପତ୍ର ପ୍ରଦାନ । ଯାହା ସମସ୍ତଙ୍କୁ ଚକିତ କରିଦେଇଥିଲା ।

– ୧୯୮୯ରେ ମିଶରର ଚିପୋଜ୍ ପିରାମିଡ୍‌ରୁ ୪୪୦୦ ବର୍ଷ ପୁରୁଣା ମମି ଠାବ କରାଯାଇଥିଲା ।

– ୧୯୩୯ରେ ଜର୍ମାନୀ ଚେକୋସ୍ଲୋଭାକିଆ ଉପରେ କବ୍‌ଜା କରିଥିଲା ।

– ୨୦୧୨ରେ ଅନ୍ତଃରାଷ୍ଟ୍ରୀୟ କ୍ରିକେଟରେ ଶତକ ହାସଲ କରିବାରେ ସଚିନ୍ ତେନ୍ଦୁଲକର ପ୍ରଥମ ଖେଳାଳି ଥିଲେ ।

## ସୋସିଆଲ କୋଟ୍ସ



ସେଭଳି କୌଣସି ଖାସ ଅକେଜନ୍ ହେଲେ ଯାଇ ବଲିଉଡର ଲୋକମାନେ ମୋତେ ମନେପକାନ୍ତି । କ୍ୟାସେଟ୍‌ର ଜମାନା ସରିବା ପରେ ମୁଁ ସୋସିଆଲ ମିଡିଆରେ ଆକ୍ଟିଭ୍ ହେଲି ।

**ଅଲ୍‌ତାଫ ରାଜା, ସିଙ୍ଗର**



ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜ ଚାହୁଁଥିଲେ ଆମିର ଖାନ ଲଙ୍ଗଡା ତ୍ୟାଗୀର ଚରିତ୍ରରେ ଅଭିନୟ କରନ୍ତୁ । ହେଲେ ଆମିର ଫିଲ୍ମରେ କିଛି ପରିବର୍ତ୍ତନ ପାଇଁ ଦାବି କଲେ, ଯାହା ଫଳରେ ଏହି ରୋଲ୍‌ଟି ମୋତେ ମିଳିଥିଲା ।

**ସୈଫ ଅଲୀ ଖାନ, ଅଭିନେତା**



କ୍ୟାରିୟର କରିବା ପାଇଁ ଖୁବ ପରିଶ୍ରମ କରିଛି । ଦିନ ଥିଲା କି କାମ ନମିଳିବାରୁ ମୁଁ ମୁମ୍ବାଇ ଛାଡିବାକୁ ଚାହୁଁଥିଲି । ହେଲେ ପରେ ଏହି ପରିସ୍ଥିତିକୁ ଦୃଢତାର ସହ ସାମନା କରିଥିଲି ।

**ଅନୁପ ସୋନି, ଅଭିନେତା**

## ଥ୍ରୋଟ୍ ପ୍ୟାଚ୍



ବୈଜ୍ଞାନିକମାନେ ଆମ ଦୈନନ୍ଦିନ ଜୀବନକୁ ସହଜ ସରଳ କରିବାକୁ ବିଭିନ୍ନ ଉଦ୍ଭାବନ କରିବାରେ ଲାଗିଛନ୍ତି । ସେମାନଙ୍କର ଉଦ୍ଭାବନ ତାଲିକାରେ ଅନେକ ସାମଗ୍ରୀ ସାମିଲ ଅଛି । ନିକଟରେ କାଲିଫର୍ଣ୍ଣିଆ ବୈଜ୍ଞାନିକମାନେ ଏକ ଥ୍ରୋଟ ପ୍ୟାଚ୍‌ର ଉଦ୍ଭାବନ କରିଛନ୍ତି । ଯାହା ଆମ ଗଳାରେ ଲାଗିବା ପରେ ଗଳାରେ ହେଉଥିବା ମସଲ୍ ମୋସନ୍ ବା ମାଂଶପେଶୀୟ ହଲଚଲକୁ କଥାରେ ପରିବର୍ତ୍ତନ କରିବ । ଲୋକମାନେ ଏହାକୁ ଲଗାଇବା ପରେ ଭୋକାଲ କର୍ଡ ବା ସ୍ୱର ତନ୍ତୁର ବ୍ୟବହାର ନକରି କଥା ହୋଇପାରିବେ । ରିପୋର୍ଟ ଅନୁସାରେ ଏହି ପ୍ୟାଚ୍‌ଟି ଚାଲିବା ପାଇଁ କୌଣସି ବ୍ୟାଟେରୀ କିମ୍ବା କନେକ୍ଟର ଆବଶ୍ୟକତା ମଧ୍ୟ ନାହିଁ । ପ୍ୟାଚ୍‌ଟି ଆମ ଗଳାରେ ହେଉଥିବା ମସଲ ମୋସନକୁ ବ୍ୟବହାର କରି ନିଜ ପରିଚାଳନା ପାଇଁ ବିଦ୍ୟୁତ୍ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହା ଯେଉଁମାନଙ୍କର ଥ୍ରୋଟ କ୍ୟାନସର, ପାରାଲାଇଜ୍ଡ ଭୋକାଲ କର୍ଡ ଭଳି ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ବିଶେଷଭାବେ ସହାୟକ ହେବ । ଏହାର ପ୍ରଥମ ଡିଜାଇନ୍ ୨୦୨୧ରେ କରାଯାଇଥିଲା । ତେବେ ଏହାପରେ ଏହି ଡିଜାଇନ୍ ଉପରେ ଅନେକ ଗବେଷଣା କରାଯାଇଛି, ଯାହାପରେ ଏଥିରେ ପରିବର୍ତ୍ତନ ମଧ୍ୟ କରାଯାଇଛି । ଏହା ପ୍ୟାଚ୍‌ରେ ପାଞ୍ଚଟି ଥିନ୍ ଲେୟାର ରହିଛି । ସେଣ୍ଟର ଲେୟାରଟି ସିଲିକନ୍ ଓ ମାଇକ୍ରୋମ୍ୟାଗ୍‌ନେଟ୍‌ରୁ ପ୍ରସ୍ତୁତ କରାଯାଇଛି । ଅନ୍ୟ ଲେୟାର ଗୁଡିକ ନରମ ସହିତ ନମନୀୟ ସିଲିକନ୍‌ରୁ ପ୍ରସ୍ତୁତ କରାଯାଇଛି । ଏହି ପ୍ୟାଚ୍‌କୁ ଘେରି ରହିଥିବା ଦୁଇଟି ଲେୟାର କପର୍ ୱେୟାରରୁ ପ୍ରସ୍ତୁତ କରାଯାଇଛି । ଏହି ସମସ୍ତ ଲେୟାର ଏକାଠି କାର୍ଯ୍ୟ କରିବା ଦ୍ୱାରା ଆମର ମସଲ୍ ମୋସନ କଥାରେ ପରିବର୍ତ୍ତନ ହୋଇଥାଏ ।

## ସିଜନାଲ ମାଇଗ୍ରେନ୍

ସବୁବେଳେ ଋତୁ ପରିବର୍ତ୍ତନ କିଛି ନା କିଛି ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥାଏ । ସେହିଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ହେଲା ସିଜିନାଲ ମାଇଗ୍ରେନ । ଏହି ସମସ୍ୟା କେବଳ ଋତୁ ପରିବର୍ତ୍ତନ ସମୟରେ ହିଁ ଅନୁଭୂତ ହୋଇଥାଏ । ଯେଉଁମାନେ ତାପମାତ୍ରା, ହ୍ୟୁମିଡିଟି, ଅତ୍ୟଧୀକ ଥଣ୍ଡା ଆଦି ପାଇଁ ସେନ୍ସିଟିଭ୍ ଥାଆନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ମାଇଗ୍ରେନ୍ ଆଟାକ୍ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ । ଏହି ସିଜ୍‌ନାଲ ମାଇଗ୍ରେନ୍ କାରଣରୁ ଲଗାତାର ମୁଣ୍ଡ ବିନ୍ଧା ହୋଇଥାଏ, ଯାହା ଫଳରେ ଅନ୍ୟ ସମସ୍ତ କଥା ବାଧାପ୍ରାପ୍ତ ହୋଇଥାଏ । ଏହି ସମସ୍ୟାର ନିଦ୍ରା ହୀନତା ଏକ ପ୍ରମୁଖ ଲକ୍ଷଣ । ତେବେ ଏହି ସମସ୍ୟାକୁ ଦୂରେଇବା ପାଇଁ ଅଧିକ ପାଣି ପିଅନ୍ତୁ , କାରଣ ହାଇଡ୍ରେଟ୍ ରହିବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ । ସେହିଭଳି ଷ୍ଟ୍ରେସ୍‌କୁ ମ୍ୟାନେଜ କରିବା ଶିଖନ୍ତୁ । ଷ୍ଟ୍ରେସ୍ ଏହି ରୋଗର ମୁଖ୍ୟ ଶତ୍ରୁ ହୋଇଥାଏ । ଋତୁ ପରିବର୍ତ୍ତନ ବିଷୟରେ ଆଲର୍ଟ ରୁହନ୍ତୁ, ଯାହା ଫଳରେ ମାଇଗ୍ରେନ୍‌ର ଲକ୍ଷଣକୁ ଚିହ୍ନି ପାରିବେ ।



## ପ୍ରେରଣାଦାୟୀ ଜନ୍






କେବେକେବେ ଛୋଟଛୋଟ ପିଲା ମଧ୍ୟ ଏଭଳି କାର୍ଯ୍ୟ କରନ୍ତି ଯାହା ସମସ୍ତଙ୍କୁ ଚକିତ କରିଦେଇଥାଏ । ସେହିଭଳି ଜଣେ ଛୋଟ ପିଲା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସେହିଭଳି ଜଣେ ବାଳକ ହେଲେ ଆମେରିକାର ଜନ୍ ଲାରସନ୍ । ସେ ଯେଉଁ ଅନାଥଆଶ୍ରମରେ ବଢିଛନ୍ତି, ସେହି ପିଲାଙ୍କୁ ସାହାଯ୍ୟ କରିବା ପାଇଁ ସବୁବେଳେ ଚେଷ୍ଟିତ ରହୁଛନ୍ତି । ଏତେ କମ ବୟସରେ ବି ସେ ସମସ୍ତଙ୍କ କଥା ଭାବୁଛନ୍ତି । ସେ ନିଜ ପାଳିତ ବାପା ମା'ଙ୍କ ଘରେ ରହି ଏନେଇ କାର୍ଯ୍ୟ କରୁଛନ୍ତି । ୟୁଟ୍ୟୁବ୍‌ରୁ ଉଲ୍ ବୁଣା ଶିଖି ଏହାକୁ କାର୍ଯ୍ୟରେ ଲଗାଉଛନ୍ତି । ସେ ନିଜେ ବୁଣୁଥିବା ସାମଗ୍ରୀକୁ ଅନ୍‌ଲାଇନ୍ ବିକ୍ରି କରି ଯେଉଁ ଅର୍ଥ ରୋଜଗାର କରୁଛନ୍ତି ତାକୁ ଅନାଥ ଆଶ୍ରମକୁ ଦାନ କରୁଛନ୍ତି । ସୋସିଆଲ ମିଡିଆରେ ତାଙ୍କ କାମ ଓ କାହାଣୀ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଛୋଟ ପିଲାଟିଏ ହୋଇ ମଧ୍ୟ ଅନ୍ୟମାନଙ୍କ କଥା ଏତେ ଭାବୁଥିବାରୁ ସମସ୍ତେ ତାଙ୍କ ସାମଗ୍ରୀ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ସୋସିଆଲ ମିଡିଆରେ ସମସ୍ତେ ତାଙ୍କୁ କାର୍ଯ୍ୟକୁ ଖୁବ ପ୍ରଶଂସା ମଧ୍ୟ କରୁଛନ୍ତି ।

## କସ୍‌ମିକ୍ ଜୁଏଲାରୀ

ନାସା କେବଳ ନିଜର ଗବେଷଣା ଓ ଆବିଷ୍କାର ପାଇଁ ନୁହେଁ ମହାକାଶର ବିଭିନ୍ନ ଫଟୋ ସେୟାର କରି ମଧ୍ୟ ଚର୍ଚ୍ଚାରେ ରହିଥାଏ । ନିକଟରେ ନାସା ଏକ କସ୍‌ମିକ୍ ଜୁଏଲାରୀର ଫଟୋ ସେୟାର କରିଛି, ଯାହା ପୃଥିବୀଠାରୁ ୧୫,୦୦୦ ଲାଇଟ୍ ଇୟର ଦୂରରେ ରହିଛି ।



ହବଲ୍ ସ୍ପେସ୍ ଟେଲିସ୍କୋପ ଦ୍ୱାରା ଉଠାଯାଇଥିବା ଏହି ଦୃଶ୍ୟକୁ ନେକ୍‌ଲେସ୍ ନେବ୍ୟୁଲା ନାମରେ ମଧ୍ୟ ଜଣା ଯାଉଛି । ବୁଢା ହେଉଥିବା ତାରା ଓ ସୂର୍ଯ୍ୟ ମଧ୍ୟରେ ସ୍ୱତନ୍ତ୍ର ସେଲେଷ୍ଟିଆଲ ଟାଙ୍ଗୋ କାରଣରୁ ଏହା ସୃଷ୍ଟି ହୋଇଥାଏ । ଯେତେବେଳେ ଗୋଟିଏ ତାରା ବୁଢା ହେବାକୁ ଲାଗିଥାଏ ଏହା ଧୀରେଧୀରେ ପ୍ରସାରିତ ହୋଇଥାଏ ଏବଂ ଛୋଟ ତାରାଙ୍କୁ ପରିବେଷ୍ଟିତ କରିଦେଇଥାଏ । ତେବେ ଏଥିରେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ଛୋଟ ତାରା ବଞ୍ଚିବା ସହିତ ନିଜ ଅର୍ବିଟ୍‌ରେ ଯାତ୍ରା ଜାରି ରଖିଥାଏ । ଏହାପରେ ବିଭିନ୍ନ ପ୍ରକ୍ରିୟା କାରଣରୁ ନେକ୍‌ଲେସ୍ ନେବ୍ୟୁଲା ବା କସ୍‌ମିକ୍ ଜୁଏଲାରୀ ଗଠିତ ହୋଇଥାଏ ।

## କିରଣଙ୍କ ସହ କାମ କରିବାକୁ ଇଚ୍ଛା

ସଲମାନ ଖାନ୍ ନିକଟରେ ଫିଲ୍ମ 'ଲାପତା ଲେଡିଜ୍' ଦେଖି ଖୁବ ଇମ୍ପ୍ରେସ ହୋଇଥିବା ଜଣା ପଡିଛି । ସେ ଏହି ଫିଲ୍ମ ପାଇଁ ଆମିର ଖାନଙ୍କ ପୂର୍ବପତ୍ନୀ ତଥା ଫିଲ୍ମ ମେକର କିରଣ ରାଓଙ୍କର ଖୁବ ପ୍ରଶଂସା କରିଛନ୍ତି । ସେ ଏନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କିରଣଙ୍କର ଭୁରିଭୁରି ପ୍ରଶଂସା କରିଛନ୍ତି । କେବଳ ଏକା ସଲମାନ ନୁହେଁ ତାଙ୍କ ପିତା ସଲିମ୍ ଖାନ୍ ମଧ୍ୟ ଏହି ଫିଲ୍ମକୁ ଖୁବ ଏଞ୍ଜୟ କରିଛନ୍ତି ବୋଲି ସଲମାନ ଏହି ପୋଷ୍ଟରେ ଜଣାଇଛନ୍ତି । ନିର୍ଦ୍ଦେଶକ ଭାବେ ଏକ ଡେବ୍ୟୁ ଫିଲ୍ମରେ କିରଣ ଖୁବ ଭଲ କାମ କରିଛନ୍ତି ବୋଲି ସଲମାନ ମତ ଦେଇଛନ୍ତି । ସେହିପରି ଆଗକୁ ସଲମାନଙ୍କ ସହିତ କିରଣ କେବେ କାମ କରିବେ ବୋଲି ମଧ୍ୟ ସଲମାନ ଏହି ପୋଷ୍ଟରେ ପଚାରିଥିବାର ଦେଖିବାକୁ ମିଳିଛି । ଏହାପରେ ଆଗକୁ ସଲମାନ ଓ କିରଣଙ୍କ କାମ କରିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସଲମାନଙ୍କ ଫ୍ୟାନମାନେ ଏନେଇ ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି । ଉଭୟଙ୍କୁ ଏକାଠି କାମ କରୁଥିବାର ଦେଖିବାକୁ ସେମାନେ ଇଚ୍ଛା ପ୍ରକାଶ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ସଲମାନ ଓ କିରଣ କେଉଁ ପ୍ରୋଜେକ୍ଟରେ କେବେ ଏକାଠି ନଜର ଆସିବେ ।




## ବାଧ୍ୟତାମୂଳକ ଉପହାର ଏକଲକ୍ଷ

ଯେତେବେଳେ କୌଣସି ସାଙ୍ଗର ବିବାହ ହୁଏ ସେତେବେଳେ ସମସ୍ତେ ଯିବା ପାଇଁ ଉତ୍ସୁକ ଥାଆନ୍ତି । ତେବେ ଏଥିପାଇଁ କାହାକୁ ଉପହାର ପାଇଁ ବାଧ କରାଯାଇନଥାଏ, ଯିଏ ନିଜ ମନ ମୁତାବକ ଉପହାର ଦେଇଥାଆନ୍ତି । ହେଲେ ବର୍ତ୍ତମାନ ଏକ ବାହାଘର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ବିବାହ ନିଜର ଉପହାରକୁ ନେଇ ଚର୍ଚ୍ଚାକୁ ଆସିଛି । ସୂଚନା ଅନୁସାରେ ଏହି ବିବାହରେ ଯୋଗଦେବାକୁ ହେଲେ ସମସ୍ତ ଅତିଥିଙ୍କୁ ଏକଲକ୍ଷ ଟଙ୍କାର ଉପହାର ଦେବାକୁ ହେବ । ଯାହା ବର୍ତ୍ତମାନ ବିବାହ କରିବାକୁ ଥିବା ଦମ୍ପତ୍ତିଙ୍କର ସାଙ୍ଗସାଥୀଙ୍କୁ ନିରାଶ କରିଛି । ସେମାନେ ଅନେକ କଷ୍ଟ କରି ଏହି ଅର୍ଥ ଯୋଗାଡ କରିବାରେ ଲାଗିଛନ୍ତି । ତେବେ ସୋସିଆଲ ମିଡିଆର ଏହି ବିବାହକୁ ନେଇ ଅନେକ ନକରାତ୍ମକ କମେଣ୍ଟ ମଧ୍ୟ ଦେଖିବାକୁ ମିଳୁଛି । ସମସ୍ତେ ଦମ୍ପତ୍ତିଙ୍କର ଏହି ନିଷ୍ପତ୍ତିକୁ ନାପସନ୍ଦ କରୁଛନ୍ତି ।



## ୨ଟି ଯାତ୍ରୀରେ ବିମାନ ଯାତ୍ରା

ଅତି କମରେ ଗୋଟିଏ ବିମାନରେ ଯେତିକି ସିଟ୍ ଥାଏ ତାର ଅଧା ଯାତ୍ରୀ ଯାତ୍ରା କରନ୍ତି । ହେଲେ ୨୦୨୧ରେ ଏଭଳି ଗୋଟିଏ ବିମାନ ଉଡିଥିଲା, ଯେଉଁଥିରେ ମାତ୍ର ଦୁଇଜଣ ଯାତ୍ରୀ ଥିଲେ । ସୂଚନା ଅନୁସାରେ ଆମେରିକାନ୍ ଦମ୍ପତ୍ତି ମଞ୍ଚେଷ୍ଟର ଯିବା ପାଇଁ ବିମାନ ଟିକେଟ୍ ବୁକ୍ କରିଥିଲେ । ତେବେ ସେ ଯେତେବେଳେ ବିମାନରେ ବସିଲେ ସେତେବେଳେ ଜାଣିଲେ କି ବିମାନରେ ମାତ୍ର ଦୁଇ ଜଣ ଯାତ୍ରୀ ଅଛନ୍ତି । ଏହାଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପ୍ରଥମରୁ ସେମାନେ ଭାବିଥିଲେ ସେମାନେ ଭୁଲ ବିମାନରେ ଚଢିଛନ୍ତି, ହେଲେ ଏପରି ନଥିଲା । ସେମାନଙ୍କୁ ଏହି ଯାତ୍ରାରେ ବିମାନର କ୍ରୁ ମେମ୍ବରଙ୍କ ପକ୍ଷରୁ ଖୁବ୍ ଭଲ ଆତିଥେୟତା ଦିଆଯାଇଥିଲା । ସେମାନେ ଖୁବ ମଜାର ସହିତ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିଥିବା ନେଇ ବର୍ତ୍ତମାନ ଦେଇଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୨
ତିଥି : ଷଷ୍ଠୀ
୧୬ ମାର୍ଚ୍ଚ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 162
16 March 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




### ନିର୍ବାଚନୀ ବଣ୍ଡ ନେଇ ବର୍ଷିଲେ ରାହୁଲ

## ବିଶ୍ୱର ସବୁଠୁ ଅନ୍ୟାୟ ଆଦାୟ ର୍ୟାକେଟ୍

ନୂଆଦିଲ୍ଲୀ, ୧୫।୩ : ନିର୍ବାଚନୀ ବଣ୍ଡ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ବଡ ବୟାନ ଦେଇଛନ୍ତି । ଏହା ଅନ୍ୟାୟ ଆଦାୟର ବିଶ୍ୱର ସବୁଠୁ ବଡ ର୍ୟାକେଟ୍ ବୋଲି ରାହୁଲ କହିଛନ୍ତି । ରାହୁଲ କହିଛନ୍ତି ଯେ ଏହି ବଣ୍ଡରୁ ମିଳିଥିବା ଅର୍ଥରେ ବିଭିନ୍ନ ସରକାରର ପତନ କରାଯାଇଛି । କଂଗ୍ରେସ ପକ୍ଷରୁ ସୁପ୍ରିମ୍‌କୋର୍ଟ ଅଧ୍ୟକ୍ଷତାରେ ବିଜେପିର ବ୍ୟାଙ୍କ ଜମା ନେଇ ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି ।

କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ମହାରାଷ୍ଟ୍ରର ଥାନେରେ ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି ଯେ ନିର୍ବାଚନୀ ବଣ୍ଡ ହେଉଛି ବିଶ୍ୱର ସବୁଠୁ ବଡ ବଳ ପୂର୍ବକ ଚାନ୍ଦା ଆଦାୟ ର୍ୟାକେଟ୍ । ସମ୍ପୂର୍ଣ୍ଣ ତଥ୍ୟ ଆସିବା ପରେ ଏହି ଯୋଜନାକୁ ବାତିଲ୍ କରାଯିବା ଆବଶ୍ୟକ । ଯେଉଁ ଅର୍ଥଗୁଡିକ ରାଜନୈତିକ ଦଳକୁ ଦିଆଯାଇଛି ସେଥିରେ ବିରୋଧୀ ସରକାରକୁ ଭଙ୍ଗା ଯାଇଛି । କର୍ପୋରେଟ୍ ଚାନ୍ଦା ପ୍ରାୟ ୧୦୦୦ କୋଟି ଏକ ରାଜନୈତିକ ଦଳକୁ ଇଲୋକ୍ଟ୍ରାଲ୍ ବଣ୍ଡ ମାଧ୍ୟମରେ ମିଳିଛି । ମାତ୍ର ଏହାକୁ ଏବେ ମୁଖ୍ୟ ସମ୍ବାଦ କରାଯାଉନାହିଁ । ସମୟ ଆସିଛି ଏହି ବଣ୍ଡକୁ ବାତିଲ କରାଯାଉ । କଂଗ୍ରେସ ମଧ୍ୟ ବିଜେପି ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥର ଏକ ଉଚ୍ଚସ୍ତରୀୟ ତଦନ୍ତ ସୁପ୍ରିମ୍‌କୋର୍ଟ ଦ୍ୱାରା କରିବାକୁ ଦାବି କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଯେଉଁମାନେ ବିଜେପି ଆକାଉଣ୍ଟକୁ ଟଙ୍କା ଦେଇଛନ୍ତି ସେମାନେ କେନ୍ଦ୍ରର ବିଭିନ୍ନ ସଂସ୍ଥା ଦ୍ୱାରା ପ୍ରଥମେ ଚଢ଼ାଉର ଶୀକାର ହୋଇଛନ୍ତି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାକଥା । ମାତ୍ର ସେମାନେ ନିର୍ବାଚନୀ ବଣ୍ଡ ଜରିଆରେ ବିଜେପି ଆକାଉଣ୍ଟକୁ ତଥ୍ୟ ଦେଇଛନ୍ତି । ନିର୍ବାଚନୀ ବଣ୍ଡ ଯୋଜନାରେ ଗତ ୫ ବର୍ଷରେ ବିଜେପି ୬୦୬୦ କୋଟି ଟଙ୍କା ପାଇଛି । ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍ ତଥ୍ୟରୁ ଏହା ଜଣାପଡିଛି । ବିଜେପି ଏପ୍ରିଲ ୨୦୧୯ରୁ ଏପର୍ଯ୍ୟନ୍ତ ଏହି ବଣ୍ଡରୁ ସିଂହଭାଗ ଅର୍ଥ ନେଇଥିବାବେଳେ ଅନ୍ୟ ଦଳ ଅଳ୍ପ ଅର୍ଥ ନେଇଛନ୍ତି । ୧୫ ରୁ ୩୦ କମ୍ପାନୀ ଇଲୋକ୍ଟ୍ରାଲ୍ ବଣ୍ଡ ଜରିଆରେ ଟଙ୍କା ଦେଇଛନ୍ତି । ଏହି କମ୍ପାନୀଗୁଡିକ ଇଡି ଓ ଆଇଟି ଚଢ଼ାଉର ସମ୍ମୁଖୀନ ହୋଇଛନ୍ତି । ସେମାନେ ମଧ୍ୟ ଇଡି, ସିବିଆଇ ଓ ଆଇଟିର ନଜରରେ ରହିଥିଲେ । ଇତିଅବସରରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନେ ଖଡ୍‌ଗେ କହିଛନ୍ତି ଯେ ଯେଉଁମାନେ କେନ୍ଦ୍ରୀୟ ସଂସ୍ଥାର ତଦନ୍ତ ବା ଚଢ଼ାଉର ସମ୍ମୁଖୀନ ହୋଇଛନ୍ତି ସେମାନେ ବିଜେପିକୁ (୯ ପୃଷ୍ଠାରେ)

### ଇଭିଏମ୍ ପରିବର୍ତ୍ତେ ବାଲାଟରେ ଭୋଟ୍

## କଂଗ୍ରେସ ଆବେଦନକୁ ଗ୍ରହଣ କଲେନି ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୫।୩ : ଆଗାମୀ ଲୋକସଭା ନିର୍ବାଚନକୁ ବାଲାଟ ପେପରରେ କରିବା ଲାଗି କଂଗ୍ରେସ ନେତାଙ୍କ ପକ୍ଷରୁ ଯେଉଁ ଆବେଦନ ହୋଇଥିଲା ସୁପ୍ରିମ୍‌କୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି । କଂଗ୍ରେସ ନେତା ଦର୍ଶାଇଥିଲେ ଯେ ନିର୍ବାଚନ କମିଶନଙ୍କୁ ବାଲାଟ ପେପରରେ ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉ । ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମଥୁରା ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଇଭିଏମ୍ ନେଇ ଉଠାଇଥିବା ଚିନ୍ତା ସମ୍ପର୍କରେ ମାମଲାର ଶୁଣାଣି କରିଥିଲେ । ସେ କହିଥିଲେ ଯେ ଏହି ମାମଲାରେ କେତେ ଜାଚିକାକୁ ଆମେ ଗ୍ରହଣ କରିବୁ । ଆମେ କୌଣସି ଆକଳନ ବା ଆଶଙ୍କାକୁ ନେଇ କାର୍ଯ୍ୟ କରିବୁ ନାହିଁ । ପ୍ରତ୍ୟେକ ପଦ୍ଧତିର ସକରାତ୍ମକ ଓ ନକରାତ୍ମକ ଦିଗ ରହିଛି । ଆମେ ଏହାକୁ ଗ୍ରହଣ କରିପାରିବୁ ନାହିଁ । ଜଷ୍ଟିସ୍ ଦିପଙ୍କର ଦତ୍ତ ଓ ଜର୍ଜ ମାସିସ୍ ଏହି ଖଣ୍ଡପୀଠରେ ସାମିଲ ହୋଇଥିଲେ । ଆବେଦନକାରୀ ନନ୍ଦିନୀ ଶର୍ମା ଉଲ୍ଲେଖ କରିଥିଲେ ଯେ ଇଭିଏମ୍‌କୁ ନେଇ ବିରୋଧୀ ଦଳଗୁଡିକ ଏବେ ଚିନ୍ତା ପ୍ରକଟ କରୁଛନ୍ତି । ତେଣୁ ବାଲାଟ୍ ପେପରରେ ଭୋଟ୍ କରାଯାଉ ।



### ବେସରକାରୀ ପୂର୍ଣ୍ଣ ସହାୟତାପ୍ରାପ୍ତ ମହାବିଦ୍ୟାଳୟର ଶିକ୍ଷକ, ଅଣ-ଶିକ୍ଷକଙ୍କ ଲାଗି ନିୟମାବଳୀ ସରଳ

ଭୁବନେଶ୍ୱର, ୧୫।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ନିମନ୍ତେ ସେବା ସୁବିଧା ଅନୁମୋଦନ କରିଛନ୍ତି ।

ପୂର୍ଣ୍ଣ ସହାୟତା ପାଉଥିବା ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସୁବିଧା ପାଇଁ ଓଡିଶା ସଂଶୋଧିତ ବେତନ ହାର ନିୟମ, ୨୦୧୭ ଅନୁସାରେ ପ୍ରଦାନ କରାଯାଉଥିବା ପରିବର୍ତ୍ତିତ ନିଶ୍ଚିତ କ୍ୟାରିୟର ପ୍ରଗତି ଯୋଜନାକୁ ସରଳ କରାଯାଇଛି । ଏବେ ୧୦୦% ଅନୁଦାନ ପାଇବା ତାରିଖ ପରିବର୍ତ୍ତେ ପ୍ରଥମ ଅନୁଦାନ ମିଳିବା ଦିନକୁ ଭିତ୍ତି କରି ଏମ୍‌ଏସିପି ନିର୍ଣ୍ଣୟ କରାଯିବ ।

ପୂର୍ଣ୍ଣ ସହାୟତା ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଶିକ୍ଷାଦାନ ବୃତ୍ତିରେ (୯ ପୃଷ୍ଠାରେ)

### ଦ୍ୱନ୍ଦ୍ୱ ବଢ଼ାଉଛି ବିଜେପି ନେତାଙ୍କ ବୟାନ

## ଓଡ଼ିଶା ସମ୍ପର୍କରେ ମୋଦି, ନଡ୍ଡା ନିଷ୍ପତ୍ତି ନେଇନାହାନ୍ତି : ଶାହା

ଭୁବନେଶ୍ୱର, ୧୫।୩ (ସବ୍ୟୁ) : ଆସନ୍ତାକାଲି ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ତାରିଖ ଘୋଷଣା ହେବ । ଲୋକସଭା ସହ ଓଡ଼ିଶା ବିଧାନସଭାର ମଧ୍ୟ ନିର୍ବାଚନ ହେବ । ହେଲେ ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ଶାସକ ଏବଂ ବିରୋଧୀଙ୍କ ପକ୍ଷରୁ ଆଗାମୀ ରାଜନୈତିକ ଦୃଶ୍ୟପଟ୍ଟ ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳୁନଥିବାରୁ ଦ୍ୱନ୍ଦ୍ୱ ଲାଗି ରହିଛି । ରାଜ୍ୟ ବିଜେପି ପକ୍ଷରୁ ଆଗାମୀ ନିର୍ବାନରେ ସମ୍ଭାବ୍ୟ ମେଣ୍ଟ ନେଇ କେତେବେଳେ କଣ କୁହାଯାଉଛି ତାହାର ତାଳମେଳ ରହୁନାହିଁ । କିନ୍ତୁ ଶେଷରେ ସବୁ ନିଷ୍ପତ୍ତି କେନ୍ଦ୍ରୀୟ ନେତାଙ୍କ ଉପରେ ନିର୍ଭର କରେ ବୋଲି ରାଜ୍ୟ ବିଜେପି ନେତା ଏହା କହି ନିଜ ମୁଣ୍ଡରୁ ଦାୟିତ୍ୱ ଛଡାଇ ଦେଇଛନ୍ତି । ଅପରପକ୍ଷରେ କ୍ଷମତାସୀନ ବିଜେଡି ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବ । ଦଳ ମେଣ୍ଟରେ ଲଢ଼ିବ ନା ଏକ ଲଢ଼ିବ ତାହା କେହି କହୁନାହାନ୍ତି । ଚର୍ଚ୍ଚା ଗୋଟିଏ ଧରିଛି ମେଣ୍ଟ ନିଷ୍ପତ୍ତି କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ନିର୍ଭର କରୁଛି । ମେଣ୍ଟ ନିଷ୍ପତ୍ତି ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କର ଆଜିର ବୟାନ ପୁଣି ଚର୍ଚ୍ଚାକୁ ବଢ଼ାଇଛି । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଅମିତ୍ ଶାହା କହିଛନ୍ତି ଯେ ଓଡ଼ିଶାରେ ଦଳ କିଭଳି ଆଗକୁ ବଢ଼ିବ ସେନେଇ ନିଷ୍ପତ୍ତି ହୋଇନାହିଁ । ମେଣ୍ଟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବା ରାଷ୍ଟ୍ରୀୟ ଅଧ୍ୟକ୍ଷ କୌଣସି ନିଷ୍ପତ୍ତି ନେଇନାହାନ୍ତି । ତେବେ ବିଜେପିର ସ୍ଥିତି ଉଭୟ ଲୋକସଭା ଓ ବିଧାନସଭାରେ ଗତଥର ଅପେକ୍ଷା ବେଶ୍ ସୁଧାର ହେବ ।

ଦିନକୁ ଦିନ ସମୟ ଗଡୁଥିବାରୁ ଏବେ ଦ୍ୱନ୍ଦ୍ୱରେ ନେତା ଓ କର୍ମୀ ପଡିଛନ୍ତି । ବିଶେଷକରି ବିଜେଡି ଛାଡି ବିଜେପିକୁ ଯାଇଥିବା କିଛି ନେତା ଏବେ ଆଶା ଓ ଆଶଙ୍କାରେ ରହିଛନ୍ତି । ସେହିଭଳି ଅନ୍ୟ ଦଳରୁ ଆସିଥିବା କିଛି ନେତା ମଧ୍ୟ ଆଶଙ୍କାରେ । ବିଜେଡିରେ ମଧ୍ୟ ଛାଇ ଯାଇଥିବା ନୀରବତା ଏବେ ନେତାଙ୍କ ମନରେ ଶଙ୍କା ସୃଷ୍ଟି କରୁଛି । ଯଦି ମେଣ୍ଟ ହୁଏ ସେମାନଙ୍କ ରାଜନୈତିକ ଭବିଷ୍ୟତ କଣ ହେବ ସେମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି । ପ୍ରଥମେ ମେଣ୍ଟ କଥା କେଉଁଠୁ ଆସିଲା ତାହାର ସୁରାକ୍ ମିଳୁନାହିଁ । ତେବେ ହଠାତ୍ ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ (୯ ପୃଷ୍ଠାରେ)




### ରାଜ୍ୟ କଂଗ୍ରେସର ନିର୍ବାଚନୀ ଇସ୍ତାହାର

## ରାଜ୍ୟବାସୀଙ୍କ ଲାଗି ୧୦ ଗ୍ୟାରେଣ୍ଟି

ଭୁବନେଶ୍ୱର, ୧୫।୩ (ସବ୍ୟୁ): ଓଡ଼ିଶାରେ ତେଲେଙ୍ଗାନା ଫର୍ମୁଲା ଆପଣାଇଲା କଂଗ୍ରେସ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନୀ ଇସ୍ତାହାର ଘୋଷଣା କରାଯାଇଛି । ରାଜ୍ୟବାସୀଙ୍କ ପାଇଁ ୧୦ଟି ଗ୍ୟାରେଣ୍ଟି ଦେଇଛି କଂଗ୍ରେସ । ଏଥିରେ ବିଶେଷ କରି କୃଷି ଓ କୃଷକ, ଶିଳ୍ପ, ମହିଳା, ଯୁବବର୍ଗଙ୍କ ପାଇଁ ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତିବାସିନ୍ଦା, ଅନୁସୂଚୀତ ଜାତି ଓ ଜନଜାତି ବର୍ଗଙ୍କୁ ଗୁରୁତ୍ୱ ଦିଆଯାଇଛି ।



ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରଭାରୀ ଡ.ଅଜୟ କୁମାର, ପିସିସି ସଭାପତିଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତୃବର୍ଗଙ୍କ ଉପସ୍ଥିତିରେ କଂଗ୍ରେସର ସଂକଳ୍ପ ପତ୍ର ଘୋଷଣା କରିଛନ୍ତି । କଂଗ୍ରେସ ଇସ୍ତାହାରରେ କହିଛି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ଘର ମୁଖ୍ୟ ମହିଳାଙ୍କୁ ୨ ହାଜର ଟଙ୍କା ଭତ୍ତା, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ୨ ହଜାର ଟଙ୍କା ମାସିକ ଭତ୍ତା, କୃଷକଙ୍କ ପାଇଁ ମାସିକ ପେନସନ୍ ୨ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛି କଂଗ୍ରେସ । ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଯାଏଁ ମାଗଣା ଚିକିତ୍ସା ବ୍ୟବସ୍ଥା କରାଇବାକୁ ନିଜ ଗ୍ୟାରେଣ୍ଟି ପତ୍ରରେ ଉଲ୍ଲେଖ କରିଛି କଂଗ୍ରେସ । ଖାଲି ସେତିକି ନୁହେଁ, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୬ ମାସରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଛି କଂଗ୍ରେସ । କୃଷିଋଣ ଛାଡ଼, ଧାନର କ୍ରୟ ମୂଲ୍ୟ ୩୦୦୦ ଟଙ୍କା, ଘରୋଇ ଉପଭୋକ୍ତାଙ୍କୁ ୨୦୦ୟୁନିଟ୍ ବିଦ୍ୟୁତ ଦେୟ ଛାଡ଼, ୫ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ମାସିକ ୩୦୦୦ ଟଙ୍କା ବେକାରୀ ଭତ୍ତା ପ୍ରଦାନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ଼, ୫୦୦ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ପ୍ରଦାନ, ଘରର ମୁଖ୍ୟ ମହିଳାଙ୍କୁ ମାସିକ ଭତ୍ତା ୨୦୦୦ ଟଙ୍କା ଆଦି ଦେବାକୁ ଗ୍ୟାରେଣ୍ଟି ଦେଇଛି କଂଗ୍ରେସ ।

ଏହି ଅବସରରେ ବିଜେଡି ଓ ବିଜେପିକୁ କଡ଼ା ଭାଷାରେ ସମାଲୋଚନା କରିଛି କଂଗ୍ରେସ । ଓଡ଼ିଶାକୁ ଗରିବରୁ ଅଧିକ ଗରିବ କରିବାରେ ବିଜେଡି ଓ ବିଜେପି ସରକାର ଦାୟୀ ବୋଲି ଅଭିଯୋଗ (୯ ପୃଷ୍ଠାରେ)





### ଓଡ଼ିଶା ସ୍କିଲ୍ସ' ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

# ୧୩୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପଦକ ଓ ସାର୍ଟିଫିକେଟ୍

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଥିବା ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ପ୍ରତିବର୍ଷ 'ଓଡ଼ିଶା ସ୍କିଲ୍ସ' ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଉଛି । ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ (ଓଏସଡିଏ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୨୩-୨୪ ବର୍ଷ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆଜି ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇ ୧୩୫ରୁ ଅଧିକ କୃତୀ ଛାତ୍ରଛାତ୍ରୀଙ୍କୁ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି ।



ଏହି ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୫-ଟି ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ 'ଓଡ଼ିଶା ସ୍କିଲ୍ସ'ର ପ୍ରତିଯୋଗୀମାନଙ୍କ ସହ ଭାବ ବିନିମୟ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା 'ଇଣ୍ଡିଆ ସ୍କିଲ୍ସ' ଓ 'ୱାର୍ଲ୍ଡ ସ୍କିଲ୍ସ'ରେ ଭଲ ପ୍ରଦର୍ଶନ କରିବା ଲାଗି ସେ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଯୁବପିଢ଼ିଙ୍କୁ ଉତ୍ସାହିତ କରିବାକୁ ଯାଇ ଶ୍ରୀ ପାଣ୍ଡିଆନ୍ କହିଲେ ଯେ, କୌଣସି ଟ୍ରେଡ ପାଇଁ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ନିଜ ଟ୍ରେଡକୁ ଯଥୋଚିତ ସମ୍ମାନ ଦେବା ଉଚିତ । ଫଳରେ ପିଲାମାନେ ଆଗକୁ ଯାଇ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିପାରିବେ ଏବଂ ନିଜକୁ ଜଣେ ପେଶାଦାର ଓ କୁଶଳୀ ଭାବେ ଦୁନିଆ ଆଗରେ ନିଜର ପରିଚୟ ସୃଷ୍ଟି କରିବେ । ଏବେ ମୁଖ୍ୟମନ୍ତ୍ରୀ ଓଡିଶାକୁ ଏକ ସ୍କିଲ କ୍ୟାପିଟାଲ ଭାବେ ଗଢି ତୋଳିଛନ୍ତି ଯାହା ସ୍କିଲ ଇନ ଇଣ୍ଡିଆକୁ ଏକ ଗ୍ଲୋବାଲ ବ୍ରାଣ୍ଡ ଭାବେ ପରିଚିୟ ଦେବ । ଏହି ବିଶ୍ୱ ଦକ୍ଷତା କେନ୍ଦ୍ର ଆଗାମୀ ଦିନରେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କିଲ୍‌ରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପାଣ୍ଡିଆନ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଓଏସଡିଏ ଅଧକ୍ଷା ଶ୍ରୀମତୀ ଅଳକା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ଓଡିଶା ବର୍ତ୍ତମାନ ବିଶ୍ୱର ସ୍କିଲ କ୍ୟାପିଟାଲ ଭାବେ ପରିଗଣିତ ହେବାକୁ ଯାଉଛି । 'ଓଡ଼ିଶା ସ୍କିଲ୍ସ' ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଆଇଟିଆଇ, ପଲିଟେକନିକ୍ ଏବଂ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଅନୁଷ୍ଠାନରୁ ଆସିଥିବା ୮୦୦ରୁ ଅଧିକ ଛାତ୍ରଛାତ୍ରୀ ୬ଟି କ୍ଷେତ୍ରରେ ହୋଇଥିବା ୪୫ଟି ଦକ୍ଷତାରେ ସେମାନଙ୍କ ପ୍ରତିଭା ଦେଖାଇଥିଲେ । ପ୍ରାରମ୍ଭରେ ଓଏସଡିଏର ସିଇଓ ଶ୍ରୀ ରେଘୁ ଜି ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ ଓଡ଼ିଶା ଦକ୍ଷତା ଓ ମିଶନ ବିଶ୍ୱ ଦକ୍ଷତା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । ପୁରସ୍କାର ପ୍ରଦାନ ଉତ୍ସବରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧକ୍ଷ ଶ୍ରୀ ଥମ୍ୱୟରାଜ ଟି ଅତିଥି ପରିଚୟ ଦେଇଥିବାବେଳେ ବିଶ୍ୱ ଦକ୍ଷତା କେନ୍ଦ୍ରର ଉପାଧ୍ୟକ୍ଷ ଡକ୍ଟର ଶୁଭଙ୍ଗ କିଶୋର ଦାସ ଧନ୍ୟବାଦ ଦେଇଥିଲେ ।

### ସଦଗୁରୁ ହସ୍ପିଟାଲରେ କିଡନୀ ଦିବସ

# ଚିକିତ୍ସା ଅପେକ୍ଷା ସଚେତନତା ଗୁରୁତ୍ୱପୂର୍ଣ୍ଣ

କଟକ,(ସ.ବ୍ୟୁ): କିଡନୀ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଭିଟାମିନ-ଡି ତିଆରି କରିବା ଠାରୁ ଆରମ୍ଭ କରି ଶରୀରକୁ ଆବଶ୍ୟକୀୟ ଉପଦାନ ଯୋଗାଇବାରେ କିଡନୀର ମୁଖ୍ୟ ଭୂମିକା ରହିଥାଏ । ଲୋକେ କିଡନୀ ପ୍ରତି ଯତ୍ନବାନ ହେବା ଦରକାର। ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା, ପ୍ରଚୁର ପରିମାଣର ପାଣି ପିଇବା, ଅଧିକ ପେନ୍‌କିଲର ଔଷଧ ନଖାଇବା, ମେଦ ବହୁଳତା ହ୍ରାସ କରିବା ଦିଗରେ ଗୁରୁତ୍ୱ ଦେବା ଉଚିତ। ମଧୁମେହ ଓ ଉଚ୍ଚରକ୍ତଚାପ କିପରି ନହେବ ସେଥିପାଇଁ ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ। ତମାଖୁ ସେବନ ଠାରୁ ଦୂରରେ ରହିବା ସହ ଶାରୀରିକ ପରିଶ୍ରମ କରିବା ଉଚିତ। ତେବେ କିଡନୀ ରୋଗ କ୍ଷେତ୍ରରେ ଚିକିତ୍ସା ଅପେକ୍ଷା ସଚେତନତା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସଦଗୁରୁ ହସ୍ପିଟାଲ ପକ୍ଷରୁ ଆୟୋଜିତ ବିଶ୍ୱ କିଡନୀ ଦିବସ ପାଳନ ଅବସରରେ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ସଦଗୁରୁ ହସ୍ପିଟାଲ ଆନୁକୂଲ୍ୟରେ ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ (ସୋଟୋ), ରୋଟାରୀ କ୍ଲବ ଅଫ ଗୋଲ୍ଡେନ ଷ୍ଟାର କଟକର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜଗତପୁର ଅଞ୍ଚଳରେ ଏକ ୱାକାଥନ ଶୋଭାଯାତ୍ରା ମାଧ୍ୟମରେ କିଡନୀ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଚୌଦ୍ୱାର ୱାଇଜମ୍ୟାନ କ୍ଲବ ପକ୍ଷରୁ ଅଙ୍ଗଦାନ ମହାପୁଣ୍ୟ ଶୀର୍ଷକ ନାଟକ ପରିବେଷିତ ହୋଇଥିଲା। ଏଥିରେ ବରିଷ୍ଠ ନେଫ୍ରୋଲୋଜି ଚିକିତ୍ସକ ପ୍ରଫେସର ଶଶୀଭୂଷଣ ରାଉତ ଅତିଥି ଭାବେ ଯୋଗ ଦେଇ କିଡନୀ କିପରି ସୁସ୍ଥ ରହିବ ସେ ଦିଗରେ ଆଲୋକପାତ କରିଥିଲେ। ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସମୀର ସ୍ୱାଇଁ ଯୋଗ ଦେଇ କାଡାଭରିକ ପ୍ରତିରୋପଣ ଜରିଆରେ ଏକ ସୁସ୍ଥ କିଡନୀ କିପରି ଅନ୍ୟ ଶରୀରରେ ପ୍ରତିରୋପିତ ହୋଇଥାଏ ସେ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ। ରୋଟାରିଆନ ଡାକ୍ତର ସୁଜିତ ସାହୁ ଯୋଗ ଦେଇ ବିଶ୍ୱ କିଡନୀ ଦିବସ ପାଳନ ପରିପ୍ରେକ୍ଷୀରେ ସୁସ୍ଥ କିଡନୀ ନିମନ୍ତେ ରହିଥିବା ବାର୍ତ୍ତା ସଂକ୍ରାନ୍ତରେ କହିଥିଲେ। ସୋଟୋର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ବିଭୂତିଭୂଷଣ ନାୟକ ଅତିଥି ଭାବେ ଯୋଗ ଦେଇ ଅଙ୍ଗଦାନର ମହତ୍ତ୍ୱ ଏବଂ ରାଜ୍ୟ ସରକାରଙ୍କ ସୂରଜ ପୁରସ୍କାର ସଂକ୍ରାନ୍ତରେ ମତପୋଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସଦଗୁରୁ ହସ୍ପିଟାଲ ପକ୍ଷରୁ ୧୦୦ଜଣ ଅଙ୍ଗଦାନ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ ସଦଗୁରୁ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ସମିତା ମହାନ୍ତି, ସିଇଓ ରାହୁଲ ପ୍ରତ୍ୟୁଷ ମହାନ୍ତିଙ୍କ ସମେତ ହସ୍ପିଟାଲର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।




# ସୂଚନା ଓ ଲୋକସଂପର୍କ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ସୂଚନା ଓ ଲୋକସଂପର୍କ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କର ଶୁକ୍ରବାର ସକାଳେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ତାଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରିଛନ୍ତି । ଶ୍ରୀ ମଲ୍ଲିକ ପାର୍କରେ ବ୍ୟାୟାମ କରିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ । ତାଙ୍କୁ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇବା କ୍ଷଣି ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ପହଞ୍ଚିଥିଲେ । ପରେ ମୃତଶରୀରକୁ ତାଙ୍କ ସରକାରୀ ବାସଭବନକୁ ଅଣାଯାଇଥିଲା । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଶବାଧାରରେ ମାଲ୍ୟାର୍ପଣ କରିଥିଲେ । ସରକାରୀ ବାସଭବନ ଓ ଡାକ୍ତରଖାନା ପରିସରରେ ପ୍ରଫୁଲ୍ଲଙ୍କ ପରଲୋକରେ ଶୋକାକୁଳ ଆତ୍ମୀୟସ୍ୱଜନ ଓ ବିଭାଗର ସହକର୍ମୀ ତଥା ସତୀର୍ଥମାନଙ୍କ ଧାଡ଼ି ଲମ୍ବିଥିଲା । ଅପରାହ୍ନରେ ମୃତଦେହକୁ ସୂଚନା ଓ ଲୋକସଂପର୍କ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ଶତାଧିକ କର୍ମଚାରୀ, ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ । ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର, ନିର୍ଦ୍ଦେଶକ ଶ୍ରୀ ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର ସିଂ, ବିଶ୍ୱଜିତ ଦାଶଙ୍କ ସମେତ ସମସ୍ତ ଉପନିର୍ଦ୍ଦେଶକ, ଅଧିକାରୀ ଓ କର୍ମଚାରୀବୃନ୍ଦ ମାଲ୍ୟାର୍ପଣ କରିଥିଲେ । ତାଙ୍କ ବିୟୋଗରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ଓ ନିର୍ଦ୍ଦେଶକ ଶ୍ରୀ ସାମଲଙ୍କ ଉପସ୍ଥିତିରେ ନୀରବ ପ୍ରାର୍ଥନା କରାଯାଇଥିଲା ।



ଶ୍ରୀ ମଲ୍ଲିକ ୧୯୯୪ ମସିହାରେ ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ । ଧର୍ମଗଡ଼ରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବରେ କାର୍ଯ୍ୟ ଆରମ୍ଭ କରି ସେ ପରେ ଜୟପୁର, କୋରାପୁଟରେ ଦାୟିତ୍ୱ ନିର୍ବାହ କରିଥିଲେ । ଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶାଳୟରେ ଯୋଗଦେଇ ସେ ସୂଚନା ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ । ପ୍ରକାଶନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଲୋକସଂପର୍କ ଅଧିକାରୀ ଭାବରେ ସେ କାର୍ଯ୍ୟରତ ଥିଲେ । ଶ୍ରୀ ମଲ୍ଲିକ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ଥିଲେ । ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲା କହନା ଗ୍ରାମରେ ଅନ୍ତ୍ୟେଷ୍ଟିକ୍ରିୟା ହେଉଛି ।

## ପାମ୍ ତେଲ ଓ ପୋଷଣ ତତ୍ତ୍ୱର ମିଳିତ ପ୍ରଭାବ

ଭୁବନେଶ୍ୱର (ସବ୍ୟୁ) : ଏକ ବହୁମୁଖୀ ଓ ବହୁମାତ୍ରାରେ ବ୍ୟବହୃତ ହେଉଥିବା ରନ୍ଧନ ତେଲ, ପାମ୍ ତେଲ କେବଳ ରୋଷେଇରେ ବ୍ୟବହାର ପାଇଁ ନୁହେଁ ବରଂ ଏହାର ପ୍ରଚୁର ପୋଷକତତ୍ତ୍ୱଗୁଡିକ ପାଇଁ ସ୍ୱୀକୃତି ଲାଭ କରିଛି। ଆମ ପସନ୍ଦର ଖାଦ୍ୟଗୁଡିକର ସ୍ୱାଦ ଓ ଟେକ୍ସଚରକୁ ଉନ୍ନତ କରିବା ବ୍ୟତୀତ ପାମ୍ ତେଲରେ ପୋଷକତତ୍ତ୍ୱ ଗୁଡିକର ଏକ ସ୍ୱତନ୍ତ୍ର ମିଶ୍ରଣ ରହିଛି ଯାହା ସାମଗ୍ରିକ ସୁସ୍ଥତାରେ ସକ୍ରିୟ ଭାବେ ଯୋଗଦାନ ଦେଇଥାଏ। ନିଜର ପୋଷଣୀୟ ସମାନତା ଓ ବିବିଧ ଲାଭ ସହିତ ପାମ୍ ତେଲ ସାମଗ୍ରିକ ସୁସ୍ଥତା ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏମ୍‌ପିଓସି ଏହାର ସୁ-ସନ୍ତୁଳିତ ଫ୍ୟାଟି ଏସିଡ୍, ଆଂଟିଅକ୍ସିଡାଂଟ୍ ଓ ପ୍ରୋଭିଟାମିନ୍ ଏର ମହତ୍ତ୍ୱକୁ ରେଖାଙ୍କିତ କରିଛି। ରୋଷେଇରେ ପ୍ରୟୋଗ କରାଯିବା ବ୍ୟତୀତ ପାମ୍ ତେଲର ସକାରାତ୍ମକ ପ୍ରଭାବ ଉଭୟ ପୋଷଣଯୁକ୍ତ ସୁସ୍ଥତା କ୍ଷେତ୍ରରେ ପ୍ରତିଧ୍ୱନିତ୍ୱ କରୁଛି ଯାହା ଏକ ସୁସ୍ଥ ଭବିଷ୍ୟତ ପ୍ରତି ଏମ୍‌ପିଓସିର ଉତ୍ସର୍ଗୀକୃତତା ସହ ଜଡିତ ରହିଛି।

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବୈଠକ

# ପାଳନ କରିବ ଡ. ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର (ସବ୍ୟୁ): ନବ ଓଡ଼ିଶାର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କର ୧୨୫ତମ ଜନ୍ମ ଶତବାର୍ଷିକୀକୁ ରାଜ୍ୟ ସରକାର ପାଳନ କରିବେ । ଆସନ୍ତା ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଏଥି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ଭବନଠାରେ ଏଥଲନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ପାର୍ଲାମେଣ୍ଟ ଏବଂ ଓଡ଼ିଶା ବିଧାନସଭାରେ ଥଳବା ଡ. ମହତାବଙ୍କ ପ୍ରମୁଖ ବକ୍ତବ୍ୟ ଓ ପ୍ରସ୍ତାବଗୁଡ଼ିକୁ ଏକତ୍ର କରାଯାଇ ଏକ ସଂକଳନ ପ୍ରକାଶ କରାଯିବ । ମହତାବଙ୍କ ଜୀବନୀ ତଥା କୃତି ସମ୍ପର୍କିତ ସମ୍ମାନ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଡ. ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ । ତାଙ୍କ ଜନ୍ମପୀଠ ଭଦ୍ରକ ଜିଲ୍ଲା ଅଗରପଡ଼ା ଗ୍ରାମକୁ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରାଯାଇ ତାଙ୍କ ନାମରେ ପାଠାଗାର ଓ ପାର୍କ ପ୍ରତିଷ୍ଠା କରାଯିବ ତାଙ୍କ ଜୀବନୀ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯିବ ।

ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ମହତାବଙ୍କ ଜୀବନ ସମ୍ପର୍କିତ ଆଲୋଚନା ତଥା ପ୍ରତିଯୋଗିତାମାନ କରାଯିବ । ନଭେମ୍ବର ୧୯, ୨୦ ଓ ୨୧ ତାରିଖ ତିନିଦିନ ଧରି ଉତ୍ସବ ହେବ ଏବଂ ସବୁ ଜିଲ୍ଲା ସଦର ମହକୁମାରେ ସ୍ୱତନ୍ତ୍ର ନୃତ୍ୟନାଟିକା ପରିବେଷଣ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସହିତ ରାଜ୍ୟ ଅଭିଲେଖାଗାର, ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପକ୍ଷରୁ ଏହି କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବ । ଅନୁଷ୍ଠିତ ବୈଠକରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥଲବାବେଳେ ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଡ. ମହତାବ ମେମୋରିଆଲ ସେଣ୍ଟର ସଦସ୍ୟ ଉପେନ୍ଦ୍ର ପାଢ଼ୀ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।



### ସାମ୍ବାଦିକଙ୍କ ଦାବି ପ୍ରତି ସରକାରଙ୍କ ଅଣଦେଖା

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ କଳାବ୍ୟାଜ୍ ପରିଧାନ

ଭୁବନେଶ୍ୱର (ସବ୍ୟୁ): ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସରକାର ସବୁବର୍ଗଙ୍କ ପାଇଁ କିଛି ନା କିଛି ସୁବିଧା ସୁଯୋଗ ଘୋଷଣା କରୁଥିବା ବେଳେ ସାମ୍ବାଦିକଙ୍କ ଦାବି ପ୍ରତି ଅଣଦେଖା କରିବାକୁ ନେଇ ରାଜ୍ୟବ୍ୟାପୀ ସାମ୍ବାଦିକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଏଭଳି ବୈମାତୃକ ମନୋଭାବ ବିରୁଦ୍ଧରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନକ୍ରମେ ସମଗ୍ର ରାଜ୍ୟରେ ହଜାର ହଜାର ସାମ୍ବାଦିକ କଳାବ୍ୟାଚ୍ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ ଜାରି ରଖିଛନ୍ତି । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନସନ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ବାପା ମାଆ ଓ ପଚିଶବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ୍ ଏବଂ ପ୍ରେସ୍ ଏକାଡ଼େମୀ ଗଠନ ଇତ୍ୟାଦି ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ ସହ ବିଭିନ୍ନ ସମୟରେ ଏ ନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜାନୁଆରୀ ମାସରେ ସମଗ୍ର ତିରିଶ ଜିଲ୍ଲାରେ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଆୟୋଜନ କରାଯାଇଥିଲା। ମାତ୍ର ସରକାରଙ୍କ ଉଦାସୀନତା ମନୋଭାବ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନଙ୍କୁ ବ୍ୟଥିତ କରିଛି । ଏହି କ୍ରମରେ ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ଜୟଦେବ ଭବନ ସମ୍ମୁଖରେ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରମେଶ ମହାନ୍ତି, ସନତ ମିଶ୍ର, ପାର୍ଥସାରଥୀ ଜେନା, ବିମଳ ପ୍ରଧାନ, ରଣଜିତ ପଟ୍ଟନାୟକ, ଟୁଲୁ ପାତ୍ର, ପିୟୁଷ ମହାନ୍ତି, ଜିତେନ୍ଦ୍ର ସାହୁ ପ୍ରମୁଖ ଭାଗ ନେଇଥିଲେ। ଦାବିପୂରଣ ନହେବା ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ସମଗ୍ର ରାଜ୍ୟରେ ବଳବତ୍ତର ରହିବା ସହ ନିର୍ବାଚନ ଅବସରରେ ମଧ୍ୟ ସାମ୍ବାଦିକମାନେ କଳାବ୍ୟାଚ୍ ପରିଧାନ କରି ଦାୟିତ୍ୱ ନିର୍ବାହ କରିବେ ବୋଲି ସଭାପତି ଶ୍ରୀ କର ଘୋଷଣା କରିଛନ୍ତି ।




## ଟପ୍ଲାଇନ୍‌କୁ ଅଧିଗ୍ରହଣ କଲା ଏଚଆଇଏଲ

ଭୁବନେଶ୍ୱର (ସବ୍ୟୁ): ୨.୯ ବିଲିୟନ ଡ଼ଲାରର ସି.କେ ବିର୍ଲା ଗ୍ରୁପ୍‌ର ଏକ ଅଂଶ ଏଚଆଇଏଲ ଲିମିଟେଡ୍ ସହିତ ପୂର୍ବ ଭାରତର ପାଇପ୍ ଏବଂ ଫିଟିଙ୍ଗ୍ ବ୍ରାଣ୍ଡ୍ ଟପ୍ଲାଇନ୍‌କୁ ଅଧିଗ୍ରହଣ ପାଇଁ କ୍ରେଷ୍ଟିଆ ପଲିଟେକ୍ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ୨୬୫ କୋଟି ପାଇଁ ପଲିଟେକ୍ସ୍‌, ଆଦିତ୍ୟ ଇଣ୍ଡଷ୍ଟ୍ରିଜ୍ ଏବଂ ସାଇନାଥ ପଲିମର ଆନୁମାନିକ କାରବାର ସହିତ କ୍ରେଷ୍ଟିଆ ଏବଂ ଏହାର ସହାୟକ କମ୍ପାନୀଗୁଡିକ । ଆର୍ଥିକ ବର୍ଷ୨୪ ରେ ପାଇପ୍, ଫିଟିଙ୍ଗ୍ ଏବଂ ୱାଟର ଟ୍ୟାଙ୍କ ସେକ୍ଟରରେ ଟପ୍ଲାଇନ୍, ରକ୍ୱେଲ୍, ଏବଂ ସୋନିପ୍ଲାଷ୍ଟ ତିନୋଟି ଫ୍ଲାଗସିପ୍ ବ୍ରାଣ୍ଡ ସହିତ ୩୩୦ କୋଟିର କରୋବାର କରିଛି। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ତଥା ଏଚଆଇଏଲ ର ସିଇଓ ଅକ୍ଷତ ସେଠ କହିଛନ୍ତି, ଟପ୍ଲାଇନ୍‌ର ଅନନ୍ୟ କ୍ଷମତା ଏଚଆଇଏଲର ପୋର୍ଟଫୋଲିଓକୁ ସମ୍ପୂର୍ଣ୍ଣ ରୂପେ ପରିପୂର୍ଣ୍ଣ କରେ ଏବଂ ଆମ ପାଇଁ ନୂତନ ଉତ୍ପାଦ ବିଭାଗ ଏବଂ ବଜାର ଖୋଲିଥାଏ । ଏହି ଅଧିଗ୍ରହଣ ଆମର ବଡ଼ ବିଭାଗରେ ଯଥା ଉଚ୍ଚ ସାନ୍ଦ୍ରତା ପଲିଥିନ, ମଧ୍ୟମ ସାନ୍ଦ୍ରତା ପଲିଥିନ ଏବଂ ୱାଟର ଟ୍ୟାଙ୍କରେ ପ୍ରବେଶକୁ ସକ୍ଷମ କରିବ ।

# ବୈଶାଖୀ ବାଣିଜ୍ୟ ମେଳାରେ ରୁଚି ମଣ୍ଡପର ଆକର୍ଷଣ

କଟକ, (ସ୍ୱପ୍ର): ୨୦ତମ କଟକ ବୈଶାଖୀ ବାଣିଜ୍ୟମେଳା ଐତିହାସିକ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହୋଇଛି । ମେଳାର ମୁଖ୍ୟ ପ୍ରାୟୋଜକ ରୁଚି ମସଲା ପକ୍ଷରୁ ଏହି ଅବସରରେ ମସଲା ମଣ୍ଡପ, ଖାଦ୍ୟ ମଣ୍ଡପ ଏବଂ ଅଭ୍ୟର୍ଥନା ମଣ୍ଡପ ଉଦଘାଟିତ ହୋଇଥିଲା । ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସେଲ୍‌ସ ହେଡ୍ ଦିଲ୍ଲୀପ ସାହୁ, ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ, ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ, ମଡ଼ର୍ଣ୍ଣ ଟ୍ରେଡ୍ ମୁଖ୍ୟ ସାଇସମ୍ମିତା ନାୟକ ପ୍ରମୁଖ ରୁଚିମଣ୍ଡପକୁ ଉଦଘାଟନ କରିଥିଲେ । ରୁଚି ପକ୍ଷରୁ ପ୍ରତି ସାମଗ୍ରୀ କ୍ରୟ ଉପରେ ଗୋଟିଏ ପ୍ୟାକ୍ ଫ୍ରି ରହିଥିଲାବେଳେ ଫେଷ୍ଟିଭାଲ ବୋନାଞ୍ଜା ଅଫର୍ ଯୋଜନାରେ ବୈଶାଖୀ ମେଳାର ଶେଷଦିନରେ ଦୁଇଟି ବିଦ୍ୟୁତ୍ ଚାଳିତ ଯାନ ଉପହାର ଆକାରରେ ରହିଛି । ଫୁଡ୍ ମଣ୍ଡପରେ ପାରମ୍ପାରିକ ବିଭିନ୍ନ ଖାଦ୍ୟ ଓ ଚାଇନିଜ୍ ଖାଦ୍ୟ, ପାନୀୟ ମୁଖ୍ୟ ଆକର୍ଷଣ ରହିଛି । ସେହିଭଳି ରୁଚି ସାମଗ୍ରୀ ପ୍ୟାକ୍ କ୍ରୟ ଉପରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଉପହାର ସାମଗ୍ରୀ ମଧ୍ୟ ରହିଛି । ଅନ୍ୟମାନଙ୍କ ମଧ୍ୟରେ ରୁଚିର ବିଭିନ୍ନ ବିଭାଗର ଅଧିକାରୀ ଆଲୋକ ଦାସ, ଅବିନାଶ ସିଂହ, ସରିତା ରାଉତ, ନ୍ୟାୟବ୍ରତ ରାଉତ, ସାଗର ରଂଜନ ବାରିକ, ସୋନାଲି ସାହୁ, ଶୁଭାଶିଷ ଜେନା, ଅରକ୍ଷିତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ହ୍ୱାଇଟ କାନଭାସର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ଟିଣ୍ଟୁ ମିଶ୍ର ଓ ଜ୍ଞାନରଂଜନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଲାଗୁ କଲା ଟିପିଏସ୍ଓଡିଏଲ୍
## ଗ୍ରୀଷ୍ମ କାଳରେ ସୁରକ୍ଷା ଓ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ପ୍ରାଥମିକତା



ବ୍ରହ୍ମପୁର, (ସବ୍ୟୁ): ଚଳିତ ଗ୍ରୀଷ୍ମ କାଳରେ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ସର୍ବାଧିକ ଗୁରୁତ୍ୱ ଦେଉଛି । ସୁରକ୍ଷା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନପୂର୍ବକ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ଏହି ଦିଗରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗକୁ ପ୍ରାଥମିକତା ଦେଇ କମ୍ପାନୀ ନିଜର ସମସ୍ତ ସ୍ଥାନରେ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥାକୁ ଲାଗୁ କରିଛି । ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି ଡ୍ରୋନ୍ ନିରୀକ୍ଷଣ ମାଧ୍ୟମରେ ବିଜୁଳି ଭିତ୍ତିଭୂମିର ନିରୀକ୍ଷଣ ଅଧିକ ସଠିକ ହୋଇପାରିଛି । ରିଅଲ୍ ଟାଇମ୍ ଏରିୟାଲ୍ ଭ୍ୟୁ ଦ୍ୱାରା କାର୍ଯ୍ୟରତ ର୍ମଚାରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରାଯାଉଛି । ବ୍ୟକ୍ତିଗତ ଭାବେ କର୍ମଚାରୀମାନଙ୍କୁ ବିଜୁଳି ଭିତ୍ତିଭୂମି ପାଖରେ ପହଞ୍ଚି ସ୍ଥିତି ଯାଞ୍ଚ କରିବାକୁ ପଡୁନାହିଁ । ବିଶେଷ କରି ଭୌଗୋଳିକ ଦୃଷ୍ଟିକୋଣରୁ ଦୁର୍ଗମ ଅଞ୍ଚଳଗୁଡ଼ିକରେ ବିଜୁଳି ଭିତ୍ତିଭୂମିଗୁଡ଼ିକର ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ କରାଯାଇପାରୁଛି ।

ସେହିଭଳି ଲାଇନମ୍ୟାନ୍ ତଥା ଅନ୍ୟ କର୍ମଚାରୀମାନେ କାର୍ଯ୍ୟ କରିବା ବେଳେ ସୁରକ୍ଷା ସରଞ୍ଜାମ ବ୍ୟବହାର କରୁଛନ୍ତି କି ନାହିଁ ତାହା ଉପରେ ନଜର ରଖାଯାଇପାରୁଛି । ଯାହାଫଳରେ ବିଜୁଳି ସୁରକ୍ଷା ସୁନିଶ୍ଚିତ ହେଉଛି ଏହି ପ୍ରଯୁକ୍ତି ବିଦ୍ୟାସମ୍ପର୍ଣ୍ଣ ନିରୀକ୍ଷଣ ବ୍ୟବସ୍ଥା ଦକ୍ଷିଣ ଓଡ଼ିଶାର ସମସ୍ତ ଜିଲ୍ଲା, ଯଥା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ ଓ ବୌଦ୍ଧରେ ଲାଗୁ ହୋଇଛି ଛ ଘନ ଜଙ୍ଗଲ, ପାହାଡ଼-ପର୍ବତ ତଥା ଦୁର୍ଗମ ଅଞ୍ଚଳରେ ଭରା ଦକ୍ଷିଣ ଓଡ଼ିଶାର ୪୮,୭୫୧ ବର୍ଗ କିଲୋମିଟର ଅଞ୍ଚଳରେ ଏହି ଡ୍ରୋନ୍ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରାଯାଇଛି ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥାରେ ଡ୍ରୋନ୍ ବିଜୁଳି ଭିତ୍ତିଭୂମି ଗୁଡ଼ିକର ଫଟୋ ଓ ଭିଡିଓ ଉତ୍ତୋଳନ କରେ । ଡ୍ରୋନରେ ଥିବା ଥର୍ମାଲ ଭିଜନ୍ କ୍ୟାମେରା ବିଜୁଳି ଉପକରଣରେ ଥିବା ବୈଦ୍ୟୁତିକ ତ୍ରୁଟି ଓ ହିଟ୍-ଅପ୍ ସ୍ପଟକୁ ଚିହ୍ନଟ କରେ । ସାଧାରଣତଃ ଏହି ବୈଦ୍ୟୁତିକ ତ୍ରୁଟିଗୁଡ଼ିକ ଖାଲି ଆଖିକୁ ଦେଖାଯାଏନାହିଁ । ଯାହା ଥର୍ମାଲ ଭିଜନ୍ କ୍ୟାମେରାରେ ସ୍ପଷ୍ଟ ଜାଣିହୁଏ । ଡ୍ରୋନ୍ ମାଧ୍ୟମରେ ତ୍ରୁଟି ଚିହ୍ନଟ ହେବା ପରେ ମାନୁଆଲ ପଦ୍ଧତିରେ ରିପୋର୍ଟ ପ୍ରସ୍ତୁତ କରାଯାଏ । ଆବଶ୍ୟକୀୟ ପଦକ୍ଷେପ ପାଇଁ ରିପୋର୍ଟକୁ ଅପରେସନ୍ ଓ ପ୍ରୋଜେକ୍ଟ ବିଭାଗକୁ ପଠାଯାଇଥାଏ ।

ଏହି ପଦ୍ଧତି ବିଜୁଳି ଯୋଗାଣ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସେବାକୁ ସୁନିଶ୍ଚିତ କରେ । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଆମର ସୁରକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଅଟେ । ବିଶେଷ କରି ଗ୍ରୀଷ୍ମ କାଳରେ ଆମେ ଉପଭୋକ୍ତାଙ୍କୁ ସର୍ବୋତ୍ତମ ସେବା ଦେବାକୁ ପ୍ରତିଶ୍ରୁତିବଦ୍ଧ ।

# ସ୍କୁଟି ଛଡ଼ାଇ ନେବା ଅଭିଯୋଗରେ ଦୁଇ ଗିରଫ

ଆସିକା, (ସବ୍ୟୁ): ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ସ୍କୁଟି ଗାଡ଼ି ଋଣ ନେଇ କିସ୍ତି ପୈଠ ନକରିବା ଓ ସମ୍ପୃକ୍ତ ସଂସ୍ଥା ଦୁଇ ଯୁବକ ଶକ୍ତି ବିନିଯୋଗ କରି ରାସ୍ତାରୁ ଋଣ ଗ୍ରହୀତାଙ୍କ ଠାରୁ ବଳ ପୂର୍ବକ ଗାଡ଼ି ଜୋର ଜବରଦସ୍ତି ଛଡାଇ ନେବା ଅଭିଯୋଗରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ରଙ୍କ ସୂଚନା ପ୍ରକାରେ କୋଟିନଡ଼ା ଥାନା ଅନ୍ତର୍ଗତ ବଡଖୋଲି ଗ୍ରାମ ର ଅମୀର ମହାରଣାଙ୍କ ସ୍କୁଟି ଗାଡ଼ି ନଂ ଓଡ଼ି ୩୨ଇ ୧୬୫୧କୁ ସହର ସଲଗ୍ନ ପକାଲାପଲ୍ଲୀ ରାସ୍ତାରୁ ଦୁଇ ଯୁବକ ଜୋର ଜବରଦସ୍ତି ଛଡାଇ ନେଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

ଆସିକା ଥାନାକେସ ନଂ୧୭୪ରେ ମାମଲା ରୁଜୁ କରି ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଘଟଣାର ଯାଞ୍ଚ କରିଥିଲା। ଅମୀର ଗାଡ଼ି ଋଣକୁ ଚୁକ୍ତି ମୁତାବକ ଠିକ୍ ସମୟରେ ନଶୁଝିବାରୁ ସଂପୃକ୍ତ ଘରୋଇ ଅର୍ଥ ଲଗାଣ ସଂସ୍ଥା ଦୁଇ ଯୁବକ ଭେଟନଇ ଗ୍ରାମର ମାନସ ରଞ୍ଜନ ସାମନ୍ତରା ଓ ଆର୍. ଦାମୋଦର ପଲ୍ଲୀର ବଳରାମ ରେଡ୍ଡୀଙ୍କୁ ନିୟୋଜିତ କରି ସ୍କୁଟି ଛଡାଇ ନେଇଥିବା ଜାଣି ପାରିଥିଲା। ବେଆଇନ ଭାବେ ଭୟ ଓ ଆତଙ୍କ ଦେଖାଇ ଗାଡ଼ି ଛଡାଇବା ଦଫାରେ ପୋଲିସ ଉଭୟ ଯୁବକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅପରପକ୍ଷରେ ସମ୍ପୃକ୍ତ ଘରୋଇ ଅର୍ଥ ଲଗାଣ ସଂସ୍ଥାକୁ ଏଭଳି କାର୍ଯ୍ୟରୁ ନିବୃତ ରହିବାକୁ ପୋଲିସ୍ ସତର୍କ କରିଥିବା ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀମହାପାତ୍ର କହିଛନ୍ତି ।

# ହିଙ୍ଗୁଳା ମନ୍ଦିରରେ ୨୦୦ ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ଭୂମିପୂଜନ

ସାଉଥବଲଣ୍ଡା, (ସବ୍ୟୁ) : ଏନଟିପିସି ତାଳଚେର କଣିହାଁ ପକ୍ଷରୁ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଯୋଜନା ଏବଂ ନିର‘ର ବିକାଶ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ଗୋପାଳପ୍ରସାଦ ସ୍ଥିତ ମା ହିଙ୍ଗୁଳା ମନ୍ଦିର ପରିସରରେ ୨୦୦ଟି ସୌର ଶକ୍ତି ସମ୍ପନ୍ନ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିବାକୁ ଏକ ଭୂମି ପୂଜନ ସମାରୋହ ଆୟୋଜିତ ହୋଇଯାଇଛି । ଭକ୍ତମାନଙ୍କ ପାଇଁ ନିରାପଦ ଯାତ୍ରାକୁ ସୁଗମ କରିବା ତଥା ମନ୍ଦିର ପରିସରରେ ସୁରକ୍ଷା ଏବଂ ଆଲୋକୀକରଣ ବୃଦ୍ଧି କରିବାକୁ ଏହି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନର ଲକ୍ଷ୍ୟ ରହିଛି । ସମ୍ମାନୀୟ ଅତିଥିଭାବେ ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିବା ବେଳେ ଏନଟିପିସି କଣିହାଁର ମୁଖ୍ୟ ଜେନେରାଲ ମ୍ୟାନେଜର ଅଶୋକ କୁମାର ସେହଗଲ,ଜିଏମ୍ (ମେଣ୍ଟେନାନ୍ସ)ଏଜେ ରାଜକୁମାର,ଏନଟିପିସି କଣିହାଁ ହେଡ଼ ଅଫ୍ ଏଚଆର ବି.କେ.ପାଣ୍ଡେ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ଷ୍ଟ୍ରିଟ୍ ଲାଇଟ୍, ପରିବେଶ ସ୍ଥିରତା ଏବଂ ଜନ ସମୂହର କଲ୍ୟାଣ ପାଇଁ ଏନଟିପିସି ପ୍ରତିବଦ୍ଧତାର ଏକ ନିଚ୍ଛକ ଉଦାହରଣ । ତେବେ ମନ୍ଦିର ପରିସର ତଥା ଏହାର ଆଖପାଖରେ ସଠିକ୍ ଯୋଜନା ଅନୁସାରେ ସ୍ଥାପିତ ହେବ, ମା ହିଙ୍ଗୁଳା ମନ୍ଦିର ପରିଦର୍ଶନ କରୁଥିବା ଭକ୍ତମାନଙ୍କ ପାଇଁ ସୁସଜ୍ଜିତ ରାସ୍ତା ଏବଂ ନିରାପଦ ପରିବେଶ ସୁନିଶ୍ଚିତ କରିବ । ସାମାଜିକ ଲାଭ ପାଇଁ ଅକ୍ଷୟ ଶକ୍ତିର ବ୍ୟବହାର ପାଇଁ ଏହି ପଦକ୍ଷେପ ଏନଟିପିସିର ଉତ୍ସର୍ଗକୁ ପ୍ରତିଫଳିତ କରିଅଛି । ଏହି ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇ ମାନ୍ୟବର ତାଳଚେର ବିଧାୟକ ଶ୍ରୀ ପ୍ରଧାନ ଏନଟିପିସି କଣିହାଁ ଦ୍ୱାରା ସାମୁହିକ ବିକାଶ ଦିଗରେ ସକ୍ରିୟ ଉଦ୍ୟମକୁ ପ୍ରଶଂସା କରିବା ସହ ସ୍ଥାନୀୟ ବାସିନ୍ଦା ତଥା ଭକ୍ତଙ୍କ ଜୀବନଶୈଳୀରେ ଏହି ପ୍ରକଳ୍ପର ବିଶେଷ ମହତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ ।

# ପାୱାର ଗ୍ରୀଡ ପକ୍ଷରୁ ବିଦ୍ୟାଳୟକୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପ୍ରଦାନ



ରେଙ୍ଗାଲି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଲି ପାୱାର ଗ୍ରୀଡ ପକ୍ଷରୁ ହାତିଆଦଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସିଏସଆର ଯୋଜନାରେ ସାଢେ ଚାରି ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ପାୱାର ଗ୍ରୀଡର ଉପ ମହା ପ୍ରବନ୍ଧକ ଦେବଦତ୍ତ ପାଢୀ ଯୋଗ ଦେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରାଙ୍କୁ ୯୦ ଯୋଡି ବେଞ୍ଚ ଡେସ୍କ ,୨୦ଟି ଫ୍ୟାନ ଓ ଗୋଟିଏ ୱାଟର ପ୍ୟୁରିଫାୟର ପ୍ରଦାନ କରିଥିଲେ । ସାମଗ୍ରୀ ହସ୍ତାନ୍ତର କାର୍ଯ୍ୟକ୍ରମରେ ପାୱାର ଗ୍ରୀଡର ଇଞ୍ଜିନିୟର ନିତ୍ୟାନନ୍ଦ ନାଏକ, କେ.ସି. ନାଏକ, ସାଙ୍ଗାଇ ସୋରେନ, ବି.କେ. ସାହୁ , ସୁକାନ୍ତ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ପରମାନନ୍ଦ ସାମଲ, ରାମଚନ୍ଦ୍ର ଦାସ, ଅତସି କୁସୁମ ଜେନା, ସୁଜିତ ସାମଲଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ଅବଧି ଶେଷ ହେବାକୁ ବସିଥିବା ବେଳେ ନିର୍ମାଣ ହୋଇପାରୁନି ତାଳଚେର ଷ୍ଟାଡ଼ିୟମ

ତାଳଚେର, (ସବ୍ୟୁ) : ତାଳଚେର ଟାଉନ ଏକନମ୍ବର ୱାର୍ଡ଼ ରାଜବାଟୀ ନିକଟରେ କେଉଁ ରାଜାରାଜୁଡ଼ା ଅମଳରୁ ରହିଥିବା ପାରାସ୍ଫିଲ୍ଡରେ କ୍ରୀଡ଼ାବିତମାନେ ଖେଳ ପ୍ରଦର୍ଶନକରି ବିଗତ ବର୍ଷ ଗୁଡ଼ିକରେ ତାଳଚେର ମାଟିରୁ ବାହାର କୁ ଯାଇ ସୁନାମ ଅର୍ଜନ ଲାଭ କରି ତାଳଚେରର ଗର୍ବ ଓ ଗୌରବ ଆଣି ଇତିହାସ ସୃଷ୍ଟି କରିଥିବା ଘଟଣାକୁ କେନ୍ଦ୍ରକରି ଜିଲ୍ଲାପ୍ରଶାସନ ଏହି ପାରାସ୍ଫିଲ୍ଡର ଉନ୍ନତି କରଣ ନିମନ୍ତେ ଅଂଟା ଭିଡ଼ିଥିଲା । ତାଳଚେର କ୍ରୀଡ଼ାର ବିକାଶ ନିମନ୍ତେ ଏହି ପଡ଼ିଆରେ ଅତ୍ୟାଧୁନିକ ପ୍ରଣାଳୀରେ ଉନ୍ନତମାନର ଷ୍ଟାଡ଼ିୟମ ନିର୍ମାଣ କରିବାକୁ ବିଭିନ୍ନ ମହଲରେ ବହୁବର୍ଷରୁ ଦାବି ହୋଇ ଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ୧୭.୬୬କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେବାକୁ ସ୍ଥିରିକୃତ ହେଲା । ଏହାର ଅବଧି ତା ୩୧/୦୩/୨୦୨୪ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଫଳକରେ ଉଲ୍ଲେଖ ରହିଥିବା ବେଳେ ଏହି ଷ୍ଟାଡ଼ିୟମ ଆଜି ଅଧାଗଢ଼ା ଅବସ୍ଥାରେ ପଡ଼ି ରହିଛି । ଏନେଇ ବିଭିନ୍ନ ମହଲରେ ଅଭିଯୋଗ ହେବାପରେ ସମ୍ପୃକ୍ତ ଠିକାଦାରକୁ ଏସମ୍ପର୍କରେ ପଚାରିବାରୁ ସେ ପ୍ରକାଶ କରିଛନ୍ତି କି, ସଠିକ୍ ଭାବେ କାର୍ଯ୍ୟାଳୟ ପକ୍ଷରୁ ବିଲ୍ ପ୍ରଦାନ କରାଯାଉ ନାହିଁ ଏବଂ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମନ୍ୱୟ ଅଭାବରୁ ଏହି କାର୍ଯ୍ୟର ବିଳମ୍ବ ଘଟୁଛି ବୋଲି ସମ୍ପୃକ୍ତ ଠିକାଦାର ଅଭିଯୋଗ କରିଥିଲେ । ନିର୍ମାଣଧିନ ଗୃହ ଗୁଡ଼ିକ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ଖେଳ ପଡ଼ିଆଟିର କୌଣସି ଉନ୍ନତିମୂଳକ କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇ ନାହିଁ । ସେହିପରି ଉକ୍ତ ପଡ଼ିଆର ଚର୍ତୁପାର୍ଶ୍ୱରେ ବର୍ତ୍ତମାନ ସୁଦ୍ଧା ଗ୍ୟାଲେରୀ କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ । ତେବେ ଏହାକୁ ନେଇ କ୍ରୀଡ଼ାବିତଙ୍କ ମହଲରେ ଅସନ୍ତୋଷର ଦାନା ବାନ୍ଧୁଥିବା ବେଳେ ଏହି ଷ୍ଟାଡ଼ିୟମ କେବେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ ସେଥିନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ।

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଘାଟିତ
## ୩ ଦିନ ଧରି ଜିଲ୍ଲା ପରିକ୍ରମା କରିବ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୮ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରାଲି ) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବରେ ବର୍ଷୀୟାନ ସାମ୍ବାଦିକ, ଗବେଷକ ଡଃ ବିଜୟ ଅଗ୍ରୱାଲ, ଡା. କୈଳାଶ ଚନ୍ଦ୍ର ମହାନ୍ତି, ସମାଜସେବୀ ରଜତ କୁମାର ପଣ୍ଡା, କମଳେନ୍ଦୁ ଲାଲ ମହାନ୍ତ, ଇଂ ଶିରୀଶ ହେମ୍ବ୍ରମ, ଇଂ ମନୋଜ ଦଳବେହେରା, ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଉମାକାନ୍ତ ରାଉତ, ଅତୁଲ ମହାନ୍ତି, ଉଦୟ ନାଥ ଜେନା, ଇନ୍ଦୁମତି ମହାନ୍ତି, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ସବୁଜ ପତକା ଦେଖାଇ ଜାଗରଣ ଯାତ୍ରାର ଶୁଭାରମ୍ଭ କରିଥିଲେ । ବଳାଙ୍ଗୀ ମୋହତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଳାଙ୍ଗୀ ସେନାର ଅଧକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ୪୦ରୁ ଉର୍ଦ୍ଧ ସଂସ୍କୃତି ସୈନିକ ଜାଗରଣ ଯାତ୍ରାରେ ସାମିଲ ହୋଇଥିବାବେଳେ, ଏହି ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ଆଜିଠାରୁ ୩ଦିନ ଧରି ସମଗ୍ର ଜିଲ୍ଲା ପରୀକ୍ରମା କରି ମୟୂରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ କରିବ ବୋଲି ଜଣାଯାଇଛି । ଆଜି ପ୍ରଥମ ଦିନରେ ଏହି ଯାତ୍ରା କୁଳିଅଣା, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା, ଜାମଦା ପର୍ଯ୍ୟନ୍ତ ଯିବ । ସେହିପରି ୧୬ତାରିଖ ଦ୍ୱିତୀୟ ଦିନ ଜାମଦାରୁ ବାହାରି ରାଇରଙ୍ଗପୁର ଗଡ, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, ଠାକୁରମୁଣ୍ଡା, ଶରତ, କପ୍ତିପଦା ହୋଇ ଉଦଳାରେ ପହଞ୍ଚିବ । ସେହିପରି ୧୭ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ପଲବଣି ଗୋଲେଇରେ ପହଞ୍ଚିବା ପରେ ସହର ପରିକ୍ରମା କରି ଛଉପଡିଆ ନିକଟରେ ଜାଗରଣ ଯାତ୍ରା ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି ।

# ଗଞ୍ଜେଇ ଜବତ ମାମଲା
## ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଏକ ବୋଲେରୋ ଗାଡିରେ ୪୦୦ କେଜି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ଗୁଇନ୍ଦା ବିଭାଗ ହାତରେ ଧରାପଡିଥିବା ୨ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡ ହୋଇଛି । ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଜଜ୍-୧ ଏହି ମାମଲାର ବିଚାରଣା କରି ୨ ଅଭିଯୁକ୍ତ ଯଥା ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ସିଙ୍ଗପୁରର ରାଧାକାନ୍ତ ସାହୁ(୨୬) ଓ ସନ୍ତୋଷ କୁମାର ସାହୁ(୨୭)ଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଆଉ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ନିଜ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୩ରେ ଗଜପତି ଜିଲାରୁ ଏକ ବୋଲୋରୋ ଗାଡିରେ ବ୍ରହ୍ମପୁର ସହରକୁ ଚାଲାଣ କରାଯାଉଥିବା ଅବକାରି ଗୁଇନ୍ଦା ବିଭାଗ-୨ କୁ ଖବର ମିଳିଥିଲା । ସେହିକ୍ରମରେ ବିଭାଗର ଏକ ଟିମ ମହୁରୀ କାଳୁଆ ଛକ ଠାରେ ନାକାବନ୍ଦୀ ଆରମ୍ଭ କରିଥିଲେ । ଏହି ସମୟରେ ଦିଗପହଣ୍ଡି ପଟୁ ବ୍ରହ୍ମପୁର ଆଡକୁ ଆସୁଥିବା ଏକ ବୋଲେରୋ ଗାଡି(ଓଡି-୦୭-ଏ-୯୩୪୭)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା ।

ଯାଞ୍ଚ ବେଳେ ସେହି ବୋଲେରୋ ଗାଡିରୁ ଗଞ୍ଜେଇ ଭର୍ତ୍ତି ହୋଇଥିବା ୮ଟି ବସ୍ତା ବାହାରିଥିଲା । ଓଜନ ପରେ ତାହା ୪୦୦ କେଜି ଗଞ୍ଜେଇ ବୋଲି ଜଣାପଡ଼ିଥିଲା । ସେହି ବୋଲେରୋ ଗାଡି ଭିତରେ ବସିଥିବା ଉପରୋକ୍ତ ୨ ଅଭିଯୁକ୍ତ ରାଧାକାନ୍ତ ଓ ସନ୍ତୋଷକୁ ଗିରଫ କରାଯାଇଥିଲା । ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାର ବିଚାରଣା ଏଡିଜେ-୧ରେ ଚାଲୁ ରହିଥିଲା । ମାମଲାର ତଦନ୍ତ ଅଧିକାରୀ ଅବକାରୀ ବିଭାଗ ଇନ୍ସପେକ୍ଟର ଗିତାଞ୍ଜଳୀ ସାହୁ କୋର୍ଟ ଚାର୍ଜସିଟ ଦାଖଲ କରିଥିଲେ । ବିଚାରଣା ବେଳେ ୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି ଅଦାଲତର ବିଚାର ପତି ଡ. ଇନ୍ଦୁ ଶର୍ମା ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

# ଶାଳବଣିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଅନୁଗୁଳ, (ସବ୍ୟୁ) : ଅନୁଗୁଳ ସଦର ଥାନା ଅନ୍ତର୍ଗତ ନୂଆ ବାଇପାସ୍ ଶାଳବଣି ଅଞ୍ଚଳରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ପୋଲିସ । ବେନ୍ତପୁର ପଞ୍ଚାୟତର ମୁଣ୍ଡହତାର ବସନ୍ତ ନାଏକଙ୍କ ପୁଅ ବଳିଆ ନାଏକ (୨୨) ଗତକାଲି ସନ୍ଧ୍ୟା ସମୟରୁ କାମ କରିବାକୁ ଘର ବାହାରକୁ ଯାଇଥିଲେ । ସକାଳେ ନୂଆ ବାଇପାସ୍ ଶାଳବଣି ଅଞ୍ଚଳରେ ଥିବା ଏକ ଜମ୍ମୁ ଗଛରେ ବଳିଆଙ୍କ ମୃତଦେହ ଝୁଲି ରହିଥିବା ଅଞ୍ଚଳବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚି ସଦର ଥାନାକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି ।

# ବୋମାମାଡ଼ ଘଟଣାରେ ଦୁଇ ଗିରଫ, ଦାଦାବଟି ମାଗୁଥିଲେ ଅଭିଯୁକ୍ତ




କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଥାନା ସାଇବିହାର ଲେନରେ ଥିବା ବିଶିଷ୍ଟ ବ୍ୟବସାୟୀ ସରୋଜ ଭୂଷଣ ମହାନ୍ତିଙ୍କ ଘର ଓ ଗାଡି ଉପରେ ଗତ ୧୩ ତାରଖ ଦିନ ବିଳମ୍ବିତ ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ଆକ୍ସନ ଦେଖାଇଛି ପୋଲିସ । ବୋମା ମାଡ଼ରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତ ମାନେ ହେଲେ କାମାକ୍ଷାନଗର ସହର ଗୁପ୍ତିନଗର ସାହିର ଅନିଲ କୁମାର ନାୟକ ଏବଂ ଅନନ୍ତପୁର ସାହିର ସୌମ୍ୟରଞ୍ଜନ ନାୟକ । ଉଭୟ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଅଭିଯୁକ୍ତ ମାନେ ବ୍ୟବସାୟୀ ସରୋଜ ଭୂଷଣ ମହାନ୍ତିଙ୍କୁ କିଛି ଦିନ ପୂର୍ବରୁ ଦାଦା ବଟି ମାଗିଥିଲେ । ଦାଦା ବଟି ନଦେବାରୁ ସରୋଜଙ୍କ ଫରଚ୍ୟୁନର କାର ଏବଂ ପିକ ଅପ ଭ୍ୟାନ ଉପରେ ବୋମା ମାଡ଼ କରିବା ସହିତ ଗାଡି ଜାଳି ଦେଇଥିଲେ । ଯାହାକୁ ନେଇ ତଦନ୍ତ ପରେ ଆକ୍ସନ ନେଇଛି କାମାକ୍ଷାନଗର ପୋଲିସ । ଅଭିଯୁକ୍ତଙ୍କ ଠାରୁ କିଛି ଅଫୁଟା ବୋମା, ଅପରାଧରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି । ଏ ନେଇ ପ୍ରେସମିଟ ମାଧ୍ୟମରେ ସୂଚନା ଦେଇଛନ୍ତି କାମାକ୍ଷାନଗର ଏସଡିପିଓ ସ୍ନେହାଶିଷ ସାହୁ । ଅନ୍ୟ ମାନଙ୍କ ମଧ୍ୟରେ କାମାକ୍ଷାନଗର ଥାନା ଅଧିକାରୀ ଧୀରେନ ବେହେରା, ସେକେଣ୍ଡ ଅଫିସର ପ୍ରତାପ ସାହୁ ପ୍ରମୁଖ ପ୍ରେସମିଟ ରେ ଉପସ୍ଥିତ ଥିଲେ । ଏହି ଘଟଣାରେ ଥିବା ଅନ୍ୟ ସମ୍ପୃକ୍ତଙ୍କୁ ଖୁବଶୀଘ୍ର ଗିରଫ କରିବା ନେଇ ପୋଲିସ କହିଛି ।

DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN-754005
PHONE-(M) 9437022023
Email: deputydirector.kanan@gmail.com
NANDANKANAN
Web: www.nandankanan.org

MM-518
**e-PROCUREMENT NOTICE**
**Bid Identification No.DD-NKN .39/PMU/NKZP2023-24 Dt.14.03.2024.**

| | | | |
|---|---|---|---|
| 1 | Name of the work | : | Construction of Hall at 1st Floor of Zoo Laboratory for Bio- Banking facilities inside Nandankanan zoological park for the year 2023-2024 |
| 2 | No. of works | : | 1(one) no. |
| 3 | Date of availability of bid document in the portal | : | 15.03.2024 |
| 4 | Last date for receipt of bids in the portal | : | 02.04. 2024 |
| 5 | Date of opening of Technical Bid(Cover-I) | : | 03.04.2024 |
| 6 | Name & Address of Officer Inviting Tender(OIT) | : | Deputy Director, Nandankanan Zoological Park, P.O-Barang,Dist-Khorda,Pin-754005. |

Further details can be seen from the e-procurement portal https//tenderodisha.gov.in.

Sd/- Deputy Director
Nandankanan Zoological Park

OIPR : 08070/11/0037/2324

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, KENDRAPARA
O-2824
eerw_kendraparat@yahoo.co.in
'E' PROCUREMENT NOTICE
NO.RWD-II/KPD-11/23-24 DTD 14.03.2024
Notice No-667 Dtd-14.03.2024

| | | | |
|---|---|---|---|
| 1 | Name of work | : | Building works in the District of Kendrapara for the year 2023-24. |
| 2 | Total No of Work | : | 2 Nos Building |
| 3. | Estimated Cost | : | Rs.49.96 (Approx.) |
| 4. | Period of Completion | : | 5 Months |
| 5. | Class of contractors | : | B & C Class |
| 6. | Cost of Tender Paper | : | Cost of Tender paper is to be remitted ONLINE as specified in column-3 of the Annexure |
| 7. | Detail projects | : | As specified in the Annexure |

Other details

| | | | |
|---|---|---|---|
| a) | Procurement officer | : | Executive Engineer Rural Works Division-II Kendrapara |
| b) | Availability of tender online & submission of bid | : | 19.03.2024 at 11:00 AM to 28.03.2024 up to 5:00 PM |
| c) | Last date & time of seeking of tender clarification | : | 27.03.2024 up to 5:00 PM |
| d) | Opening of Tender | : | 30.03.2024 at 05.30P.M |

Further details can be seen from the Govt. website www.tendersorissa.gov.in

Executive Engineer
Rural Works Division-II, Kendrapara
OIPR : 25098/11/0020/2324

ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ, ଆଠଗଡ଼
OFFICE OF THE DIVISIONAL FOREST OFFICER,
ATHGARH FOREST DIVISION, ATHGARH
MM-393
At/Po- Athgarh, Dist- Cuttack P/n-754029
EMail- dfo.athagarh@odisha.gov.in
Notice No. 1 /IF (Account)
Dated, Athgarh the 14 March, 2024

SHORT TENDER CALL NOTICE FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER f ATHGARH, KHUNTUNI, BAPAMBA, NARASINGHPURI

Quotations in plain paper /letter pad are invited from the intending supplier / Vehicle owner for supply of Bolero vehicle within 3 Years of registration for use in patrolling and other duty in Division office during the FY-2024-25 with following terms and condition.

The quotation should reach this office on or before 31.03.2024 at 11.00 A.M through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Athgarh Forest Division. The tenders will be opened in the office of the undersigned on dt. 31.03.2024 at 12 P.M by submitting a non-refundable Demand Draft to be drawn in favour of Divisional Forest Officer, Athgarh from 12.03.2024 to 31.03.2024 payable at Athgarh for 1180/- ( Cost 1000/- +GST 18% -Rs.180/-) ( Rupees One Thousand One hundred Eighty) only towards cost of tender paper, which will be placed before the Purchase Committee of this office for approval. The amount quoted should include the cost of Driver and all taxes (excluding the cost of Fuel). The incomplete quotation or quotation received after the scheduled date and time shall be summarily rejected. The undersigned reserves all rights to reject any or all quotation without showing any reason therof.

1. BOLERO ( Diesel Make ) - 16 Nos.

(Dr. Jagyandatt Pati)
Divisional Forest Officer,
Athgarh Forest Division, Athgarh
OIPR : 08063/11/0006/2324

OFFICE OF THE DIRECTOR
ACHARYA HARIHAR POST GRADUATE INSTITUTE OF CANCER
(Formerly: Acharya Harihar Regional Cancer Centre)
CUTTACK-753007 (Odisha)
Tel.No: 0671-2304264, Fax No: 0671-2304683, Email: ahrccdirector@gmail.com

No. 1037/AHPGIC, Cuttack Date : 14.3.2024
TS-1/2027-24

E-963 : Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 for supply of medicines in bulk quantity. The bid document and all details can be downloaded from the website of AHPGIC, www.ahrcc.in. The tender schedule dates are as mentioned below :

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) only | 09.04.2024 by 5 PM |
| 2 | Last date & time of receipt of pre-bid queries through mail (ahrccdirector@gmail.com/ntstore.ahrcc.2019@gmail.com) | 27.03.2024 till 2 PM |
| 3 | Date and time of pre-bid meeting | 28.03.2024 at 1 PM |
| 4 | Date & time of opening of technical bids (in presence of bidders/their authorized agents) | 10.04.2024 at 1 PM |
| 5 | Date of opening of price bids | To be informed to qualified bidders |

The authority reserves the right to accept/reject any/all bids witholut assigning any reasons thereof.

Sd/- Director
AHPGIC, Cuttack
OIPR : 10171/11/0017/2324

ଦେବଗଡ ଜିଲ୍ଲା ଉଦ୍ୟାନ ବିଭାଗ ଅଧିନସ୍ଥ ସରକାରୀ ଫଳ ବଗିଚା ଗୁଡିକର ଚଳିତ ଋତୁରେ ଫଳ ବିକ୍ରୟ ପାଇଁ ନିଲାମ ଇସ୍ତାହର
L-269

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଦେବଗଡ ଜିଲ୍ଲା ଉଦ୍ୟାନ ବିଭାଗ ଅଧିନସ୍ଥ ସରକାରୀ ଫଳ ବଗିଚା ଗୁଡିକର ଚଳିତ ଋତୁରେ ଫଳ ସବୁକୁ ୨୦୨୪ ମସିହା ଜୁନ ମାସ ପର୍ଯ୍ୟନ୍ତ ନିଲାମ ଦିଆଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିମ୍ନ ବିବରଣୀ ଅନୁସାରେ ଲଉମୁଦବିଆ ଟେଣ୍ଡର ସହିତ ଅଗ୍ରୀମ ଅମାନତ ରାଶି (ନିମ୍ନମତେ) ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଦେବଗଡଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କରାଇ ଆଣି ରେଜିଷ୍ଟ୍ରି ଡାକ ଅଥବା ପଞ୍ଜୀକୃତ କୋରିଅର ସର୍ଭିସ ଯୋଗେ ତଳଲିଖିତ ତାରିଖ ସମୟ ସୁଧା ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ତଳ ସୂଚିତ ତାରିଖ ଓ ସମୟରେ ଟେଣ୍ଡର ପ୍ରଦାନକାରୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତି ରେ ଦେବଗଡ ଫାର୍ମ ଠାରେ ଟେଣ୍ଡର ଖୋଲାଯିବ । ଟେଣ୍ଡର ପେପର ଓ ତତ ସମ୍ବନ୍ଧିୟ ତଥ୍ୟ ସହକାରୀ ଉଦ୍ୟାନ ଅଧିକାରୀ / ବାରକୋଟ /ତିଲେଇବଣି / ଫାର୍ମ ଅଧିକାରୀଙ୍କ ର କାର୍ଯ୍ୟାଳୟ ରୁ ମାତ୍ର ଟ.୫୦.୦୦ (ପଚାଶ ଟଙ୍କା )ବିନମୟରେ ମିଳିପାରିବ । ଆଗ୍ରହୀ ବ୍ୟକ୍ତିମାନେ ଫଳ ବଗିଚାଗୁଡିକରେ ଫଳ ସବୁକୁ ପ୍ରତିଦିନ ସକାଳ ୮ ଟାରୁ ଅପରାହ୍ନ ୧୧ ଟା ଯାଏଁ (କେବଳ ସରକାରୀ ଛୁଟିଦିନ ବ୍ୟତୀତ) ଦେଖିପାରିବେ ।

ଆବଶ୍ୟକ ସ୍ଥଳେ ଏକ ଅଥବା ସମସ୍ତେ ଟେଣ୍ଡର ନଥିପତ୍ରକୁ କୌଣସି କାରଣ ନ ଦର୍ଶାଇ ନାକଚ କରିବାର ଅଧିକାର ନିମ୍ନ ସ୍ୱାକ୍ଷର କାରୀଙ୍କ ଅଧିନ ରେ ସଂରକ୍ଷିତ ଅଛି । ଟେଣ୍ଡର ବହନ କରୁଥିବା ଲଫାପା ଉପରେ ନିଜ ନାମ ଓ ଠିକଣା ସହିତ କେଉଁ ଫଳ ବଗିଚାର କେଉଁ ଫଳ ପାଇଁ ଟେଣ୍ଡର ଦାଖଲ କରୁଛନ୍ତି ତାହା ଉଲ୍ଲେଖ ରହିବା ନିହାତି ଦରକାର ।

ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ ଙ୍କ ଅଧିନସ୍ଥ ସରକାରୀ ଫଳ ବଗିଚା ଗୁଡିକର ଚଳିତ ଋତୁରେ ଫଳ ବିକ୍ରୟ ପାଇଁ ନିଲାମ ଇସ୍ତିହାର ତଦନ୍ତ ବିବରଣୀ ନିମନ୍ତେ ।

| କ୍ର.ସଂ | ଫଳ ବଗିଚାର ନାମ | ସମ୍ପୃକ୍ତ ଉଦ୍ୟାନ ଅଧିକାରୀ | ଫଳନ୍ତି ଗଛର ନାମ ଓ ସଂଖ୍ୟା | ଅମାନତ ଜମାରାଶିର ପରିମାଣ (ଟଙ୍କାରେ) | ଟେଣ୍ଡର ଗ୍ରହଣର ଶେଷ ତାରିଖ (ସମୟ ଅପରାହ୍ନ ୫ ଟା) | ଟେଣ୍ଡର ଖୋଲିବା ସମୟ ଅପରାହ୍ନ ୪ଟା | ଟେଣ୍ଡର ଖୋଲିବା ସ୍ଥାନ |
|---|---|---|---|---|---|---|---|
| ୧ | ଦେବଗଡ ଫାର୍ମ ଦେବଗଡ | ସହକାରୀ ଉଦ୍ୟାନ ଅଧିକାରୀ, ତିଲେଇବଣି | ଆମ୍ବ-୨୬ | ଟ.୫୦୦୦.୦୦ | ୨୭/୦୩/୨୦୨୪ | ୨୮/୦୩/୨୦୨୪ | ଦେବଗଡ ଫାର୍ମ, ପୁରୁଣାଗଡ |
| ୨ | ବାରକୋଟ ଫାର୍ମ ବାରକୋଟ | ସହକାରୀ ଉଦ୍ୟାନ ଅଧିକାରୀ, ବାରକୋଟ | ଲିଚୁ-୪୨ | ଟ.୫୦୦୦.୦୦ | ୨୭/୦୩/୨୦୨୪ | ୨୮/୦୩/୨୦୨୪ | ଦେବଗଡ ଫାର୍ମ, ପୁରୁଣାଗଡ |

OIPR : 01464/11/0002/2324
ସ୍ୱା/- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼

# ଅର୍ଥନୈତିକ ବିକାଶ ଲୋକଙ୍କ ଜୀବନ ଧାରଣର ମାନ ବଢାଇଥାଏ : ସମରେନ୍ଦ୍ର



ବଲାଙ୍ଗିର,(ସବ୍ୟୁ): ଜଣେ ଲୋକ ପ୍ରତିନିଧି ରାଜନୀତି ମାଧ୍ୟମରେ ଲୋକଙ୍କ ସେବା କରିଥାଏ । ଅଞ୍ଚଳର ଲୋକଙ୍କ ସର୍ବାଙ୍ଗିନ ବିକାଶ କରିବାର ଲକ୍ଷ୍ୟ ହୋଇଥାଏ । କିନ୍ତୁ ଅଂଚଳର ସର୍ବାଙ୍ଗିନ ବିକାଶ କରିବା ଏତେ ସହଜ ବ୍ୟପାର ନୁହେଁ । ଏହା କରିବାକୁ ହେଲେ ଆମକୁ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ବ୍ୟବସ୍ଥା କରିବାକୁ ପଡିବ, ଛାତ୍ର ପଢିସାରିବା ପରେ ତାର ପାଖରେ କର୍ମନିଯୁକ୍ତିର ସୁଯୋଗ ପ୍ରଦାନ କରିବାକୁ ପଡିବ । ଚାଷୀଙ୍କୁ ଉତ୍ପାଦିତ ଶସ୍ୟର ପ୍ରକୃତ ମୁଲ୍ୟ ଦେବାକୁ ପଡିବ । ଶ୍ରମିକଙ୍କୁ ଉପଯୁକ୍ତ ସର୍ବନିମ୍ନ ମଜୁରି ପ୍ରଦାନ କରିବାକୁ ପଡିବ । ତାହା ହେଲେ ହିଁ ପ୍ରତ୍ୟକ୍ଷ ଭାବରେ ଅଂଚଳର ଅର୍ଥନୀତିରେ ସେମାନଙ୍କ ସକରାତ୍ମକ ଭାଗିଦାରି ରହିବ ଯାହାକି ଅଂଚଳର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇ ଆମେ ଅଞ୍ଚଳର ସର୍ବାଙ୍ଗିନ ବିକାଶ କରିପାରିବା ବୋଲି ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଆୟୋଜିତ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମର ଆଲୋଚନା ସମୟରେ ଏଆଇସିସି ସଦସ୍ୟ ତଥା ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର କହିଥିଲେ । ଶ୍ରୀ ମିଶ୍ର କହିଥିଲେ ଯେ ପର୍ଯ୍ୟନ୍ତ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ନ ଆସିଛି ସେ ପର୍ଯ୍ୟନ୍ତ ଆମେ ଆମର ବିକାଶ ହୋଇଛି ବୋଲି କହିପାରିବା ନାହିଁ । ତେଣୁ ଆମ ମୂଳ ଲକ୍ଷ୍ୟ ଅଂଚଳ ଏବଂ ଅଂଚଳବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ହେବା ଦରକାର ବୋଲି କହିଥିଲେ । ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ବଲାଙ୍ଗିର ରେ କାମ କରୁଥିବା ପ୍ରାୟ ସମସ୍ତ ବୈଦୁତିକ ଏବଂ ଛାପା ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ସମରେନ୍ଦ୍ରଙ୍କ ସହିତ ଜିଲ୍ଲାର ବିକାଶକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ । ଆଲୋଚନା ବେଳେ ପ୍ରଶ୍ନର ଉତ୍ତରରେ ସମରେନ୍ଦ୍ର କହିଥିଲେ ଯେ ଗୋଟିଏ ଅଂଚଳର ବିକାଶ ସେ ରାଜ୍ୟର ସରକାରଙ୍କ ଯୋଜନା ପ୍ରଣୟନ ଉପରେ ନିର୍ଭର କରିଥାଏ ଏବଂ କେବଳ ଯୋଜନା ପ୍ରଣୟନ ହୋଇଗଲେ ଯେ ବିକାଶ ଅଂଚଳରେ ପହଞ୍ଚାଇଥାଏ ଏହା ମଧ୍ୟ ଭାବିବା ଭୁଲ । ସରକାର ଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଯୋଜନା ନିଜ ଅଞ୍ଚଳକୁ ଆଣିବା ପାଇଁ ସବୁବେଳେ ଲୋକେ ଏକ ସଶକ୍ତ ଜନପ୍ରତିନିଧି ବାଛିବା ଦରକାର ।

# ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ ଦାବିରେ ଓୟୁଜେର ରାଜ୍ୟ ବ୍ୟାପୀ ଆନ୍ଦୋଳନ



ଭୁବନେଶ୍ୱର/ବଲାଙ୍ଗିର/ଭବାନୀପାଟଣା/ଝାରସୁଗୁଡ଼ା,(ସବ୍ୟୁ) : ରାଜ୍ୟରେ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ ସହ ଅନ୍ୟାନ୍ୟ ରାଜ୍ୟ ଭଳି ଅବସର ପରେ ପେନସନ ପ୍ରଦାନ ଦାବିରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଶୁକ୍ରବାର ରାଜ୍ୟ ବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି । ଏହି ଅବସରରେ ୩୦ଟି ଜିଲ୍ଲାରେ ସାମ୍ବାଦିକମାନେ କଳାବ୍ୟାଜ୍ ପିନ୍ଧି ଦାବି ସପକ୍ଷରେ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ଓୟୁଜେ ଭବନରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଓୟୁଜେ ସଭାପତି ତଥା ପ୍ରେସ୍ କାଉନସିଲ ସଦସ୍ୟ ପ୍ରସନ୍ନ ମହାନ୍ତି କହିଥିଲେ ଯେ, ରାଜ୍ୟ ସରକାର ସବୁ ବର୍ଗକୁ ସନ୍ତୁଷ୍ଟ କରିବା ପାଇଁ ପ୍ରତିଦିନ ନୂଆ ନୂଆ ଘୋଷଣା କରୁଥିବା ବେଳେ ସାମ୍ବାଦିକମାନଙ୍କ ସର୍ବନିମ୍ନ ଦାବିକୁ ଅଣଦେଖା କରିବା ଅତ୍ୟନ୍ତ କ୍ଷୋଭର ବିଷୟ । ପ୍ରତିବାଦରେ ଓୟୁଜେ ସାରା ରାଜ୍ୟରେ ଆନ୍ଦୋଳନ ଚଳାଇଛି । ଏ ବାବଦରେ ନିକଟ ଅତୀତରେ ଓୟୁଜେର ୨୮ଟି ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କିନ୍ତୁ ଏଯାବତ୍ କୌଣସି ଅନୁକୂଳ ପ୍ରତିକ୍ରିୟା ମିଳିନାହିଁ । ଫଳରେ ସାମ୍ବାଦିକ ମହଲରେ ଗଭୀର କ୍ଷୋଭ ପ୍ରକାଶ ପାଇଛି । ଉପସଭାପତି ରାଜେଶ ପଟ୍ଟନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ ଓ ପ୍ରମୋଦ ସାମନ୍ତରାୟ ପ୍ରମୁଖ ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଏ ବାବଦରେ ଘୋଷଣା କରିବାକୁ ଦାବି କରିଥିଲେ । ବଲାଙ୍ଗିର, କଳାହାଣ୍ଡି, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ, ଯାଜପୁର, ବାଲେଶ୍ୱର, ଦେବଗଡ ଆଦି ଜିଲ୍ଲାରେ ସାମ୍ବାଦିକମାନେ ପ୍ରତିବାଦ ଶୋଭାଯାତ୍ରା ବାହାର କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

ସେହିପରି ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବରେ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା । ରାଜ୍ୟ ସରକାର ରାଜ୍ୟରେ ରାଜନୈତିକ, ବିଭିନ୍ନ ବର୍ଗର କର୍ମଚାରୀଙ୍କ ବେତନକୁ ଦୃଷ୍ଟି ଦେଇଥିବା ବେଳେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନେ ଖବର ସଂଗ୍ରହ କରୁଥିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଖଳ ପ୍ରକୃତି ଲୋକଙ୍କର ଆକ୍ରୋଶର ଶିକାର ହେଉଛନ୍ତି । ବିଭିନ୍ନ ବର୍ଗର କର୍ମଚାରୀଙ୍କ ବେତନ ବୃଦ୍ଧି କରିଥିବାବେଳେ ସାମ୍ବାଦିକ ମାନଙ୍କୁ ବୈମାତୃକ ମନୋଭାବ କୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା । ପ୍ରତିବାଦରେ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରି ସହକାରୀ ଜିଲ୍ଲାପାଳ ଘନଶ୍ୟାମ ମୁଣ୍ଡଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ୟୁନିୟନର ଜିଲ୍ଲା ଉପ-ସଭାପତି ଶରତ ମିଶ୍ର, ସମ୍ପାଦକ ନରେଶ କୁମାର ସାହୁ, ରାଜ୍ୟ ସାଂଗଠନିକ ସମ୍ପାଦକ ରିତୁରାଜ ସିଂହ, ବରିଷ୍ଠ ସଦସ୍ୟ ନବୀନ ପଶାୟତ, ରଂଜିତ ବେହେରା, ମୁନା ଗୌଡ଼, ଗୁପ୍ତେଶ୍ୱର ପୃଷ୍ଟି, ଅନ୍ତର୍ଯ୍ୟାମୀ ପଶାୟତ, ମୁକେଶ ବହିଦାର, ସସ୍ମିତା ସାହୁ, ଦିଲୀପ ମେହେର,ବଳରାମ ମିଶ୍ର, ସୁନିଲ ବେହେରା, ଦେବାଶିଷ ବହିଦାର, ସତ୍ୟପ୍ରିୟ ମିଶ୍ର, ଆଲୋକ ମିଶ୍ର ପ୍ରମୁଖ ସାମିଲ ଥିଲେ । ପାଟଣାଗଡ଼ ଉପଖଣ୍ଡରେ ଓୟୁଜେ ଜିଲ୍ଲା ସମ୍ପାଦକ ଅଭୟ ତ୍ରୀପାଠୀଙ୍କ ନେତୃତ୍ୱରେ ଉପସଭାପତି ପ୍ରବୀଣ ପୁରୋହିତ, ସୁବୋଧ ମେହେର, ବରିଷ୍ଠ ସଦସ୍ୟ ସଦାଶିବ ସରାଫ,ନରେନ୍ଦ୍ର ଭୋଇ, ତାପସ ରଞ୍ଜନ ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

ଭବାନୀପାଟଣା ଠାରେ ରାଜ୍ୟ ଓୟୁଜେ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ ଗଣମାଧ୍ୟମ ଓ ମିଡିଆ ସେଲ୍ ଅଧ୍ୟକ୍ଷ ସନ୍ତୋଷ କୁମାର ସିଂହଦେଓଙ୍କ ସମେତ ବହୁ ସଦସ୍ୟ ଓ ଜିଲ୍ଲା କାର୍ଯ୍ୟକର୍ତ୍ତାମାନେ ପ୍ରାଇସ, ପ୍ରେଷ୍ଟିଜ୍ ଏବଂ ପେନସନ ଦାବିରେ ପ୍ରତିବାଦ , ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଝାରସୁଗୁଡ଼ା ଓୟୁଜେ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସାମ୍ବାଦିକ ୟୁନିଅନ ସଭାପତି ରିତେଶ ଶର୍ମାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କଳାବ୍ୟାଚ ପିନ୍ଧି ବିଭିନ୍ନ ସ୍ଲୋଗାନ ମାନ ଦେଇ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ଡେପୁଟି କଲେକ୍ଟର ସୂଚୀତା ପୁଷ୍ପାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

ଝାରସୁଗୁଡା ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ରାଜ୍ୟ ସମ୍ପାଦକ ତ୍ରିଲୋଚନ ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ସାଏ, ଯୁଗ୍ମ ସମ୍ପାଦକ ପ୍ରକାଶ ପଧାନ, ଡିଲେଶ୍ୱର ବାଗ,ବିଜୟ ବରାଡ଼,କୋଷାଧକ୍ଷ ସଞ୍ଜୟ ପାଣିଗ୍ରାହୀ, ଉପଦେଷ୍ଟା ଜୀବନ ମହାନ୍ତି,ଉପନ ଚରଣ ସାହୁ, ସୁକାନ୍ତ ସାହୁ,ଭାଗିରଥି ସାହୁ,ବିରଞ୍ଚି ସ୍ୱାଇଁ,ବିକ୍ରମ ମହାପାତ୍ର,ସଜ୍ଜାଦ ବାଦଶାହ,ସଞ୍ଜୟ ବାହୁବଳେନ୍ଦ୍ର ପ୍ରମୁଖ ସାମିଲ ଥିଲେ । ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ନିର୍ବାଚନ ପାଇଁ ପୋଲିଂ ଅଧିକାରୀଙ୍କୁ ତାଲିମ

ରାୟଗଡା, (ସବ୍ୟୁ) : ସାଧାରଣ ନିର୍ବାଚନ ନିମନ୍ତେ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି । ପ୍ରଥମ ପର୍ଯ୍ୟାୟରେ ରାୟଗଡା ମହାବିଦ୍ୟାଳୟର ୦୮ଟି କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନଙ୍କ ତତ୍ୱବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲାମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲାପରିଷଦ, ନିହାର ରଞ୍ଜନ କହଁର,ଉପ ଜିଲ୍ଲାପାଳ କଲ୍ୟାଣି ସଂଘମିତ୍ରା ଦେବୀ, ଗୁଣପୁର ଉପ ଜିଲ୍ଲାପାଳ କିରଣଦୀପ କୌର, ପ୍ରକଳ୍ପ ପ୍ରଶାସକ ଦିଲ୍ଲୀପ କୁମାର ବେହେରା, ଗୁଣପୁର ଶାନ୍ତି ପ୍ରଭା ପ୍ରଧାନ, ପ୍ରମୁଖ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଏହି ତାଲିମ କାର୍ଯ୍ୟରେ ପୋଲିଂ ଅଧିକାରୀ ମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶଲ କେନ୍ଦ୍ରରୁ ବୁଥ ପର୍ଯ୍ୟନ୍ତ ଯିବେ, ବୁଥରେ କେଉଁ ଅଧିକାରୀଙ୍କ କଣ କାର୍ଯ୍ୟ ତାହା ବୁଝାଇ ଥିଲେ । ଭୋଟ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା କିପରି କରିବେ ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରତି ଦୁଇ ଘଣ୍ଟାକୁ ଥରେ ସୂଚନା ଦେବାକୁ ତାଲିମ ପ୍ରଦାନ କରିଥିଲେ । ଇଭିଏମ, ଭିଭିପାଟ କିପରି ସଂଯୋଗ କରିବେ, କଣ୍ଟ୍ରୋଲ ୟୁନିଟିର କାର୍ଯ୍ୟ ଆଦିର ସୂଚନା ଦେଇଥିଲେ । ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ସଫଳ ହେଲେହିଁ ଗଣତନ୍ତ୍ରର ପବିତ୍ର କାର୍ଯ୍ୟ ନିର୍ବାଚନ ସଫଳ ହୋଇ ପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ତାଲିମ ଚନ୍ଦ୍ରପୁର ତହସିଲଦାର, ଗୁଣପୁର ବିଡ଼ିଓ, ଗୁଡାରି ତହସିଲଦାର, କଲ୍ୟାଣସିଂହପୁର ତହସିଲଦାର, ରାୟଗଡ ତହସିଲଦାର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ନରେନ୍ଦ୍ର ନାଏକ,ନୀଳାଚଳ ମିଶ୍ର, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ ପ୍ରମୁଖ ତାଲିମ ଦେଇଥିଲେ ।

## ବିଧାୟକଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା,(ସବ୍ୟୁ) : ଭବାନୀପାଟଣାସ୍ଥିତ ଡିଇଓଙ୍କ ସମ୍ମିଳନୀ କକ୍ଷରେ ନର୍ଲା ବିଧାୟକ ଭୁପିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ନର୍ଲା ବିଧାନସଭା କ୍ଷେତ୍ରର କେସିଙ୍ଗା, ନର୍ଲା, କର୍ଲାମୁଣ୍ଡା, ଓ ଏମ.ରାମପୁର ବ୍ଲକର ସମସ୍ତ ବିଡିଓ, ତହସିଲଦାର, ସିଡ଼ିପିଓ, ଯନ୍ତ୍ରୀ, ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସିଡିଓ , ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଦିଲ୍ଲୀପ ମହାରଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ । ନର୍ଲା ବିଧାନସଭା କ୍ଷେତ୍ରରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ସ୍କିମରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟର ପଦକ୍ଷେପ ନେଇଥିବା ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ୍ ଦେଇଥିଲେ । ବିଧାୟକ ଶ୍ରୀ ସିଂ ମୁଖ୍ୟତଃ କୃଷି, ରବି ଚାଷ,ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ବିଦ୍ୟୁତିକରଣ, ସାମାଜିକ ସୁରକ୍ଷା, ଅବକାରୀ, ଜଙ୍ଗଲ, ରେଭିନ୍ୟୁ, ପୋଲିସ୍ ବିଭାଗ ଉପରେ ସଂପୃକ୍ତ ଅଧିକାରୀଙ୍କୁ ନିଜ ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନ କରିଥିଲେ । ବିଶେଷତଃ ଆଗାମୀ ଗ୍ରୀଷ୍ମଋତୁରେ ପାନୀୟ ଜଳ ଯୋଗାଣ, ନିରବିଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଉପରେ ଗୁରୁତ୍ୱ ଦେବା ସଂଗେ ସଙ୍ଗେ ରାସ୍ତା ଓ ଗମନାଗମନର ସୁବିଧା ଉପରେ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ । ଏହି ବୈଠକ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା ।

## ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକଳାପକୁ ନେଇ କର୍ମକର୍ତ୍ତାଙ୍କ ଅଭିଯୋଗ

ବଲାଙ୍ଗିର, (ସବ୍ୟୁ): ସ୍ଥାନିୟ ସାମ୍ବାଦିକ ଭବନଠାରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଏକ ଜରୁରୀକାଳିନ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମହାସଂଘ ନାମରେ ବେନିୟମ କାର୍ଯ୍ୟକଳାପ ଯୋଗୁଁ ଅଭିଯୋଗ ଆଣିଛନ୍ତି କର୍ମକର୍ତ୍ତା । ବଣଭୋଜି ଡାକି ସାଧାରଣ ସଭା ଆଖ୍ୟା ଦିଆଯାଇ ସମ୍ବିଧାନ ବିରୋଧି କାର୍ଯ୍ୟକରି ସହମତି ନ ଥାଇ ଉପ ସଭାପତି ପଦ ଚୟନ କରାଯାଇଛି । ଦ୍ୱିତୀୟରେ ମହାସଂଘଟି ଅନୁବନ୍ଧିତ ଥିବା ସତ୍ତ୍ୱେ ଆଉ ଏକ ସଂଘକୁ କେଉଁ ସ୍ୱାର୍ଥରେ ଅନୁବନ୍ଧିତ ଦିଆଯାଇଛି ବୋଲି ଅଭିଯୋଗ ଆଣିଛନ୍ତି । ସମ୍ବିଧାନ ଅନୁସାରେ ସଂଘର ବୈଠକ ମୂଖ୍ୟ କାର୍ଯ୍ୟଳୟ ଠାରେ ଆଜି ପର୍ଯ୍ୟନ୍ତ ବସୁ ନାହିଁ । ଯାହା ନିସ୍ପତି ନିଆଯାଉଛି ମହାସଂଘର ସମ୍ପାଦକ ପ୍ରହ୍ଲାଦ ମହାପାତ୍ର ଏକା ଏକା ନିସ୍ପତି ନେଉଛନ୍ତି ବୋଲି ଅଭିଯୋଗ ହୋଇଛି । ବର୍ତ୍ତମାନ ସଂଘର ଅଭିଯୋଗ ଅନୁସାରେ ଆୟବ୍ୟୟର କୌଣସି ପ୍ରକାର ହିସାବ ନାହିଁ, ତାକୁ ଶ୍ରୀ ମହାପାତ୍ର ସ୍ୱତଃ ପାଣ୍ଠି ଭଳି କାହାକୁ ଖାତିର ନ କରି ଖର୍ଚ୍ଚ କରି ହିସାବ ଦେଉ ନାହାନ୍ତି । ଏମିତି ଅନେକ ଗୁଡିଏ ବେନିୟମ ଭଳି କାର୍ଯ୍ୟ ତୁଲାଉଛନ୍ତି । ଏମିତି କାର୍ଯ୍ୟକୁ ନିନ୍ଦା କରି ବଲାଙ୍ଗିର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଦାବି କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଡ.ଘାସିରାମ ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ବସନ୍ତ ଆଚାର୍ଯ୍ୟ, ମୁଖ୍ୟ ଉପଦେଷ୍ଟା ବିକ୍ରମା ନନ୍ଦ ବହିଦାର, ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା, ଉପ ସଭାପତି ଶିବଶଙ୍କର ଖୁଆସ, ବିପିନ ପଣ୍ଡା, ହରେକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ସମଲେଶ୍ୱରୀ ମଣ୍ଡଳରେ ନାରୀ ଶକ୍ତି ବନ୍ଦନ ଯାତ୍ରା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଧାନସଭା ଅନ୍ତର୍ଗତ ସମଲେଶ୍ୱରୀ ମଣ୍ଡଳ ପକ୍ଷରୁ ନାରୀ ଶକ୍ତି ବନ୍ଦନ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ବରେଇପାଲି ଠାରୁ କ୍ଷେତରାଜପୁର ସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା । ଏହାପରେ ମନ୍ଦିର ପରିସରରେ ଏକ ବୈଠକ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଠାରେ ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ନାରୀଶକ୍ତି ବନ୍ଦନ ଅଭିଯାନ, ବିକଶିତ ଭାରତର ସ୍ୱପ୍ନରେ ୧୦କୋଟିରୁ ଅଧିକ ମହିଳାଙ୍କୁ ସଂଯୋଗ କରାଯିବାକୁ ସ୍ଥିର କରାଯାଇଛି । ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ, ନିଳାମ୍ବର ସିକନ୍ଦର, ସନ୍ତୋଷ ସାହୁ , ମେଜ ସାହୁ, ସୁଷମା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ବୈଠକ ଭତ୍ତା ନୁହଁ ମାସିକ ଦରମା ଦିଅ

କଣ୍ଟାବାଞ୍ଜି,(ସବ୍ୟୁ): ରାଜ୍ୟ ସରକାର କରିଥିବା ଘୋଷଣାକୁ ସ୍ୱାଗତ କରିଛି କଂଟାବାଞ୍ଜି ଏନ୍.ଏସିର କାଉନସିଲର ସଂଘ । ହେଲେ ସରକାର କରିଥିବା ଘୋଷଣାକୁ ପୁନଃ ଚିଚାର କରି ମାସିକ ବୈଠକ ଆକାରରେ ଦେଉଥିବା ୫ସହ ଟଙ୍କା ବଦଳରେ ମାସକୁ ଦରମା ଦିଅନ୍ତୁ ସରକାର ବୋଲି ଦାବି କରିଛନ୍ତି କାଉନସିଲର । ଏ ନେଇ କଂଟାବାଞ୍ଜି ଏନ୍ଏସି ସଭା ଗୃହରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏନ୍ଏସି ଅଧ୍ୟକ୍ଷ ବରିୟାମ ସିଂହ ସାଲୁଜା, ଉପାଧ୍ୟକ୍ଷା ମନୋରମା ରାଉତଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ ସମସ୍ତ କାଉନସିଲ୍ ସାମିଲ ଥିଲେ । ୫ ଶହ ଭତ୍ତା ବଦଳରେ ୭ହଜାର ଟଙ୍କା ପ୍ରଦାନ କରାଯାଉ । ପଞ୍ଚାୟତସ୍ତରରେ ଯଦି ସରପଞ୍ଚ ମାନଙ୍କ ଦରମା ବଢ଼ିଛି ତେବେ ଆମ କାଉନସିଲର ମାନଙ୍କ ମଧ୍ୟ ବଢିବା କଥା । ତେବେ ବୈଠକରେ ଏହି ସବୁ ନିଷ୍ପତି ନେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଲିଖିତ ଦାବି ମଧ୍ୟ ଦିଆଯିବ ବୋଲି ସୁଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ନିଳକଣ୍ଠ ସତପଥୀ, ସୁର୍ଯ୍ୟପ୍ରତାପ ମିଶ୍ର, ଅଶୋକ ଅଗ୍ରୱାଲ, ବେଦକାନ୍ତି ପନିକା, ସୁନିତା ବୁଡେକ, ଶାନ୍ତି ଦିକ୍ଷିତ, ହେମାନି ଜଗତ, ଏମଡ଼ି ଇମରାନ୍ ଖାନ, ଗୌତମ ବେହେରା, ମନିଷ ଅଗ୍ରୱାଲ, ପିଙ୍କି ମହାନନ୍ଦ, ଲଳିତ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଝାରସୁଗୁଡ଼ାର ଦୁଇ ସବ୍‌ଜୁନିୟର ବାଳିକା ହକି ଖେଳାଳି କ୍ରୀଡ଼ା ଛାତ୍ରାବାସରେ ପ୍ରବେଶ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ସବ-ଜୁନିୟର ହକି ଦଳର ଦୁଇଜଣ ବାଳିକା ଯେକି ଦିଲିର୍ପ ତ୍ରିକୀ ସ୍ପୋର୍ଟ ଏକାଡେମୀର ଖେଳାଳି ନିଳମ ପ୍ରଧାନ ଓ ସାନଝରିଆ ଟପୋଙ୍କୁ କ୍ରୀଡାଛାତ୍ରାବାସ ପାନପୋଷରେ ସ୍ଥାନ ପାଇଛନ୍ତି । ସେହିପରି ଝାରସୁଗୁଡ଼ା ଜିଲ୍ଲା ସିନିୟର ଦଳରେ ଖେଳିଥିବା ଗାୟତ୍ରୀ କିଶାନ ଯେକି ପୂର୍ବରୁ କ୍ରୀଡା ଛାତ୍ରବାସ ସାଇ ସୁନ୍ଦରଗଡର ରହି ଥିଲେ। ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ସ୍ପୋର୍ଟ କୋଟାରେ ପୋଲିସ ବିଭାଗରେ ଯୋଗ ଦେଇଛନ୍ତି । ଝାରସୁଗୁଡା ଜିଲ୍ଲା ଗତ ୨ବର୍ଷ ମଧ୍ୟରେ ହକି ଆସୋସିଏସନ ଅଫ୍ ଓଡିଶା ଦ୍ୱାରା ଶେଷ ହୋଇ ଥିବା ସବ-ଜୁନିୟର ବାଳିକା ପ୍ରତିଯୋଗିତାରେ ୩୦ ଟି ଜିଲ୍ଲା ମଧ୍ୟରୁ ୮ମ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଛି। ନିକଟରେ ଶେଷ ହୋଇଥିବା ଆଇକନ୍ ହକି ପ୍ରତିଯୋଗିତାରେ ସେମିଫାଇନାଲରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ଠାରୁ ପରାଜିତ ହୋଇ ଥିଲା। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ହକି ଆସୋସିଏସନର ସଭାପତି ଆବୋଲି ସୁନିଲ ନରୱଣେ , ଏସ.ପି ସ୍ମିତ .ପି ପରମାର ଝାରସୁଗୁଡ଼ା ହକି ସଂଘର ସଂପାଦକ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ହକି ଆସୋସିଏସନ ଓଡିଶା ଉପ-ସଭାପତି ଜୀବନ ମହାନ୍ତି ଜିଲ୍ଲା ହକି ଆସୋସିଏସନର କର୍ମକର୍ତା ପ୍ରମୁଖ ଖେଳାଳି ମାନଙ୍କୁ ଶୁଭେଛା ଜଣାଇଛନ୍ତି ।

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରି ପୋତି ଦେଲେ

କୋରାପୁଟ,(ସବ୍ୟୁ): ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରି ମାଟି ତଳେ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ତଳଗୁମାଣ୍ଡି ଗାଁରେ। ମୃତ ବ୍ୟକ୍ତି ଜଣଙ୍କ ହେଲେ ସିଙ୍ଗୁରୁ ତାଡିଙ୍ଗୀ। ଗୁରୁବାର ବିଳମ୍ବିତ ରାତିରେ ସିଙ୍ଗୁରୁଙ୍କୁ ହତ୍ୟା କରି ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା । ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ପୂର୍ବ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି । ତେବେ କିଏ ଓ କାହିଁକି ପୂର୍ବତନ ସରପଞ୍ଚ ହତ୍ୟା କଲା ତାର କାରଣ ଅସ୍ପଷ୍ଟ ରହିଛି । ହତ୍ୟା ସମ୍ପର୍କରେ ପୋଲିସର କୌଣସି ପ୍ରତିକ୍ରିୟା ମିଳିନାହିଁ ।

## ଦୁଇ ଯୁବକଙ୍କୁ ଗୁଳିମାଡ଼ କରି ଚମ୍ପଟ ମାରିଲେ ଦୁର୍ବୃତ୍ତ

ସୁନ୍ଦରଗଡ଼,(ସବ୍ୟୁ): ମୁଖା ପିନ୍ଧି ଦୁଇଟି ବାଇକ୍ ରେ ଆସିଲେ । ମଝି ରାସ୍ତାରେ ଚଳନ୍ତା ପିକ୍ଅପ୍ ଭ୍ୟାନରେ ଥିବା ଦୁଇ ଯୁବକଙ୍କୁ ଗୁଳିମାଡ଼ କରି ଫେରାର ହୋଇଗଲେ । ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେରେ ଏହି ଘଟଣା ଘଟିଛି । ଗୁରୁତର ଯୁବକ ଦ୍ୱୟ ହେଲେ ଛତିଶଗଡ଼ ରାଇଗଡ଼ ଜିଲ୍ଲା ଶକ୍ତି ଅଞ୍ଚଳର ବିକ୍ରମ ଟଣ୍ଡନ ଓ ସୁନିଲ ରତ୍ନାକର । ଆହତ ଦ୍ୱୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଜଣେ ଯୁବକଙ୍କ ଛାତିରେ ଗୁଳି ବାଜିଥିବା ବେଳେ ଅନ୍ୟଜଣଙ୍କ ବେକରେ ବାଜିଛି । ଶୁକ୍ରବାର ଭୋର ୪ଟା ସମୟରେ ପିକ୍ଅପ୍ ଭ୍ୟାନରେ ବିକ୍ରମ ଓ ସୁନିଲ ନିଜର ସଂପର୍କୀୟ ଘର ରାଉରକେଲା ଅଭିମୁଖେ ଯାଉଥିଲେ । ଏହି ସମୟରେ ବିଜୁ ଏକ୍ସପ୍ରେସ ୱେ ନିକଟରେ ୪ଜଣ ମୁଖାପିନ୍ଧା ଯୁବକ ବାଇକରେ ଆସି ବିକ୍ରମ ଓ ସୁନିଲଙ୍କୁ ଗୁଳି କରି ଚମ୍ପଟ ମାରିଥିଲେ । ସ୍ଥାନୀୟ ଲୋକେ ବିକ୍ରମ ଓ ସୁନିଲଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଯୁବକମାନେ କେଉଁ କାରଣ ପାଇଁ ବିକ୍ରମ ଓ ସୁନିଲଙ୍କୁ ଗୁଳିମାଡ଼ କଲେ ତାର କାରଣ ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତା କାରଣରୁ ଏହି ଗୁଳିମାଡ଼ ହୋଇଛି ନା ଅନ୍ୟ କିଛି କାରଣ ରହିଛି ତାହା ଜଣାପଡ଼ିନାହିଁ। ଗୁଳିମାଡ଼ ନେଇ ପୋଲିସର କୌଣସି ସୂଚନା ମିଳିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## କୃଷି ବିଶେଷଜ୍ଞ ଦଳର କୃଷି ମହାବିଦ୍ୟାଳୟ ପରିଦର୍ଶନ

ଭବାନୀପାଟଣା,(ସବ୍ୟୁ): ଭାରତୀୟକୃଷି ଅନୁସନ୍ଧାନ ପରିଷଦର ମାନ୍ୟତା ଲାଭ କରିବା ପାଇଁ ଓୟୁଏଟି, ଭୁବନେଶ୍ୱର ଦ୍ୱାରା ପରିଚାଳିତ କଳାହାଣ୍ଡି ଭବାନୀପାଟଣା ସ୍ଥିତ କୃଷି ମହାବିଦ୍ୟାଳୟ ଆବଶ୍ୟକୀୟ ଭିତ୍ତିଭୂମିର ସମୀକ୍ଷା କରିବା ନିମନ୍ତେ ଆଇସିଏଆର୍ ପକ୍ଷରୁ ଏକ ବିଶେଷଜ୍ଞ ସମୀକ୍ଷକ ଦଳ ଗତ ଭବାନୀପାଟଣାରେ ପହଞ୍ଚିଥିଲେଛ ଏମ୍ ପିୟୁଏଟି,ଉଦୟପୁରର ପୂର୍ବତନ ଭାଇସ୍ ଚାନ୍ସେଲର୍, ଡ. ଏସ୍. ଏସ୍. ଚହଲ ଏହି ଦଳର ଅଧ୍ୟକ୍ଷ ଥିଲାବେଳେ ପିଏୟୁ କୃଷି ମହାବିଦ୍ୟାଳୟର ଡିନ୍ ଡ.ରଭିନ୍ଦ୍ର କାଉର ଧଲିଓ୍ୱାଲ୍ ଅନ୍ୟତମ ସଦସ୍ୟ ଥିଲେ। ଅନ୍ୟ ପକ୍ଷରେ ଏହି ବିଶେଷଜ୍ଞ ଦଳଙ୍କୁ ସହଯୋଗ କରିବା ପାଇଁ ଭୁବନେଶ୍ୱର ଓୟୁଏଟି ପକ୍ଷରୁ ଡ. ହୃଷିକେଶ ପାତ୍ର ,ଡିନ୍,ସିଏ, ଡ.ଉତ୍ତମ କୁମାର ବେହେରା, ସହକାରୀ ପ୍ରଫେସର, ସିଏ. ମଧ୍ୟ ଏହି ଦଳରେ ସାମିଲ ହୋଇଥିଲେ। ଏହି ଦଳ ଭବାନୀପାଟଣା କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପରୀକ୍ଷାଗାର,ଶ୍ରେଣୀ ଗୃହ,ଛାତ୍ରଛାତ୍ରୀ ମାନଙ୍କ ହଷ୍ଟେଲ, ଜିମନାସିୟମ୍, ଖେଳ ପଡିଆ ଓ ଖେଳ ସାମଗ୍ରୀ ଓ ଫାର୍ମ ବୁଲି ଦେଖିଥିଲେ। ପରେ ପରେ ସେମାନେ ମହାବିଦ୍ୟାଳୟର ଅଧ୍ୟାପକ ,ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀମାନଙ୍କ ସହ ଅଲଗା ଅଲଗା ଭାବେ ସାକ୍ଷାତ କରି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଭବାନୀପାଟଣା କୃଷି ମହାବିଦ୍ୟାଳୟର ଡିନ୍ ଡ.ଶାନ୍ତନୁ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପକ୍ଷରୁ ଏହି ବିଶେଷଜ୍ଞ ସମୀକ୍ଷକ ଦଳଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ

ସମ୍ବଲପୁର,(ସବ୍ୟୁ): ଷ୍ଟାର୍ସ ପ୍ରକଳ୍ପ(୨୦୨୩-୨୪) ଅଧିନରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି । ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଦୃଷ୍ଟିବାଧିତ ୬ଜଣ ଛାତ୍ରଛାତ୍ରୀଙ୍କୁ ଏହି ଲାପଟପ୍ ବଣ୍ଟନ କରିଥିଲେ । ଜିଲ୍ଲା ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ରାଧେଶ୍ୟାମ ଜୟପୁରିଆ, ବୁର୍ଲା ସ୍ଥିତ ସରକାରୀ ଦୃଷ୍ଟିହୀନ ଉଚ୍ଚ ବିଦ୍ୟାଳୟର ସୁରେନ ବେହେରା ଓ ଅମୂଲ୍ୟ ବନଛୋର, ଜିଏମ୍ ଜୁନିୟର କଲେଜର ଅଶ୍ରିତା ଦ୍ୱାରୀ, ଜାନକୀ ଓରାମ ଓ ଆରତୀ ସାହାଣୀଙ୍କୁ ଏହି ଲାପଟପ୍ ପ୍ରଦାନ କରାଯାଇଥିଲା । ଏହି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଡିଇଓ ଜୟଶ୍ରୀ ଦୋରା, ଜିଲ୍ଲା ଶିକ୍ଷା ସଂଯୋଜକ ଅରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ‘ନେତୃତ୍ୱ ସଂକଟ ଭିତରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ’

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସର ଦୁର୍ଗଭାବରେ ରହିଥିଲା । ମାତ୍ର ବହୁ ବରିଷ୍ଠ ନେତାଙ୍କ ମୃତ୍ୟୁ ପରେ ବର୍ତ୍ତମାନ ଏବଂ କେତେକ ପ୍ରଭାବଶାଳୀ ନେତା ଦଳ ଛାଡ଼ି ଚାଲି ଯିବା ପରେ ସାଂଗଠନିକ ଶକ୍ତି ପ୍ରଭାବିତ ହୋଇଛି । ନେତୃତ୍ୱ ସଂକଟ ଦେଇ ଜିଲ୍ଲା କଂଗ୍ରେସ ଗତି କରିଛି । ମାତ୍ର ଆଗକୁ କଂଗ୍ରେସ ଏଭଳି ନେତୃତ୍ୱ ସଂକଟ ଭିତରେ ବି ଜିଲ୍ଲାରେ ବେଶ ଭଲ କରିବ । ଜିଲ୍ଲାରେ ନୂତନ ଯୁବ ନେତୃତ୍ୱ ସୃଷ୍ଟି ପାଇଁ ପ୍ରୟାସରେ ଚେଷ୍ଟାରେ ରହିଛି । ବ୍ରଜରାଜନଗର ଏବଂ ଝାରସୁଗୁଡ଼ା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଚୟନ ହୋଇନାହିଁ । ଆସନ୍ତା ୧୯ ତାରିଖ ସ୍କ୍ରିନିଂ କମିଟି ବୈଠକରେ ଆଲୋଚନା ପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଅନୁମୋଦନରେ ପ୍ରାର୍ଥୀ ଘୋଷଣା ହେବ । ମାତ୍ର ପ୍ରାର୍ଥୀ ଚୟନ ନେଇ ନେତାଙ୍କ ମନ୍ତବ୍ୟକୁ ଭୂଲ ଭାବେ ଉପସ୍ଥାପନ କରାଯାଇ ପ୍ରଚାର ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡଃ ହମିଦ ହୁସେନ । ଝାରସୁଗୁଡ଼ାସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ସାମ୍ବାଦିକ ସମ୍ମିଳନୀରେ ଡଃ ହୁସେନ କହିଥିଲେ ଯେ, କଂଗ୍ରେସରେ ବହୁ ଦକ୍ଷ ନେତା ରହିଛନ୍ତି । ଟିକଟ ଲାଗି ଅନେକ ଆଶାୟୀ ରହିଛନ୍ତି । ଖାସକରି ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ଅନେକ ଯୁବ ନେତୃତ୍ୱଙ୍କ ସହ ପୁରୁଖା ନେତାଙ୍କ ନାମ ମଧ୍ୟ ଆଶାୟୀ ତାଲିକାଭୁକ୍ତ ରହିଛି ।

## ଗଞ୍ଜେଇ ଚୋରାଚାଲାଣ ଅଭିଯୋଗ, ୩ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜିଆରପି ପୋଲିସ ଗଞ୍ଜେଇ ଚୋରାଚାଲାଣ ବେଳେ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ୨୪.୪କିଗ୍ରା ଗଞ୍ଜେଇ ଜବତ ହୋଇଛି । ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ରେଢାଖୋଲ ରେଳ ଷ୍ଟେସନ ଠାରେ ସନ୍ଦେହ ଜନକ ଭାବେ ଥିବା ୩ଜଣଙ୍କୁ ଆରପିଏଫ୍ ପୋଲିସ ଯାଞ୍ଚ କରିଥିଲା । ଯାଞ୍ଚବେଳେ ତାଙ୍କ ଠାରୁ ଉପରୋକ୍ତ ଗଞ୍ଜେଇ ଜବତ ହୋଇଛି । ଏହି ଅଭିଯୋଗରେ ପଶ୍ଚିମବଙ୍ଗର ଶିଳ୍ପୀ ମଣ୍ଡଳ, ରୁମ୍ପା ସତ୍ର ଓ ପିୟୁସ ବିଶ୍ୱାସଙ୍କୁ ଗିରଫ କରି ଜିଆରପି ପୋଲିସକୁ ହସ୍ତାନ୍ତର କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

## କବିତା ସଂକଳନ ‘ଲିଭି ଆସୁଥିବା ଚୁଲି’ ଉନ୍ମୋଚିତ



ଭବାନୀପାଟଣା,(ସବ୍ୟୁ):ଭୁବନେଶ୍ୱରସ୍ଥିତ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ଏବଂ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ପ୍ରାପ୍ତ କବି ଜୟଦ୍ରଥ ସୁନାଙ୍କ ତୃତୀୟ କବିତା ସଂକଳନ ‘ଲିଭି ଆସୁଥିବା ଚୁଲି’ ଉନ୍ମୋଚିତ ହେଇଯାଇଛି । ବିଶ୍ୱ ବିଦ୍ୟାଳୟ ଯୁବ ସଂସ୍କାର ପ୍ରକୋଷ୍ଠରେ ଆୟୋଜିତ ସଭାରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ କବି, ଲେଖକ, ନାଟ୍ୟକାର ଓ ଗବେଷକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ବୈରାଗୀଚରଣ ପଟ୍ଟନାୟକ, ଗବେଷକ କ୍ଷେତ୍ରବାସୀ ମାନସେଠ, କୁଳସଚିବ ପିତାମ୍ବର ଭୋଇ, ଉପ କୁଳସଚିବ ମେଜର ଜୟଦେବ ସାହୁ, ସ୍ନାତକୋତ୍ତର ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ନାଥ, ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ସହକାରୀ ପ୍ରଫେସର ଡୋଳାମଣି ଧରୁଆ, ଲେଖିକା ସୁନୀତି ମୁଣ୍ଡ, କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା ପ୍ରମୁଖ ଯୋଗଦେଇ କବି ଶ୍ରୀ ସୁନାଙ୍କ ଲେଖକୀୟ ଜୀବନ ଉପରେ ଆଲୋକପାତ କରିଥିଲେଛ ପୂର୍ବରୁ କବିଙ୍କ ଚର୍ଚ୍ଚିତ କବିତା ସଂକଳନ ‘ଶୋଷ’, ଦ୍ୱିତୀୟ ସଂକଳନ ‘ନିଆଁଧରା’ ପ୍ରକାଶିତ ହୋଇ ବେଶ ପାଠକୀୟ ଶ୍ରଦ୍ଧା ଲାଭ କରିଥିବାବେଳେ ଆଜି ଉନ୍ମୋଚିତ ତୃତୀୟ ସଂକଳନ ମଧ୍ୟ ପାଠକୀୟ ଆଦୃତି ଲାଭ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେଛ ସୂଚନାଯୋଗ୍ୟ, କବି ଶ୍ରୀ ସୁନା ତାଙ୍କର ପ୍ରଥମ କବିତା ସଂକଳନ ‘ଶୋଷ’ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ଲାଭ କରି କଳାହାଣ୍ଡି ଜିଲ୍ଲା ପାଇଁ ସର୍ବ ପ୍ରଥମେ ଗର୍ବ ଓ ଗୌରବ ଆଣିଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ସାଗରିକା ଦଳାଇ, ରେଣୁକା ଡାକୁଆ, ପ୍ରତ୍ୟାଶା ଧଳ, ଜୟନ୍ତୀ ଭୋଇ, ବାଲ୍ମିକୀ କରୁଆଁ, ସୁବ୍ରତ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଜେସିବିରେ କାକାଙ୍କ ଘର ପୁତୁରା ଭାଙ୍ଗିଦେବା ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପୀଡ଼ିତ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ



ସୁରେଶ ମହାକୁର ଓ ତାଙ୍କ ପତ୍ନୀ

ବଲାଙ୍ଗିର/ମୁରିବାହାଲ,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ସଭାପତି, ଫାର୍ମାସିଷ୍ଟ ତଥା ଛାତ୍ର ବିଜେଡ଼ି କର୍ମକର୍ତ୍ତା ବୋଲୁଥିବା ସୁବ୍ରତ କୁମାର ମହାକୁର ନାମକ ଜଣେ ଯୁବକ ଦବଙ୍ଗଗିରି କରି ନିଜର ରକ୍ତ ସମ୍ପର୍କୀୟ କାକା ଖୁଡିଙ୍କ ଘରକୁ ଜେସିବି ସାହାଯ୍ୟରେ ଭାଙ୍ଗି ମାଟିରେ ମିଶାଇ ଦେଇଥିଲା । ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସୁବ୍ରତ ମହାକୁରଙ୍କ ମା ବନିତା ମହାକୁର(୫୪), ସୁବ୍ରତର ମୁଖ୍ୟ ସହଯୋଗୀ ପ୍ରକାଶ ବଘାର(୪୦) ଓ ଜେସିବି ଡ୍ରାଇଭର ପଙ୍ଗନିଆ ଗ୍ରାମର ଲିଙ୍ଗରାଜ ହଂସ(୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାର ମୁଖ୍ୟ ମାଷ୍ଟରମାଇଣ୍ଡ ସୁବ୍ରତ ନିଜ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ପୁଲିସ ପ୍ରକାଶ କରିଥିଲା । ମୁଖ୍ୟ ଅଭିଯୁକ୍ତ ସୁବ୍ରତଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶୁକ୍ରବାର ପୀଡ଼ିତ ପରିବାର ବଲାଙ୍ଗିର ଏସପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କୁ ଭେଟି ଅନୁରୋଧ କରିଥିଲେ। ଏସପି ଅତିଶିଘ୍ର ମୁଖ୍ୟ ଅଭିଯୁକ୍ତ ସୁବ୍ରତଙ୍କୁ ଗିରଫ କରାଯିବ ବୋଲି ପୀଡ଼ିତ ପରିବାରଙ୍କୁ ପ୍ରତିଶୃତି ଦେଇଥିବା ଜଣାପଡିଛି। ମୁରିବାହାଲ ଥାନା ପୁଲିସ ସୂତ୍ରରୁ ସୂଚନା ମତେ ମୁରିବାହାଲ ବଜାରପଡ଼ାରେ ଘର କରି ରହୁଥିବା ସୁରେଶ ମହାକୁର ଓ ତାଙ୍କ ପତ୍ନୀ ରଶ୍ମିତା ମହାକୁର ବୁଧବାର ଦିନ ନିଜ ଅସୁସ୍ଥ ବୃଦ୍ଧ ଅଜାଙ୍କୁ ଦେଖିବାକୁ ନିଜ ଶାଶୁଘର ଜାନୀପଡ଼ାକୁ ସପରିବାର ଯାଇଥିଲେ। ଘରେ ସମସ୍ତେ ଅନୁପସ୍ଥିତିର ସୁଯୋଗ ନେଇ ସୁରେଶଙ୍କ ବଡ଼ଭାଇ ସ୍ୱର୍ଗତ ସ୍ୱପ୍ନେଶ୍ୱର ମହାକୁରଙ୍କ ସାନପୁଅ ସୁବ୍ରତ , ସ୍ୱର୍ଗତ ସ୍ୱପ୍ନେଶ୍ୱରଙ୍କ ବିଧବା ପତ୍ନୀ ବନିତା ମହାକୁର ଓ ସୁବ୍ରତର ମୁଖ୍ୟ ସହଯୋଗୀ ମୁରିବାହାଲ,ବସ୍ତିର ସ୍ୱର୍ଗତ ବଂଶୀଧର ବଘାରଙ୍କ ସାନପୁଅ ପ୍ରକାଶ ବଘାର ବୁଧବାର ସନ୍ଧ୍ୟାରେ ଏକ ଜେସିବି ସାହାଯ୍ୟରେ ସୁରେଶଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ଘରକୁ ଭାଙ୍ଗିଦେବା ସହ ଘରେ ଥିବା ନଗଦ ୩ଲକ୍ଷ ଟଙ୍କା ସହ ମୋଟ ୭ଲକ୍ଷ ଟଙ୍କାର ଜିନିଷପତ୍ର ସେମାନେ ଲୁଟି ନେଇଥିବା ସୁରେଶଙ୍କ ପତ୍ନୀ ରଶ୍ମିତା ମହାକୁର ରାତିରେ ଥାନାରେ ଲିଖିତ ଏତଲା ଦେଇଥିଲେ। ରଶ୍ମିତାଙ୍କ ଏତଲା ଆଧାରରେ ପୁଲିସ କେଶ ନ ୮୪/୨୪ ରୁଜୁ କରି ତଦନ୍ତକାରି ଅଧିକାରୀ ସବଇନ୍ସପେକ୍ଟର ପ୍ରମୋଦ କୁମାର ପଧାନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ତଦନ୍ତ କରି ଘରଭଙ୍ଗାରେ ବ୍ୟବହୃତ ସାଲେପଡା ଗ୍ରାମର କ୍ଷୀରଧର ବନଛୋରଙ୍କ ଜେସିବି,ସାମ୍ବାଦିକ ସୁବ୍ରତ ବ୍ଲକ ସମ୍ମୁଖରେ ଛାଡ଼ି ପଳାଇଥିବା ତାଙ୍କ କାରକୁ ଜବତ କରି ଥାନାରେ ଅଟକ ରଖିଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୨୭)

-ଜ୍ଞାନଯୋଗଃ-

(ଶ୍ରୀଭଗବାନୁବାଚ)

ସର୍ବାଣୀନ୍ଦ୍ରିୟକର୍ମ୍ମାଣି ପ୍ରାଣକର୍ମ୍ମାଣି ଚାପରେ ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ।।୨୭।।

କେହି କେହି ଧ୍ୟାନବିଷ୍ଟ ଜ୍ଞାନୀ (ଧେୟ ବିଷୟ) ଦ୍ୱାରା ପ୍ରଦୀପ୍ତ ଆତ୍ମସଂଯମ ରୂପ ହୋମାଗ୍ନିରେ ଇନ୍ଦ୍ରିୟକର୍ମ ଓ ପ୍ରାଣକର୍ମ ଆହୁତି ରୂପରେ ପ୍ରଦାନ କରନ୍ତି (ଧ୍ୟାନରୂପ ପ୍ରଜ୍ୱଳିତ ଜ୍ଞାନଦୀପଦ୍ୱାରା ଧେୟ ବ୍ରହ୍ମଙ୍କୁ ସମ୍ୟକ୍ ରୂପରେ ଜାଣି ସେଥିରେ ମନକୁ ସଂଯତ କରି ସୁ କର୍ମରୁ ଉପରତ ହୁଏ ।।୨୭।।

# ରୁଷିଆର ଧମକ

ସମ୍ପାଦକୀୟ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ' ଯଦି ରୁଷିଆର ସାର୍ବଭୌମତ୍ୱ ବା ସ୍ୱାଧୀନତା ଉପରେ ବିପଦ ସୃଷ୍ଟି ହୁଏ, ତା'ହେଲେ ରୁଷିଆ ଏହାର ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ପଛେଇବ ନାହିଁ । ରୁଷିଆର ନିର୍ବାଚନର ମାତ୍ର କିଛି ଦିନ ପୂର୍ବରୁ ପାଶ୍ଚାତ୍ୟ ଦେଶଗୁଡିକୁ ଏପରି ଧମକ ଦେଇଛନ୍ତି ରାଷ୍ଟ୍ରପତି ପୁଟିନ । ନିର୍ବାଚନ ସେ ନିଶ୍ଚୟ ଜିତିବେ ଏବଂ ପୁଣି ୬ ବର୍ଷ ପାଇଁ ରୁଷିଆର ରାଷ୍ଟ୍ରପତି ପଦରେ ରହିବେ, ଏହା ସତ୍ୟ, ନିର୍ବାଚନ କେବଳ ଗୋଟିଏ ଔପଚାରିକତା । ମାର୍ଚ୍ଚ ୧୫-୧୭ ମଧ୍ୟରେ ହେବାକୁ ଥିବା ନିର୍ବାଚନ ପୂର୍ବରୁ ଆଣବିକ ଅସ୍ତ୍ର ବ୍ୟବହାର କରିବାନେଇ ପାଶ୍ଚାତ୍ୟ ଦେଶଗୁଡିକୁ ଧମକ ଦେବା ଅବସରରେ ସେ ପୁଣି କହିଛନ୍ତି, ବର୍ତ୍ତମାନ ସେପରି ଅବସ୍ଥା ଆସିନାହିଁ ଏବଂ ୟୁକ୍ରେନ ସହ ଯୁଦ୍ଧରେ ଆଣବିକ ଅସ୍ତ୍ର ବ୍ୟବହାର କରିବା ସେମିତି କିଛି ଦରକାର ନାହିଁ । କିନ୍ତୁ ରୁଷିଆ ଦରକାର ପଡିଲେ ଆଣବିକ ଅସ୍ତ୍ର ବ୍ୟବହାର କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ସେ ଦୋହରାଇଛନ୍ତି । ପୁଟିନ କହିଛନ୍ତି ଯେ ଆମେରିକା ବୁଝିଛି ଯେ ଯଦି ଏହାର ସୈନ୍ୟ ରୁଷିଆ ଅଞ୍ଚଳରେ ବା ୟୁକ୍ରେନ ସୀମାରେ ନିୟୋଜିତ କରେ, ତା' ହେଲେ ରୁଷିଆ ଏହାକୁ ଏହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ଭାବରେ ଗ୍ରହଣ କରିବ । ରୁଷିଆ-ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ଖୁଲାସା କରି ସେ ଆହୁରି ମଧ୍ୟ କହିଛନ୍ତି ଯେ' ରୁଷିଆ ୟୁକ୍ରେନର ଚାରୋଟି ଅଞ୍ଚଳ ଦାଖଲ କରିସାରିଛି ଯେଉଁଗୁଡିକ ବର୍ତ୍ତମାନ ରୁଷିଆର ଅଂଶ । ଆମେରିକାକୁ ସିଧା ଟାର୍ଗେଟ କରି ସେ କହିଛନ୍ତି ଯେ' ଆମେରିକା-ରୁଷ ସମ୍ପର୍କକୁ ନେଇ ଉପଦେଶ ଦେବାପାଇଁ ଆମେରିକା ପାଖରେ ବହୁ ବିଶେଷଜ୍ଞ ଅଛନ୍ତି, ତେଣୁ ସେଭଳି କୌଣସି ପରିସ୍ଥିତି ସୃଷ୍ଟି ହେବନାହିଁ ଯେଉଁଥିରେ ରୁଷିଆକୁ ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ପଡିବ, କିନ୍ତୁ ରୁଷିଆ ଏଥିନେଇ ସବୁବେଳେ ପ୍ରସ୍ତୁତ ଅଛି । ପୁଟିନଙ୍କ ଏ ପ୍ରକାର ମନ୍ତବ୍ୟ ସ୍ପଷ୍ଟ କରୁଛି ଯେ' ସେ ୟୁକ୍ରେନରେ ରୁଷିଆର ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ରୁଷିଆ ତା'ର ସମସ୍ତ ଶକ୍ତି ବ୍ୟବହାର କରିବାକୁ ପ୍ରସ୍ତୁତ । ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏକ ସାକ୍ଷାତକାର ଅବସରରେ ପୁଣି ସ୍ପଷ୍ଟ କରିଛନ୍ତି ଯେ ପାଶ୍ଚାତ୍ୟ ଦେଶରେ କୂଟନୈତିକ ସ୍ୱରର ଜିଦ୍ ସତ୍ତ୍ୱେ, ସେ ୟୁକ୍ରେନ ଯୁଦ୍ଧର ସମାପ୍ତି ପାଇଁ ବୁଝାମଣା କରିବାକୁ ପ୍ରସ୍ତୁତ ନୁହଁନ୍ତି, କାରଣ ୟୁକ୍ରେନ ଅନିଶ୍ଚିତତା ମଧ୍ୟରେ ରହୁଛି ଯାହାଦ୍ୱାରା ରୁଷିଆ ଯୁଦ୍ଧ ଜାରି କରି ଅଧିକ ଅଗ୍ରଗତି ସୁରକ୍ଷିତ କରିପାରିବ । ପୁଟିନଙ୍କ ମତରେ ବର୍ତ୍ତମାନ ବୁଝାମଣା କରିବା ହାସ୍ୟାସ୍ପଦ ହେବ କାରଣ ୟୁକ୍ରେନ ପ୍ରତି ସହଯୋଗୀ ଦେଶମାନଙ୍କ ସାହାଯ୍ୟ କମିବାରେ ଲାଗିଲାଣି । ଏଠି ପ୍ରଶ୍ନ ଉଠୁଛି, ତେବେ ପୁଟିନ୍ ଆଣବିକ ଅସ୍ତ୍ର କଥା ଉଠାଉଛନ୍ତି କାହିଁକି ? ଏହା ମଧ୍ୟ ଧରି ନିଆଯାଇପାରେ ଯେ' ଏହା ହେଉଛି ପୁଟିନଙ୍କ ନିରାଶର ଉକ୍ତି କାରଣ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହା ୟୁକ୍ରେନ ସହ ଯୁଦ୍ଧ କରିଚାଲିଛି ଯାହାର ଫଳାଫଳ ଶୂନ । ଫେବୃଆରୀ ୨୪, ୨୦୨୨ରେ ଅନେକେ ହୁଏତ ଭାବିଥିଲେ ଗୋଟିଏ ଛୋଟ ପଡ଼ୋଶୀ ବିରୁଦ୍ଧରେ ରୁଷିଆ ଯୁଦ୍ଧ ଶୀଘ୍ର ସମାପ୍ତ ହେବ ଏବଂ ୟୁକ୍ରେନକୁ ରୁଷିଆ ଅଧିକାର କରିନେବ । କିନ୍ତୁ ଦୁଇ ବର୍ଷର ସମାପ୍ତି ପରେ ମଧ୍ୟ ଯୁଦ୍ଧ ଚାଲିଛି ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ୟୁରୋପରେ ସବୁଠାରୁ ବଡ ସ୍ଥଳ ଯୁଦ୍ଧରେ ପରିଣତ ହୋଇଛି । ଏହା ଆଉ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ନୁହେଁ । ଏହା ବର୍ତ୍ତମାନ ଟ୍ରାନ୍ସ-ଆଟଲାଣ୍ଟିକ୍ ଆଣବିକ ଆଲାଏନ୍ସ ନାଟୋ ଏବଂ ରୁଷିଆ ମଧ୍ୟରେ ଏକ ପ୍ରକ୍ସି ବିବାଦ । ବାଇଡେନ ପ୍ରଶାସନର କହିବା ଅନୁସାରେ, ଆମେରିକୀୟ ସୈନ୍ୟ ପଠାଇବା ପାଇଁ ଆମେରିକାର କୌଣସି ଯୋଜନା ନାହିଁ କିନ୍ତୁ ସ୍ଥଗିତ ରହିଥିବା ସୁରକ୍ଷା ବିଲ୍ ଅନୁମୋଦନ କରିବାର ଆବଶ୍ୟକତା ଉପରେ ବାଇଡେନ ଜୋର ଦେଇଛନ୍ତି ଯାହା ଦ୍ୱାରା ୟୁକ୍ରେନ ମିଲିଟାରୀ ଯୁଦ୍ଧ ଜାରି ରଖିବା ପାଇଁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ପାଇପାରିବ । ତେବେ ପୁଟିନଙ୍କ ମନ୍ତବ୍ୟ ଉପରେ ଆମେରିକା କୌଣସି ପ୍ରତିକ୍ରିୟା ପ୍ରକାଶ କରିବାକୁ ଚାହିଁନାହିଁ । ରୁଷିଆ ଆଣବିକ ଅସ୍ତ୍ର ବ୍ୟବହାର କରିବା ନେଇ ଅତୀତରେ ମଧ୍ୟ ଅନେକବାର ଧମକ ଦେଇଛି, କିନ୍ତୁ ଏ ପର୍ଯ୍ୟନ୍ତ ସାହସ କରିନାହିଁ । ପ୍ରଶ୍ନ ଉଠୁଛି ପୁଟିନ ନିର୍ବାଚନ ପୂର୍ବରୁ ପୁଣି ଥରେ ଆଣବିକ ଅସ୍ତ୍ର ବ୍ୟବହାର ନେଇ ପାଶ୍ଚାତ୍ୟ ଦେଶଗୁଡିକୁ ଧମକ ଦେଲେ କାହିଁକି ? ଏହା କେବଳ ନିର୍ବାଚନ ପୂର୍ବରୁ ଗୋଟିଏ ପ୍ରଚାର ବୋଲି ମଧ୍ୟ ଧରି ନିଆଯାଇପାରେ । ଏହା ଆହୁରି ମଧ୍ୟ ସ୍ପଷ୍ଟ କରୁଛି ଯେ' ରୁଷିଆରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ । ହୁଏତ ରୁଷିଆବାସୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏ ପ୍ରକାର ଧମକପୂର୍ଣ୍ଣ ବାକ୍ୟ ବ୍ୟବହାର କରୁଛନ୍ତି ପୁଟିନ । କାରଣ କେତେକ ରିପୋର୍ଟ ଅନୁସାରେ, ନିଜ ଦେଶରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ତାଙ୍କୁ ବିରୋଧର ସାମ୍ନା କରିବାକୁ ପଡୁଛି । ସୋଭିଏତ୍ ୟୁନିଅନର ଆଣବିକ ଅସ୍ତ୍ରର ଉତ୍ତରାଧିକାରୀ ଥିବା ରୁଷିଆରେ ବିଶ୍ୱର ସବୁଠାରୁ ଅଧିକ ଆଣବିକ ଅସ୍ତ୍ର ମହଜୁଦ ଅଛି ଯାହା ସାରା ବିଶ୍ୱକୁ ଧ୍ୱଂସ କରିଦେବାର କ୍ଷମତା ରହିଛି । ଆମେରିକା କିମ୍ବା ନାଟୋ ସହିତ ସମ୍ଭାବ୍ୟ ଦ୍ୱନ୍ଦ୍ୱରେ ଏହାର ଲକ୍ଷ୍ୟ ହାସଲ କରିବା ପାଇଁ ରୁଷିଆ ଏହାର ବୃହତ୍ ତଥା ବିବିଧ ଆଣବିକ ଅସ୍ତ୍ରଶସ୍ତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଦେଖେ ବୋଲି ଆମେରିକାର ଗୁପ୍ତଚର ସମ୍ପ୍ରଦାୟ ବିଶ୍ୱାସ କରେ ଏବଂ ୟୁକ୍ରେନ-ରୁଷିଆ ଯୁଦ୍ଧ ସମାପ୍ତ ହେଉ ନ ଥିବାରୁ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ସମର୍ଥନ ଜାରିରଖିଥିବାରୁ, ରୁଷିଆର ଆଣବିକ ଅସ୍ତ୍ର ବ୍ୟବହାରକୁ ଏଡାଇ ଦିଆ ଯାଇ ନ ପାରେ । ରୁଷର ଦ୍ରୁତ ଏବଂ ନିର୍ଣ୍ଣାୟକ ଯୁଦ୍ଧକ୍ଷେତ୍ରରେ ଜିତିବାରେ ଅସମର୍ଥତା, ରୁଷ ମଧ୍ୟରେ ୟୁକ୍ରେନ ଷ୍ଟ୍ରାଇକ୍ ଆଣବିକ ଅସ୍ତ୍ର ବ୍ୟବହାର ନେଇ ଆଶଙ୍କା ବଢ଼ାଇ ଚାଲିଛି ।

# ବୁବେଇ ଘାସରୁ ଶିଳ୍ପ ସମ୍ଭାବନା

**ଅଧ୍ୟାପକ ଗୋପବନ୍ଧୁ**

ସବାଇ ଗ୍ରାସ୍ ବା ବୁବେଇ ଘାସ ମୟୂରଭଞ୍ଜ ଜିଲ୍ଲାର ଏକ ବିଶାଳ ଅଞ୍ଚଳରେ ଲୋକଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିଥାଏ । ବିଶେଷ କରି ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକରେ ଅନେକଙ୍କ ପାଇଁ ଏହା ଜିବୀକା ନିର୍ବାହର ଏକ ପ୍ରମୁଖ ମାଧ୍ୟମ । ଏହି ନିର୍ବାଚନ ମଣ୍ଡଳୀ ସଂଲଗ୍ନ ଅନ୍ୟାନ୍ୟ ବ୍ଲକର କିଛି ଅଞ୍ଚଳରେ ମଧ୍ୟ ଏହା ପରିବାର ଗୁଜୁରାଣ ପାଇଁ ସର୍ବନିମ୍ନ ଅର୍ଥ ଉପାର୍ଜନର ମାଧ୍ୟମ । ସମ୍ପୃକ୍ତ ଅଞ୍ଚଳରେ ଏହା ଚାଷର ମାନ୍ୟତା ପାଏ । କୃଷକମାନେ ଉଚ୍ଚ ସମତଳ ପଡିଆମାନଙ୍କରେ ବୁବେଇ ଚାଷ କରନ୍ତି । ପୂର୍ବେ ଏହି ଘାସର ଚାହିଦା ବହୁତ ଥିଲା । ଚାଷୀମାନେ ଏସବୁ ବିକ୍ରୀକରି ବେଶ୍ ରୋଜଗାର କରୁଥିଲେ । ଏବେ ଏହାର ଚାହିଦା କମି କମି ଯାଉଥିବା ଯୋଗୁଁ ଚାଷୀମାନେ ଏହା ଉପରେ ବିଶେଷ ଧ୍ୟାନ ଦେଉ ନାହାଁନ୍ତି । ସମ୍ପୃକ୍ତ ଅଞ୍ଚଳରେ ଏହି ଘାସର ତଥା ଏଥିରୁ ତିଆରି ହେଉଥିବା ଦଉଡ଼ିର କିଣାବିକା ପାଇଁ ହାଟ ବସେ । ସ୍ଥାନୀୟ ଅଞ୍ଚଳର ଅର୍ଥନୀତିରେ ଏହାର ଯୋଗଦାନ କିଛି କମ୍ ନୁହେଁ । ଅନେକ ଲୋକ ଏଥିରେ ନିୟୋଜିତ ହୁଅନ୍ତି ଓ ବେଶ କିଛି ରୋଜଗାର କରନ୍ତି ।

ବୁବେଇ ଘାସକୁ ଅନେକ ପର୍ଯ୍ୟାୟରେ ବିକ୍ରୀ କରାଯାଏ । ପ୍ରଥମେ ଚାଷୀ ଏହାକୁ କାଟି ଶୁଖାଇ ବିକ୍ରୀ କରେ । ଏହାକୁ ବର୍ଷରେ ଦୁଇଥର କଟାଯାଇ ଥାଏ । କିଛି ବ୍ୟବସାୟୀ ଏହାକୁ କିଣି ଗଚ୍ଛିତ ରଖନ୍ତି ଓ ଦାମ ଚଢିଲେ ବିକ୍ରୀକରି ଲାଭବାନ ହୋଇଥାନ୍ତି । ସାଧାରଣତଃ ଖରାଦିନେ ଏହାର ଚାହିଦା ବେଶି ରହେ । କିଛି ଘାସ ପେପର ମିଲକୁ ଯାଏ । ପେପର ତିଆରି ପାଇଁ ଏହା କଞ୍ଚାମାଲଭାବେ ବ୍ୟବହାର ହୁଏ । ବାକିତକ ଦଉଡି ତିଆରି ପାଇଁ ବ୍ୟବହାର ହୁଏ । ଏଥିରୁ ତିଆରି ଦୁଇ ପ୍ରକାର ଦଉଡିର ବ୍ୟବସାୟ ହୁଏ । ଗୋଟିଏ ହେଉଛି ରାଫ ଓ ଅନ୍ୟଟି ହେଉଛି ପଲିସ୍ । କେତେକ ପରିବାର ଅର୍ଥାଭାବ ଯୋଗୁଁ ବୋଲା ଯାଇଥିବା ଦଉଡ଼ିକୁ ପଲିସ ନକରି ଓଜନ ଦରରେ ବିକ୍ରୀ କରିଦିଅନ୍ତି । ବେପାରୀମାନେ ଏହାକୁ କିଣି ନେଇ ପଲିସ କରି ବିକନ୍ତି । କେତେକେ ନିଜେ ପଲିସ୍ କରି ବିକନ୍ତି । ଏଥିରୁ ବହୁତ ଲାଭ ହୁଏ ଭାବିବା ଅନୁଚିତ । ତେଲଲୁଣର ସଂସାରକୁ ଆଗେଇ ନେବାପାଇଁ ଏହା ଉପରେ ଆଶ୍ରା କରିବାକୁ ଅନେକେ ବାଧ୍ୟ ହୁଅନ୍ତି ।

ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଗାଁକୁ ଗଲେ ଦେଖିବେ ପ୍ରାୟ ପ୍ରତ୍ୟେକ ପରିବାରର ବୟସ୍କରୁ ଛୁଆ ପର୍ଯ୍ୟନ୍ତ ସକାଳୁ ସନ୍ଧ୍ୟା ଯାଏଁ ଘର ପିଣ୍ଡା କିମ୍ବା ସାମ୍ନା ଅଗଣାରେ ବସି ବୁବେଇ ଦଉଡି ବଳୁଛନ୍ତି । ଏହା ତାଙ୍କ ନିତିଦିନିଆ କାମ । ପୁଣି ସକାଳୁ ସକାଳୁ ଦେଖିବେ ଗୋଟିଏ ଚକ୍ରି ଘୂରାଇ ଓଦା ଦଉଡିକୁ ପାଗ ଦେଉଛନ୍ତି । ଦଉଡି ଶୁଖିଗଲା ପରେ ତାକୁ ପଲିସ କରିବା ପାଇଁ ରାଞ୍ଜ ଦିଆଯାଏ । ଏ କାମ ଉଦୁଉଦିଆ ଖରାବେଳେ କରାଯାଏ । ଦେଖିବେ ଖରାବେଳେ ରାସ୍ତା କଡରେ ସ୍ତ୍ରୀଲୋକମାନେ ଗୋଟିଏ ଗଛ ଦେହରେ ଦଉଡ଼ି ଗୋଛାକୁ ଛନ୍ଦି ରାଞ୍ଜ ଦେଉଥାନ୍ତି । ଯେଉଁ ଦଉଡି ଯେତେ ପଲିସ ଓ ଗୋଟିଏ ସାଇଜର ହେବ ତାହାର ଦାମ୍ ସେହି ଅନୁସାରେ ଅଧିକ ହେବ । ସନ୍ଧ୍ୟାବେଳେ ପଲିସ ଦଉଡିର ବଣ୍ଡିଲ ବନା ହୁଏ । ଗୋଟିଏ ବଣ୍ଡିଲରେ ପାଖାପାଖି ଏକ କେଜି ଦଉଡି ଥାଏ । ବଣ୍ଡିଲ ବନାଇବା କାମ ପ୍ରାୟତଃ ପୁରୁଷମାନେ କରନ୍ତି । ଛୋଟ ଛୋଟ ବଣ୍ଡିଲକୁ ନେଇ ପଚିଶ ତିରିଶ କେଜିର ବଡ଼ ବଣ୍ଡିଲ ତିଆରି ହୁଏ । ତହିଁ ଆରଦିନ ସକାଳୁ ସେଗୁଡିକୁ ସାଇକେଲରେ ନେଇ ପାଖ ହାଟରେ ବିକ୍ରୀ କରାଯାଏ । ଯେତେକ ଟଙ୍କା ମିଳେ ସେଥିରୁ ବୁବେଇ ଘାସ କିଣିବା ପାଇଁ ମୂଳ ଟଙ୍କା ରଖି ବାକିତକ ଘର ସଉଦା ପାଇଁ ଖର୍ଚ୍ଚ କରାଯାଏ । ଏହି ପ୍ରକାରେ ଆର୍ଥିକ ଚକ୍ର ଚାଲେ ।

ଯେଉଁମାନେ ଏହାକୁ ଜିବୀକା ରୂପେ ଗ୍ରହଣ କରିଥାନ୍ତି, ସେମାନେ ପ୍ରାୟତଃ ଗରିବ ଓ କ୍ୱଚିତ୍ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର । ଅନେକେ ଏହାକୁ ଆନୁସାଙ୍ଗୀକ କର୍ମ ସଂସ୍ଥାନ ରୂପେ ଗ୍ରହଣ କରନ୍ତି । ଅନ୍ୟାନ୍ୟ କାମ କଲାପରେ ଯେଉଁ ସମୟ ବଳେ, ସେସମୟରେ ଏମାନେ ବୁବେଇ ବଳନ୍ତି । ଏମାନେ ପ୍ରାୟତଃ କ୍ଷୁଦ୍ର ଚାଷୀ ଅଥବା ନାମକୁ ମାତ୍ର ଚାଷୀ ହୋଇଥାନ୍ତି । ଅନେକେ ଶ୍ରମିକଭାବେ କାମ କରନ୍ତି । ଯେଉଁ ସମୟରେ କାମଦାମ ମିଳେ ନାହିଁ ସେ ସମୟରେ ଘରେ ବସି ବୁବେଇ ବଳନ୍ତି । ଏହା ବହୁତ ଲାଭଦାୟକ ହୋଇଥିବା ଯୋଗୁଁ ଏହାକୁ ଲୋକମାନେ ଆପଣେଇ ଥାଆନ୍ତି ତାହା ନୁହେଁ । ବରଂ ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନପାଇବା ଯୋଗୁଁ ଏ କାମକୁ ଅନେକେ ଗ୍ରହଣ କରିଥାନ୍ତି । ଜଣେ ଦିନସାରା ବୁବେଇ ବଳିଲେ ହାରାହାରି ଏକଶହ ଟଙ୍କା ରୋଜଗାର କରିଥାଏ । ପରିଶ୍ରମ ତୁଳନାର ଆୟ ବହୁତ କମ୍ । ତଥାପି ଲୋକେ ବସିବା ଅପେକ୍ଷା କାଶିବା ଭଲ ନ୍ୟାୟରେ ଏହାକୁ ଜୀବିକା ରୂପେ ଗ୍ରହଣ କରନ୍ତି ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସବାଇ ଘାସକୁ ମାଡାଗାସ୍କାରରୁ ମୟୂରଭଞ୍ଜକୁ ଆଣିଥିବାର ସୂଚନା ମିଳେ । ଏହାର ଦଉଡି ଦୃଢ଼ ଓ ଦୀର୍ଘସ୍ଥାୟୀ ହୋଇଥିବା ଯୋଗୁଁ ଇଂରେଜମାନେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଭିନ୍ନ ପ୍ରକାର ବନ୍ଧାବନ୍ଧି କାମ ପାଇଁ ଏହାକୁ ବ୍ୟବହାର କରୁଥିଲେ । ଫଳରେ ଏଥିରୁ ଦଉଡି ତିଆରି ପାଇଁ ବିଭିନ୍ନ ଅଞ୍ଚଳରେ ଲୋକମାନେ ନିୟୋଜିତ ହେଲେ ।

କ୍ରମେ ଦଉଡ଼ିର ଚାହିଦା ବଢ଼ିଲା । ବିଶେଷ କରି ନିର୍ମାଣ କାର୍ଯ୍ୟରେ ଏହାର ବହୁଳ ଉପଯୋଗ ହେଲା । ଏବେ ମଧ୍ୟ ଏଥିପାଇଁ ଏହାର ବହୁଳ ଉପଯୋଗ ହେଉଛି । ସାରା ଭାରତବର୍ଷର ବିଭିନ୍ନ ସ୍ଥାନକୁ ଏହି ଦଉଡି ପ୍ରେରଣ ହୁଏ । ପ୍ଲାଷ୍ଟିକ ଦଉଡ଼ି ଏହି ଦଉଡିର ବିକଳ୍ପ ହୋଇପାରିବ ନାହିଁ । ଯେହେତୁ ବୁବେଇ ଦଉଡ଼ି ଖସରା ନୁହେଁ, ତେଣୁ ଏହାର ଲୋକପ୍ରିୟତା ଅତୁଟ ରହିଛି ।

ସବାଇ ଘାସର ଚାଷ କ୍ରମେ ଉଜୁଡି ଯାଉଛି । କାରଣ ମାଟିର ଉର୍ବରତା କମି କମି ଯାଉଛି । ଏହି ଚାଷ ଆଉ ଲାଭଦାୟକ ହେଉ ନାହିଁ । ଏହା ଛଡା ପ୍ଲାଷ୍ଟିକ ଦଉଡିର ଆବିର୍ଭାବ ବୁବେଇ ଦଉଡିର ବହୁଳ ବ୍ୟବହାରକୁ ସୀମିତ କରିଛି । ଏହି କାର୍ଯ୍ୟରେ ଲିପ୍ତ ଲୋକଙ୍କ ରୋଜଗାର ପରିଶ୍ରମ ତୁଳନାରେ ବହୁତ କମ୍ । ଏବେ ଯୁବକ ଯୁବତୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଉଛନ୍ତି । ଯେଉଁମାନେ ଏ ଜୀବିକାକୁ ବଞ୍ଚାଇ ରଖିଛନ୍ତି ଖୁସିରେ ନୁହେଁ, ବରଂ ବାଧ୍ୟବାଧକତାରେ, ବିକଳ୍ପର ଅଭାବରେ । ସାଧାରଣତଃ ଉଚ୍ଚ ଓ ସମତଳ ଯାଗାରେ ସବାଇ ଘାସ ଚାଷ ହୁଏ । ଏ ସମସ୍ତ ସ୍ଥାନରେ ଧାନଚାଷ ଭଲ ହୁଏନାହିଁ । ଏ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ । ସୁବର୍ଣ୍ଣରେଖା ନଦୀର ଜଳ ଆଣିବା ପାଇଁ କେନାଲ ଖୋଳା ସରିଛି । ଚାଳିଶ ବର୍ଷ ହେଲା ଜଳର ଦେଖାନାହିଁ । ସମ୍ପୃକ୍ତ ଅଞ୍ଚଳରେ କୌଣସି ଶିଳ୍ପ ମଧ୍ୟ ନାହିଁ, ଯେଉଁଠାରେ କର୍ମ ନିଯୁକ୍ତିର ସମ୍ଭାବନା ତିଆରି ହେବ । ଲୋକମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ । ସତେ ଯେଉଁପରି ଏମାନେ ନିଜ ହାତରେ ନିଜକୁ ଗଢ଼ିବା ନୀତିରେ ଆଗକୁ ବଢୁଛନ୍ତି । ଏହି ଅଞ୍ଚଳ ପଶ୍ଚିମବଙ୍ଗ ସହିତ ସଂଯୁକ୍ତ । ପଶ୍ଚିମବଙ୍ଗର ଯେଉଁ ଅଞ୍ଚଳ ଦିନେ ନକ୍ସଲ ପ୍ରବଣ ଥିଲା ।

ଏ ଅଞ୍ଚଳରେ ସବାଇ ଘାସ ସହିତ ବାଉଁଶ ପ୍ରବଳ ମାତ୍ରାରେ ଉପଲବ୍ଧ । କାଗଜ କାରଖାନା ପାଇଁ କଞ୍ଚା ମାଲର ଅଭାବ ହେବ ନାହିଁ । ତେଣୁକରି ବୃହତ ପେପର ମିଲ୍ ସ୍ଥାପନ ପାଇଁ ଲୋକମାନେ ଦାବୀକରି ଆସିଛନ୍ତି । ସରକାରୀ ହେଉ ଅଥବା ବେସରକାରୀ ଭାବେ ହେଉ ଏ ଦିଗରେ ଉଦ୍ୟମ ହେବା ଉଚିତ । ବୁବେଇ ଦଉଡ଼ିରୁ ବିଭିନ୍ନ ପ୍ରକାର ଗୃହ ଉପକରଣ ତିଆରି ହୁଏ । ଯେଉଁପରି ସୋଫା, ପାପଛ, ଖେଳଣା ଇତ୍ୟାଦି । ଏହି ସାମଗ୍ରୀଗୁଡ଼ିକୁ ଅଧିକ ଲୋକପ୍ରିୟ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଲୋଡା । ଏହା ସହିତ କର୍ମ ସଂସ୍ଥାନ ସୃଷ୍ଟି ପାଇଁ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ବିଷୟରେ ମଧ୍ୟ ଚିନ୍ତା କରାଯିବା ଉଚିତ । ସମ୍ପୃକ୍ତ ଅଞ୍ଚଳ ଶାଳ ଜଙ୍ଗଲରେ ଭରପୁର । ତେଣୁ ଶାଳପତ୍ର ତିଆରି ସାମଗ୍ରୀର ଉତ୍ପାଦନ ପାଇଁ ଶିଳ୍ପର କଥା ଚିନ୍ତା କରାଯାଇ ପାରିବ । ଯାହାର ସର୍ବକାଳୀନ ଚାହିଦା ଯଥେଷ୍ଟ ରହିଛି । ଲୋକଙ୍କ ଆର୍ଥିକ ଅବସ୍ଥାରେ ବିକାଶ ଆଣିବା ସରକାରଙ୍କ ଦାୟିତ୍ୱ । ଲୋକପ୍ରତିନିଧିମାନେ ଏଦିଗରେ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ),**
**ବାରିପଦା, ମୟୂରଭଞ୍ଜ,**
**ମୋ- ୭୦୦୮୯୭୬୧୮୦**

# ଇସ୍ରାଏଲ-ହମାସ ଯୁଦ୍ଧ ଘନଘଟା

**ସୌଭାଗ୍ୟ ରଂଜନ ମହାନ୍ତି**

ପାଲେଷ୍ଟାଇନର ଗାଜାରେ ରିଲିଫ ଖାଦ୍ୟ ପାଇଁ ଭୋକିଲା ଲୋକମାନେ ଅଗ୍ରସର ହେଉଥିବାବେଳେ ଇସ୍ରାଏଲ ସେନା ସେମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିବା ସମସ୍ତ ନୃଶଂସତାକୁ ବଳଯାଇଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ । ସେନା ବାହିନୀର ଗୁଳିରେ ଅତିକମ୍‌ରେ ୧୧୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢିବା ଆଶଙ୍କା କରାଯାଏ । ପାଲେଷ୍ଟାଇନର ନିରସ୍ତ୍ର ଭୋକିଲା ଲୋକଙ୍କ ଉପରେ ନୃଶଂସ ଭାବେ ଗୁଳିଚାଳନା ଘଟଣା ଇସ୍ରାଏଲର ପ୍ରତିଶୋଧାତ୍ମକ ଯୁଦ୍ଧ ଯେ, ଭୁଲ ମାର୍ଗରେ ଗତି କରୁଛି, ଏହି ସଂକେତ ପ୍ରଦାନ କରୁଛି । ଉଲ୍ଲେଖଯୋଗ୍ୟ ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାର ଭୋକିଲା ଲୋକଙ୍କ ପାଇଁ ମାନବିକ ସହାୟତା ଭାବେ ଆମେରିକା ରିଲିଫ ସାମଗ୍ରୀ ପଠାଇଥିଲା । ଏହି ରିଲିଫ ସାମଗ୍ରୀ ଧରି ପୂର୍ବ ସ୍ଥିରୀକୃତ ସ୍ଥାନରେ ଟ୍ରକଗୁଡିକ ପହଁଥିବା ପରେ ଭୋକିଲା ଲୋକମାନେ ଖାଦ୍ୟ ପାଇଁ ଅଗ୍ରସର ହେଉଥିବାବେଳେ ଆକ୍ରମଣର ଆଶଙ୍କା କରି ଇସ୍ରାଏଲ ଯବାନମାନେ ଗୁଳି ଚଳାଇଥିଲେ । ଫଳରେ ଘଟଣାସ୍ଥଳରେ ୧୧୪ଜଣ ଟଳି ପଡିଥିଲେ, ଯେଉଁମାନଙ୍କ ମଧ୍ୟ ବହୁ ମହିଳା ଓ ଶିଶୁ ଅନ୍ତର୍ଭୁକ୍ତ ଥିଲେ ବୋଲି କୁହାଯାଇଛି । ଏହି ଘଟଣାରେ ଇସ୍ରାଏଲ ଯବାନଙ୍କ ବର୍ବରତା ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଅନ୍ତର୍ଜାତିକ ତଦନ୍ତ ପାଇଁ ଦାବି ଜୋର ଧରିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ଅକ୍ଟୋବର ମାସ ୭ ତାରିଖ ଠାରୁ ଇସ୍ରାଏଲ-ହମାସ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ୬ମାସ ଅତିକ୍ରାନ୍ତ କରିଥିବାବେଳେ ବୈଶ୍ୱିକ ଚାପ ସତ୍ତ୍ୱେ ଥମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ । ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୩୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୭୦ ହଜାର ଅଧିକ ଆହତ ହୋଇଥିବା କୁହାଯାଏ ।

ଅନ୍ୟପକ୍ଷରେ ଗାଜାଷ୍ଟ୍ରିପ ଭଗ୍ନ ଇଟା, ପଥର ସ୍ତୁପରେ ପରିଣତ ହୋଇଛି । ଯୁଦ୍ଧ ପୀଡିତ ଗାଜାର ୯୦ ପ୍ରତିଶତ ଅଞ୍ଚଳରୁ ୨.୪ ମିଲିଅନ ଲୋକ ବାସଚ୍ୟୁତ ହୋଇଛନ୍ତି । ଲକ୍ଷ ଲକ୍ଷ ଲୋପ ପଡୋଶୀ ଦେଶଗୁଡିକରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି । ଜାତିସଂଘ ବିଶ୍ୱ ଖାଦ୍ୟ ପ୍ରୋଗ୍ରାମ ରିପୋର୍ଟରେ ଯାହା ରିପୋର୍ଟରେ କୁହାଯାଇଛି ଯେ, ଗାଜା ଏବେ ବିଶ୍ୱରେ ସବୁଠାରୁ ଶିଶୁ ଅପପୁଷ୍ଟିର ସମ୍ମୁଖୀନ ହୋଇଥିବାବେଳେ ସାଂଘାତିକ ଦୁର୍ଭିକ୍ଷ ମୁହାଁ ହୋଇଛି । ଗାଜାର ଜନବହୁଳ ଅଞ୍ଚଳରେ ଶରଣାର୍ଥୀ ଶିବିରଗୁଡିକରେ ବିପନ୍ନ ଲୋକମାନଙ୍କ ଦ୍ୱାରା ଭରପୁର ହୋଇଯାଇଥିବାବେଳେ ସେମାନଙ୍କର କ୍ୱଚିତ ଖାଦ୍ୟ ସାମଗ୍ରୀ ଦିଆଯାଉଛି । ଶରଣାର୍ଥୀ ଶିବିରଗୁଡିକରେ ଅନ୍ତେବାସୀଙ୍କୁ ଖାଦ୍ୟ, ପାନୀୟ ଯୋଗାଣ ତଥା ଆତିଥେୟତା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା କୁହାଯାଏ । ଅନ୍ୟପକ୍ଷରେ ବିଶ୍ୱର ଶକ୍ତିଶାଳୀ କୁହାଯାଉଥିବା ରାଷ୍ଟ୍ରଗୁଡିକ କେବଳ ନୀରବଦ୍ରଷ୍ଟା ସାଜିଛନ୍ତି । ଗାଜାରେ ଏବେ ଯେଉଁଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଏକବିଂଶତମ ଶତାବ୍ଦୀରେ ସବୁଠାରୁ ବଡ ଏବଂ ଭୟଙ୍କର ମାନବକୃତ ବିପର୍ଯ୍ୟୟ ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ । ଏହା ନିଃସନ୍ଦେହ ଯେ, ଇସ୍ରାଏଲର ବର୍ବର ଆକ୍ରମଣ, ବୋମା, କ୍ଷେପଣାସ୍ତ୍ର ମାଡ ଗାଜା ଷ୍ଟ୍ରପକୁ ମୃତ୍ୟୁ, ଦୁର୍ଦ୍ଦଶା, ଯନ୍ତ୍ରଣା ଏବଂ କ୍ଷୁଧା ଜର୍ଜରିତ ଭୂଖଣ୍ଡରେ ପରିଣତ ହୋଇଛି । ଏହା ସତ୍ତ୍ୱେ ଗାଜାକୁ ଇସ୍ରାଏଲ ତାର ଶପଥ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଗାଜା'କୁ ହମାସ ଆତଙ୍କବାଦୀ ମୁକ୍ତ ଅଞ୍ଚଳ କରିପାରିନାହିଁ କି ପଣବନ୍ଦୀମାନଙ୍କୁ ମୁକ୍ତ କରିପାରିନାହିଁ । ଗଲା ଅକ୍ଟୋବର ୭ତାରିଖ ଦିନ ହମାସ ଆତଙ୍କବାଦୀ ଗୋଷ୍ଠୀ ଅଚାନକ ୫୦୦୦ରୁ ଊର୍ଦ୍ଧ୍ୱ କ୍ଷେପଣାସ୍ତ୍ର ମାଡ ପରେ ବିଶ୍ୱ ଜନମତ ଇସ୍ରାଏଲ ସପକ୍ଷରେ ଯାଇଥିଲା । କିନ୍ତୁ ଏବେ ଏହାର ଯୁଦ୍ଧ ଶୈଳୀ ତଥା ବର୍ବର ଆକ୍ରମଣ ଇସ୍ରାଏଲ ବିରୁଦ୍ଧରେ ବିଶ୍ୱ ଜନମତ, କ୍ରୋଧ ବଢିବାରେ ଲାଗିଛି । ଇସ୍ରାଏଲ ବିରୁଦ୍ଧରେ ଦକ୍ଷିଣ ଆଫ୍ରିକା ବିଶ୍ୱ ଅଦାଲତରେ ଦ୍ୱାରସ୍ଥ ହେବା ସହ ବର୍ଣ୍ଣ ବିଦ୍ୱେଷ ତଥା ଭେଦଭାବ ନୀତି ଅଭିଯୋଗ ଦାୟର କରିଛି । ସେହିପରି ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଇସ୍ରାଏଲ ଗଣହତ୍ୟା ଚଳାଇଥିବା ଅଭିଯୋଗ କରିଛନ୍ତି । ବହୁ ପାଶ୍ଚାତ ସହରରେ ଇସ୍ରାଏଲ ବିରୁଦ୍ଧରେ ପ୍ରତିବାଦ ସଭା, ବିକ୍ଷୋଭ ଜାରି ରହିଛି । ଏହା ସତ୍ତ୍ୱେ ସେମାନଙ୍କର ସରକାର ଏବେ ବି ନୀରବ ଦ୍ରଷ୍ଟା ସାଜିଛି । ଆନ୍ତର୍ଜାତିକ କ୍ରୋଧ, ଚାପ ଏବଂ ଜାତିସଂଘର ଯୁଦ୍ଧ ବିରତି ପ୍ରସ୍ତାବ ସତ୍ତ୍ୱେ ଆମେରିକା ଓ କେତେକ ପାଶ୍ଚାତ୍ୟ ରାଷ୍ଟ୍ରର ସମର୍ଥନରେ ଇସ୍ରାଏଲ ଆକ୍ରମଣକୁ ତେଜିୟାନ କରିବା ସହ ପାଲେଷ୍ଟାନୀୟମାନଙ୍କୁ ସେମାନଙ୍କୁ ବହିଷ୍କାର କରୁଥିବାବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟର ସହଯୋଗୀମାନେ ଉତ୍ତେଜନାମୂଳକ ମନ୍ତବ୍ୟ ଦେବାରେ ଲାଗିରହିଛି । ଯାହାକି ବର୍ବର, ନୃଶଂସ ଆକ୍ରମଣକୁ ଜୋରଦାର କରିବାରେ ଯବାନମାନଙ୍କୁ ଉତ୍ସାହିତ କରୁଛି, ଏଥିରେ ସନ୍ଦେହ ନାହିଁ । ଗାଜାରେ ଯୁଦ୍ଧ ବିରତି ପାଇଁ ଜାତିସଂଘର ପ୍ରସ୍ତାବ ଉପରେ ଆମେରିକା ବାରମ୍ବାର ଭିଟୋ ପ୍ରୟୋଗ କରିବା ସହ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିବ ବୋଲି ଘୋଷଣା କରିଛି ।

ମାନବିକ ଦୃଷ୍ଟିକୋଣରୁ ଇସ୍ରାଏଲ ଉପରେ ଏହାର ମିତ୍ର ରାଷ୍ଟ୍ରଗୁଡିକ ଯୁଦ୍ଧ ବନ୍ଦ ପାଇଁ ତୁରନ୍ତ ଚାପ ପ୍ରୟୋଗ କରିବା ଜରୁରୀ । ଗାଜାର ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଯୁଦ୍ଧ ତୁରନ୍ତ ବନ୍ଦ କରିବ ସହ ବିଭୁକ୍ଷୁ ଯୁଦ୍ଧ ବନ୍ଦ କରିବା ପାଇଁ ସହ ବିଭୁକ୍ଷୁ ଜନତାଙ୍କ ପାଇଁ ବିନା ଭୟ ଓ ପ୍ରତିବନ୍ଧକରେ ସହାୟତା ପହଞ୍ଚାଇବା ଦରକାର । ଅନ୍ୟଥା ବର୍ବର ଯୁଦ୍ଧ ପାଇଁ ଇସ୍ରାଏଲ ଯେତିକି ଦାୟୀ, ଏହାର ସହଯୋଗୀ ଓ ମିତ୍ର ରାଷ୍ଟ୍ରଗୁଡିକ ମଧ୍ୟ ସେତିକ ପରିମାଣରେ ଦାୟୀକୁ ଏଡାଇ ପାରିବେ ନାହିଁ ।

**ଗାଙ୍ଗୋତ୍ରୀ**
**ନଗର,ଶିଶୁପାଳଗଡ,ଭୁବନେଶ୍ୱର**

# ପ୍ରେମ...

ପ୍ରେମ ତ ସର୍ବଦା ପବିତ୍ର ରହିଥାଏ । ପ୍ରେମର ବିଷୟ ବହୁତ ବ୍ୟାପକ ଅଟେ । ବ୍ୟକ୍ତି ଏହାକୁ କେଉଁ ପ୍ରକାରରେ ଗ୍ରହଣ କରିଥାଏ ଏହା ତା'ଉପରେ ନିର୍ଭର କରିଥାଏ । ମୀରାଙ୍କ ପ୍ରେମକୁ ଦେଖ ଯାହା ଆତ୍ମାରୁ ପରମାତ୍ମାଙ୍କ ମିଳନର କଥା କହିଥାଏ । ପ୍ରେମ ସୁରଦାସଙ୍କ ରଚନାରୁ ଅନୁଭବ କରାଯାଇ ପାରିବ । ବେଳେବେଳେ ପ୍ରକୃତିସହିତ ମଧ୍ୟ ପ୍ରେମ କରିବା ଶିଖ । ପ୍ରେମ ତ୍ୟାଗର ପ୍ରତୀକ ଅଟେ । ପ୍ରେମ ବିଶ୍ୱାସର ପ୍ରତୀକ ଅଟେ । ପ୍ରେମହିଁ ସଂଘର୍ଷ ଅଟେ । ପ୍ରେମର ଅଗଭୀରକୁ ଛାଡିକରି କେବେ ବାସ୍ତବର ପ୍ରେମର ଅନୁଭବ କର ତା'ପରେ କେବେ ଆପଣ ପ୍ରେମକୁ ଅସତ୍ୟ ରୂପରେ ପାଇବେନି । ପ୍ରେମ ସତ୍ୟ ଅଟେ କିନ୍ତୁ ପ୍ରେମର ବ୍ୟବସାୟ କଥା ନଉପୁଜୁ । ପ୍ରେମ ଗୋଟିଏ ଛୁଆ ସହିତ ତା'ମାଆର ହୋଇପାରିବ,ଗୋଟିଏ ମିତ୍ର ସହିତ ହୋଇପାରିବ, ଈଶ୍ୱରଙ୍କଠାରେ ମଧ୍ୟ ହୋଇପାରିବ ।

ସଂସାରର କୌଣସି ପଦାର୍ଥ ସହିତ ହୋଇପାରିବ । ପ୍ରେମକୁ ପ୍ରକଟ କରିବା ପାଇଁ କୌଣସି ବିଶେଷ ଦିନକୁ ଅପେକ୍ଷା କରିହେବନି,ପ୍ରେମ ତ ଭାବନାର ସାଗର ଅଟେ । ପରମାତ୍ମାଙ୍କ ଭଳି ପ୍ରେମ ସତ୍ୟ ଅଟେ ଆଉ ସମସ୍ତେ ପାଇବାକୁ ଚାହିଁଥାନ୍ତି । କାହିଁକିନା ପ୍ରେମ ମୁକ୍ତି ଦେଇଥାଏ, ପ୍ରେମ ଗୌରବ ଦେଇଥାଏ । ମୋହ ଆଉ ପ୍ରେମରେ ଅନ୍ତର ଏହା ହେଲା କି ମୋହ ବନ୍ଧନକୁ ଜାଣିଥାଏ ଆଉ ପ୍ରେମ ମୁକ୍ତିକୁ । ମୋହ ଅଥବା ଆକର୍ଷଣ ଭୌତିକ ଆଉ ରାସାୟନିକ ଅଟେ, କିନ୍ତୁ ପ୍ରେମ ଆଧ୍ୟାତ୍ମିକ ବିଷୟ ଅଟେ । ପ୍ରେମରେ ନିହିତ ସ୍ୱାର୍ଥ ନଥାଏ । ପ୍ରେମତ୍ୟାଗ ଆଉ ପରୋପକାର ଶିଖେଇଥାଏ । ଆକର୍ଷଣ ସ୍ୱତଃ ହିଁ ହୋଇଥାଏ, କିନ୍ତୁ ପ୍ରେମ ଗୋଟିଏ ପ୍ରକ୍ରିୟା ଅଟେ,ଯାହାକୁ ଶିଖେଇବାକୁ ପଡିଥାଏ ।

**ମନୋଜକୁମାରବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯, ଭୁବନେଶ୍ୱର**
**ମୋ-୭୯୭୮୩୦୬୧୧**

# ଈର୍ଷାନ୍ୱିତ ମଣିଷ

ଆଜିର ଏହି ପ୍ରକାରଗତ ସମାଜରେ, କାହାର କ'ଣ ଗୋଟେ କ୍ଷତି ଅବା ବଡ ଅସୁବିଧା କଥା ଶୁଣି ଜଣେ ଅଜଣା ଓ ଅଚିହ୍ନା ଲୋକଟିଏ ମଧ୍ୟ ସ୍ୱାଭାବିକ ଭାବେ ଦୁଃଖୀ ହୋଇପଡେ । ବ୍ୟକ୍ତି ଜଣଙ୍କ ଉକ୍ତ ଲୋକଟିଏର ଦୁଃଖରେ ନିଜକୁ ସାମିଲ କରିନିଏ ଏବଂ ଯଥାସମ୍ଭବ ସାହାଯ୍ୟ ଓ ସହାୟତାର ହାତ ମଧ୍ୟ ବଢାଇଥାଏ । କିନ୍ତୁ ଅପରପକ୍ଷରେ, ଜଣେ ଜଣେ ବ୍ୟକ୍ତି ଅନ୍ୟ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିର କିଛି ସଫଳତା, ଉନ୍ନତି ଓ ପ୍ରାପ୍ତିରେ ଦୁଃଖୀ ତଥା ଈର୍ଷାପରାୟଣ ହୋଇ ଉଠିଥାନ୍ତି । ଯେପରିକି, କିଏ ଭଲ ଘରଟେ ତିଆରି କରିଛି, ଭଲ ତଥା ଦାମୀ ଆସବାବ ପତ୍ର କିଣି ଘରକୁ ଆଣିଛି, କିଏ ଭଲ ପୋଷାକ ପିନ୍ଧିଛି, ଦାମୀ ଗାଡି ଚଢୁଛି, କାହାର ସନ୍ତାନ ଭଲ ପାଠ ପଢୁଛି, ଭଲ ଚାକିରି ପାଇଛି ଏବଂ ରୋଜଗାର କରୁଛି ଇତ୍ୟାଦିକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ !

ଆଶ୍ଚର୍ଯ୍ୟର କଥା ଏହି କି'ଯେ, ସେସବୁ ଦେଖିବା ଅବା ଜାଣିବା ପରେ ଅପରିଚିତ ଲୋକଙ୍କ କଥା ଛାଡ, ଅଧିକାଂଶ ସମ୍ପର୍କୀୟ, ପଡୋଶୀ ଓ ଜଣାଶୁଣା ବ୍ୟକ୍ତିମାନେ ନିଜର ଖୁସି ବ୍ୟକ୍ତ କରିବା ପରିବର୍ତ୍ତେ, କେଜାଣି କାହିଁକି କେଉଁ ଏକ ଅଜବ ନ୍ୟୁନ ମାନସିକତାର ବଶବର୍ତ୍ତୀ ହୋଇ ସ୍ୱତଃ ଈର୍ଷାନ୍ୱିତ ହୋଇଥାନ୍ତି ଏବଂ ଅତି ସହଜରେ ଦୁଃଖୀ ହୋଇ ପଡନ୍ତି ! ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି, ଉପରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଅନ୍ତର ମଧ୍ୟରୁ ଉଦାସ ହୋଇଥାନ୍ତି !

କିଛିଦିନ ତଳେ, ମୋ'ର ଜଣେ ବନ୍ଧୁଙ୍କ ଘରେ ଉପସ୍ଥିତ ଥିବା ସମୟରେ ତାଙ୍କର ଜଣେ ଦୂର ସମ୍ପର୍କୀୟ ସେଠାରେ ପହଞ୍ଚିଲେ । ମିଠା ପୁଡିଆଟିଏ ତାଙ୍କ ହାତକୁ ବଢେଇ ଦେଇ ଛଳ ଛଳ ଆଖି ଓ ଓଠରେ ସାମାନ୍ୟ ହସ ଭରି,ସେ କହି ଉଠିଲେ,ମୋ' ପୁଅ ପ୍ରଶାସନିକ ଚାକିରିର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଛି । ସେ ଆଜି ମୋ ସ୍ୱପ୍ନ ପୂରଣ କରିଛି । ମୋ'ର ଗାଁ ଓ ସମ୍ପର୍କୀୟମାନଙ୍କ ପାଖରେ ମଥା ଓ ସମ୍ମାନ ଉଚ୍ଚା କରିପାରିଛି । ତାହା ଶୁଣି,ମୋ'ର ବନ୍ଧୁ ତାଙ୍କୁ ଅଭିନନ୍ଦନ ଜଣାଇଲେ । ତା'ସହ ଅତିଥି ସତ୍କାର ମଧ୍ୟ କଲେ । ଏହାର କିଛି ସମୟ ଅବଧିରେ ସେହି ଦୂର ସମ୍ପର୍କୀୟ ଜଣଙ୍କ ସେଠାରୁ ବିଦାୟ ନେଲେ । କିନ୍ତୁ,ସେଠାରେ ଥାଇ ମୁଁ ଅନୁଭବ କଲି,ଉକ୍ତ ଘଟଣା ପରଠାରୁ,ମୋର ବନ୍ଧୁ ଓ ତାଙ୍କ ପତ୍ନୀ ଉଭୟଙ୍କର ମୁହଁ ଶୁଖିଲା ପଡିଯାଇଛି ! ସେମାନେ, ଅନ୍ତରରୁ ଦୁଃଖ ଅନୁଭବ କରୁଛନ୍ତି ! ଏହାପରେ,ଏମିତି କିଛିଦିନ ସେ ମାନସିକ ସ୍ତରରେ ଅବସାଦଗ୍ରସ୍ତ ହୋଇ ରହିବାର ମଧ୍ୟ ମୁଁ ଅନୁଭବ କଲି । ଯେମିତିକି,ଉକ୍ତ ସମ୍ପର୍କୀୟଙ୍କ ପୁଅ ଚାକିରି ପାଇଥିବାରୁ ତାଙ୍କର ଅନେକ କ୍ଷତି ଘଟିଛି !

ଘଟଣାଟିର ମୂକ ସାକ୍ଷୀ ହେଲାପରେ ଏବଂ ଏହାକୁ ସାମାନ୍ୟ ବିଶ୍ଳେଷଣ କରି ଛୋଟ ପ୍ରଶ୍ନବାଚୀଟିଏ ମନଭିତରେ ଏକ ଆଲୋଡନ ସୃଷ୍ଟି କରୁଥାଏ ଯେ, ଆଜିର ଏହି ତଥାକଥିତ ସଭ୍ୟ ଓ ଶିକ୍ଷିତ ସମାଜରେ ଏମିତି ବି ଅନେକ ମଣିଷ ଅଛନ୍ତି, ଯେଉଁମାନେ କି ଅନ୍ୟ ଏକ ବ୍ୟକ୍ତିର ଉନ୍ନତି ଓ ସଫଳତାରେ ସ୍ୱାଭାବିକ ଭାବରେ ଈର୍ଷାନ୍ୱିତ ହୋଇ ଦୁଃଖ କିମ୍ବା ରାଗରେ ଜର୍ଜରିତ ହୋଇପଡନ୍ତି ଏବଂ ସେହିପରି ଏକ ଅଜବ ଓ ଅଦ୍ଭୁଦ ଭାବନା ଏବଂ ମାନସିକତାକୁ ନେଇ ସେମାନେ ସମାଜରେ ବଞ୍ଚିଥାନ୍ତି ! ଯାହାକି ଗ୍ରହଣୀୟ ଅବା ବିଶ୍ୱାସଯୋଗ୍ୟ ନହେଲେ ମଧ୍ୟ ସତ୍ୟ ଓ ବାସ୍ତବ ଅଟେ । ତେବେ ଅପରପକ୍ଷରେ, ଜଣେ ଭଲ ମଣିଷର ମନକୁ ଏପରି ଭାବନା କଦାପି ସ୍ପର୍ଶ କରି ନ'ଥାଏ । ଅନ୍ୟର ଦୁଃଖରେ ଦୁଃଖୀ ଓ ତା'ର ଖୁସି ତଥା ସଫଳତାରେ ସେ ସ୍ୱତଃ,ଅନ୍ତର ମଧ୍ୟରୁ ଖୁସି ହୋଇପଡେ ଏବଂ ସଦା ସର୍ବଦା, ସବୁ ପରିବେଶ ଓ ପରିସ୍ଥିତିରେ ନିଜ ମଣିଷ ପଣିଆର ପରିଚୟ ପ୍ରଦାନ କରିଥାଏ ।

**ରାକେଶ ପଣ୍ଡା, ବନ୍ଧାଲୋ, ଟାଙ୍ଗୀ,**
**କଟକ,ମୋ-୯୩୩୭୮୯୭୬୫୦**

ଦେଶରେ '**ସିଏଏ କାର୍ଯ୍ୟକାରୀତା**' ହେବା ନେଇ ଆପଣଙ୍କ ମତାମତ ଆମକୁ ଏକ ସପ୍ତାହ ମଧ୍ୟରେ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ନିର୍ବାଚନ ହୋଇଥିଲା । ଏପ୍ରିଲ ୧୧ରୁ ଆରମ୍ଭ ହୋଇଥିଲା ଓ ମେ ୨୩ରେ ଭୋଟ୍ ଗଣତି ହୋଇଥିଲା । ନିର୍ବାଚନ କମିଶନଙ୍କ ପକ୍ଷରୁ ଆସନ୍ତାକାଲି ନିର୍ବାଚନର କାର୍ଯ୍ୟସୂଚୀ ଘୋଷଣା କରାଯିବ । ଦୁଇ ନବନିଯୁକ୍ତ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ସୁଖବୀର ସିଂ ସାନ୍ଧୁ ଆଜି ଦାୟିତ୍ୱ ନେଇଛନ୍ତି । ସେମାନଙ୍କ ସହ ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଆଲୋଚନା କଲାପରେ ତାରିଖ ଘୋଷଣା ନେଇ ସୋସିଆଲମିଡିଆ ପ୍ଲାଟ୍‌ଫର୍ମରେ ସୂଚନା ଦେଇଛନ୍ତି । ତେବେ ୭ ରୁ ୮ ପର୍ଯ୍ୟାୟରେ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି ।

## ୧୮...

ସମ୍ପର୍କ ସମ୍ପର୍କରେ ଜଣାପଡିବ । ନିର୍ବାଚନୀ ବଣ୍ଡରେ ବ୍ୟକ୍ତିବିଶେଷ ଓ ବ୍ୟବସାୟୀମାନଙ୍କୁ ବିଭିନ୍ନ ରାଜନୈତିକ ଦଳକୁ ସେମାନଙ୍କ ନାମ ଘୋଷଣା ନକରି ଟଙ୍କା ଦେବାର ଅଧିକାର ଦେଇଥିଲା । ୨୦୧୮ରେ ବିଜେପି ସରକାର ଏହି ଯୋଜନା ଆଣିଥିଲା । ପୂର୍ବରୁ ଅର୍ଥ ଚାନ୍ଦାର ବିକଳ୍ପ ଭାବେ ଏହାକୁ ଅଣାଯାଇ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଥିଲା । ସୁପ୍ରିମ୍‌କୋର୍ଟ ଗତ ମାସରେ ଏହି ଯୋଜନାକୁ ଅସମ୍ବିଧାନିକ ବୋଲି କହିଥିଲେ । କୋର୍ଟ ମଧ୍ୟ ଏସ୍‌ବିଆଇକୁ ସମସ୍ତ ତଥ୍ୟ ପ୍ରଦାନ ଲାଗି କହିଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କ ପାଖରେ କୌଣସି ତଥ୍ୟ ରହିନାହିଁ । ଯାହା ଏସ୍‌ବିଆଇ ଦେଇଥିଲା ତାହା ଅପ୍‌ଲୋଡ୍ କରିଛନ୍ତି ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱର...

ଅର୍ଥ ଦେଇଛନ୍ତି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତଥ୍ୟରୁ ଜଣାପଡୁଛି ଯେ ୫୦% ଅର୍ଥ ଇଲୋକ୍ଟ୍ରାଲ୍ ବଣ୍ଡ ଜରିଆରେ ବିଜେପି ପାଇଥିବାବେଳେ କଂଗ୍ରେସ ମାତ୍ର ୧୧% ପାଇଛି । ତେଣୁ ବିଜେପିର ସ୍ୱଚ୍ଛତା ଏବେ ଧରା ପଡିଯାଇଛି । ସବୁଠୁ ଚିନ୍ତାର ବିଷୟ ଯେ ଏପର୍ଯ୍ୟନ୍ତ ବିଜେପି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଅପରପକ୍ଷରେ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଉଛି । ନିର୍ବାଚନ ଲଢ଼ିବା ସମୟ ହୋଇଥିବାବେଳେ କଂଗ୍ରେସର ୩୦୦ କୋଟି ଟଙ୍କାକୁ ବ୍ୟାଙ୍କରେ ଅଚଳ କରାଯାଉଛି । ଏହି ଟଙ୍କା ସେମାନେ ଉଠାଇ ପାରିବେ ନାହିଁ । ଷ୍ଟେଟ୍‌ବ୍ୟାଙ୍କ ମଧ୍ୟ ଅର୍ଥ ପ୍ରଦାନକାରୀ ଓ ଅର୍ଥଗ୍ରହଣକାରୀଙ୍କ ନାମ ପ୍ରକାଶ କରୁନାହିଁ ।

## ଓଡ଼ିଶା...

ଶାହା ରାଜ୍ୟ ବିଜେପି ନେତୃବର୍ଗଙ୍କ ସହ ବୈଠକ କରିଥିଲେ । ବୈଠକ ପରେ ସାଂସଦ ଜୁଏଲ ଓରାମ୍ ବୁଲେଇ ବଙ୍କେଇ ମେଣ୍ଟ କଥା କହିଥିଲେ । ଏହାପରେ ରାଜ୍ୟ ସଭାପତି ମନ୍‌ମୋହନ ସାମଲ ମଧ୍ୟ ମେଣ୍ଟ ହେବନାହିଁ ବୋଲି ଦିଲ୍ଲୀରୁ ଫେରି ସ୍ପଷ୍ଟ କରିଥିଲେ । ରାଜ୍ୟ ସଭାପତିଙ୍କୁ ବାରମ୍ବାର ଦିଲ୍ଲୀ ଡାକରା ଏବଂ ତାଙ୍କର ବାରମ୍ବାର ବୟାନ ବଦଳାଇବା ଗୋଟିଏ ମେଣ୍ଟ ସମ୍ଭାବନାକୁ ଜନ୍ମ ଦେଇଥିଲା । ହେଲେ ଆସନ୍ତାକାଲି ବିଜେପି ନେତୃତ୍ୱରେ ଏନ୍‌ଡିଏର ବୈଠକ ବସିବ । ପରିବର୍ଦ୍ଧିତ ଏନ୍‌ଡିଏରେ ଏବେ ଅନେକ ଦଳ ସାମିଲ ହୋଇଛନ୍ତି । ଆସନ୍ତାକାଲି ବୈଠକରେ ବିଜେଡି ଯୋଗ ଦେବାର କୌଣସି ସମ୍ଭାବନା ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ । ତେଣୁ ମେଣ୍ଟ ନେଇ ଆଶା ଓ ଆଶଙ୍କା ଲାଗି ରହିଛି ।

## ବେସରକାରୀ...

ପ୍ରତିଭାବାନ ଅଧ୍ୟାପକ ମାନଙ୍କୁ ଆକର୍ଷିତ କରିବା ପିଏଚ୍‌ଡି ଡିଗ୍ରୀ ହାସଲ ପାଇଁ, ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଅଧ୍ୟାପକମାନଙ୍କୁ ଚାକିରୀ ସମୟରେ ପିଏଚ୍‌ଡିର ଅତିରିକ୍ତ ଯୋଗ୍ୟତା ହାସଲ କରିବା ପାଇଁ ପ୍ରୋତ୍ସାହନ ସ୍ୱରୂପ କେବଳ ଏଣ୍ଟ୍ରି ଲେବଲରେ ଆପ୍ରୋପିଏଟ ପେ ସ୍କେଲରେ ଦୁଇଟି ଅଗ୍ରୀମ ବୃଦ୍ଧି ପ୍ରଦାନ କରାଯିବ ।

ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା ପୂର୍ଣ୍ଣ ସହାୟତା ପ୍ରାପ୍ତ କଲେଜ ର ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ସେମାନଙ୍କ ଅସୁବିଧା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ।

## ରାଜ୍ୟବାସୀଙ୍କ...

କରିଛି ଦଳ । ଖରିଫ ଓ ରବି ଋତୁରେ ୭୫% ଜମି ଏବଂ ଗ୍ରୀଷ୍ମ କାଳୀନ ଚାଷ ପାଇଁ ୨୫% ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ। ପ୍ରତି ବ୍ଲକରେ ଶୀତଳଭଣ୍ଡାର ସ୍ଥାପନ, ଧାନକଳ, ଅଟାକଳ, ଡାଲିକଳ, ଶୀତଳୀକରଣ କେନ୍ଦ୍ର ଖୋଲାଯିବ। କୃଷକ ପରିବାରର ଆୟ ୫ବର୍ଷରେ ଦୁଇଗୁଣ କରିବା, ପ୍ରତି ଗାଁରେ ଗୋଶାଳା ନିର୍ମାଣ, ଗୋବର ଗ୍ୟାସ ପ୍ଲାଂଟ ପ୍ରତିଷ୍ଠା କରି ଇନ୍ଧନ ଗ୍ୟାସ ଯୋଗାଣ, ଓମ୍‌ଫେଡ୍ ଦ୍ୱାରା ସମସ୍ତ କ୍ଷୀର ଖର୍ଦ୍ଦି ଏବଂ ରାଜ୍ୟରେ ତିନୋଟି କୃଷି ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସେହିପରି ଆଦିବାସୀ, ଦଳିତ, ଅନୁସୂଚୀତ ଜାତି ଓ ଜନଜାତିଙ୍କ ଉପରେ ଥିବା ସମସ୍ତ ଜମିଜମା ମାମଲା ୫ବର୍ଷରୁ ଅଧିକ ବ୍ୟବଧାନ ଥିଲେ ପ୍ରତ୍ୟାହାର କରି ନିଆଯିବ। 'ପେସା' ଆଇନର ନିୟମ ପ୍ରଣୟନ ହେବ। ଘରଡିହ ନ ଥିବା ପରିବାରକୁ ଘରଡିହ ପ୍ରଦାନ, ସମସ୍ତ ଆଦିବାସୀ ଗୋଷ୍ଠୀ ଓ ପରିବାରକୁ ଜଙ୍ଗଲ ଜମି ଅଧିକାର ପ୍ରଦାନ, ନିଶାମୁକ୍ତ ଗାଁକୁ ପୁରସ୍କାର ପ୍ରଦାନ ଓ ବର୍ଷକୁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିସହ ପଶ୍ଚିମାଞ୍ଚଳ ବିକାଶ ପରିଷଦ ଭଳି ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ବିକାଶ ପରିଷଦ ଗଠନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ସୁଶ୍ରୀ ମିନାକ୍ଷୀ ନଟରାଜନ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ମିଡିଆ ସଂଯୋଜିକା ବବିତା ଶର୍ମା, ବିଧାୟକ ସୁରେଶ କୁମାର ରାଉତରାୟ, ଦାଶରଥୀ ଗମାଙ୍ଗୋ, ଅନନ୍ତ ପ୍ରସାଦ ସେଠୀ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅମୀୟ ପାଣ୍ଡବ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରିତ ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


Mail ID : - sepwdbalangir(g)gmail.com

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE: BALANGIR**
**e - Procurement Notice**

**BID IDENTIFICATION No: CCE(R&B) BGR/50/ 2023-24**

**Letter No- 1295 // Dtd. 13.03.2024**

**B-1958 :** The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from "B" & "A" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building Work
2. No. of tender : Building work-10 Nos.
3. Tender Cost : Rs.10, 000/-
4. Class of Contractor : "B" & "A".
5. Date & Time of sale & Receipt of Bids : From Dt. 20.03.2024, 10.00 A.M. to Dt. 03.04.2024 up to 05.00 P.M.
6. Date of opening Bid : Dt. 04.04.2024 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http: //tendersorissa. gov. in**. All future corrigendum will be available on ONLINE MODE only.

**Sd/- Chief Engineer Balangir (R&B) Circle, Balangir.**

**OIPR : 34131/11/0054/2324**



**OFFICE OF THE SUPERINTENDING ENGINEER**
**RWS&S MECHANICAL DIVISION,**
**PLOT NO. D-2/24, MANCHESWAR INDUSTRIAL ESTATE, BHUBANESWAR-751010**
**e-Mail:"eemrwssbbsr9@gmail.com"**

**TENDER CALL NOTICE NO. SEMBBSR/01 (1) 2024-25.**

**O-2830 :** The Superintending Engineer, RWS&S Mechanical Division, Bhubaneswar, Plot- D-2/24, Mancheswar Industrial Estate, Bhubaneswar-10 on behalf of Governor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of water well, drilling, skilled personnel to the Sub-Division office under Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No. | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | Mechanical R.W.S & Sub Division, Bhubaneswar<br>1. H.V. Driver<br>2. Boring Mate<br>3. Helper | <br><br>2 Nos<br>5 Nos<br>2 Nos | Rs. 13,71,093.00 (excluding GST) | 6000/- | @ 1% of quoted rate |

Tender document with detail technical requirement, scope of the work, term and condition will be available online in Govt. Web site **www.tendersodisha.gov.nic.in** from date **20.03.2024 (10 A.M)** to **20.04.2024** up-to **05.30 P.M.** The tender will be opened on dt.**22.04.2024** at **12 P.M** onwards in Office of the Superintending Engineer, RWS&S Mechanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the tender is liable for rejection.

The authority reserves the right to reject any or all the tenders without assigning any reason thereof.

**Sd/- Superintending Engineer**
**RWS&S Mechanical Division Bhubaneswar**

**OIPR : 32528/11/0004/2324**



**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

**B-1969**

**E-Mail Id - eepwdrkl@gmail.com**

**Government of Orissa "e" Procurement Notice**
**Bid Identification No.:180 / 2023-24 Dated:14.3.2024**

1. Number of works: 1(0ne) number of Works
2. Estimated cost: Rs. 67.13 Lakhs
3. Period of completion: 4(Four) calendar months
4. Date & Time of availability of bid document in the portal: Dt. 19.03.2024 at 11.00 A.M.
5. Last date/ Time for receipt of bids in the portal: Dt 28.03.2024 up to 05.00 P.M.
6. Date of opening of Bid: Dt. 30.03.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal http// tendersorissa.gov.in"

**Sd/- Superintending Engineer**
**R & B Division, Rourkela**

**OIPR : 34068/11/0051/2324**



**RWS&S MECHANICAL DIVISION,**
**PLOT NO. D-2/24, MANCHESWAR INDUSTRIAL ESTATE, BHUBANESWAR-751010**
**e-Mail:"eem rwssbbsr9@gmail.com"**

**TENDER CALL NOTICE NO. SEMBBSR/01 (4) 2024-25.**

**O-2827 :** The Superintending Engineer, RWS&S Mechanical Division, Bhubaneswar, Plot- D-2/24, Mancheswar Industrial Estate, Bhubaneswar-10 on behalf of Governor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of water well, drilling, skilled personnel to the Sub-Division office under Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No. | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub-Division-Puri | | | | |
| 1 | Asst. Driller | 2 Nos | Rs. 14,70,596.00 | 6000/- | @ 1% of |
| 2 | Helper | 1 No | (excluding GST) | | quoted |
| 3 | Boring mate | 4 Nos | | | rate |
| 4 | Khallasi | 3 Nos | | | |

Tender document with detail technical requirement, scope of the work, term and condition will be available online in Govt. Web site **www.tendersodisha.gov.nic.in** from date **20.03.2024 (10 A.M)** to **20.04.2024** up-to **05.30 P.M.** The tender will be opened on dt.**22.04.2024** at **12 P.M** onwards in Office of the Superintending Engineer, RWS&S Mechanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the tender is liable for rejection.

The authority reserves the right to reject any or all the tenders without assigning any reason thereof.

**Sd/- Superintending Engineer**
**RWS&S Mechanical Division Bhubaneswar**

**OIPR : 32528/11/0001/2324**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
**Tel No. (06792)260788, e-Mail ID mi.mayurbhanj@yahoo.co.in**

**"e" Procurement Notice**

**No 1458 Dated 12.03.2024**

**Identification No-S.E.M.I.D. Mbj.No.-21/MID, MBJ/2023-24**

**A-1746 :** The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1 | Name of works | : | Civil Construction works as mentioned in the web site |
| 2 | Total No. of works | : | 2 nos (two nos) |
| 3 | Estimated Cost | : | 20.77 Lakh (Detail list of work Annexed) |
| 4 | Class of Contractor | : | As Mentioned against Work. |
| 5 | Period of Completion | : | As Mentioned against Work. |
| 6 | Date & time of Availability of Bid Document in the Portal | : | 22.03.2024 at 10.00 AM to 03.04.2024 up to 5.00 P.M. |
| 7 | Last date/ Time for receipt of Bids in the Portal | : | 03.04.2024 up to 5.00 P.M. |
| 8 | Date /Time of Opening of Technical Bid | : | 04.04.2024 at 11.00 A.M. |
| 9. | Name and Address of the Officer Inviting the Bid | : | Superintending Engineer, M.I. Division, Mayurbhanj |
| 10 | Mode of Payment of Bid Cost | : | Online |

11 Further details can be seen from the "e" Procurement Portal **"https:// tendersorissa.gov.in"**

**Sd/- Superintending Engineer**
**Minor Irrigation Division, Mayurbhanj**

**OIPR : 32041/11/0019/2324**



**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
**No. 1310 /Dt. 12.03.2024**
**e- Procurement Notice : Bid Identification No.- DMID / 16 / 2023-24**
**e-mail ID: eemidkl@yahoo.co.in**

**A-1715**

The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | "Civil works in Different Blocks of Dhenkanal District under the Scheme DPIW and MIPSP for the year 2024-25. |
| No. of Works | : | 04 (Four) Nos. Only |
| Estimated Cost | : | Varies from 9.00 lakhs to 12.70 lakh (Approximately) |
| Cost of Tender Paper | : | 4000/- to 6000/- (Non-refundable) |
| Period of Completion | : | 03(Three) Calendar months |
| Availability of bid documents for sale and receipt through on-line | : | From dt.18.03.2024, 10.00 A.M, to dt.03.04.2024, up to 5.00 P.M. |
| Last date / time of receipt of bids in the portal | : | 03.04.2024 (5.00PM) |
| Date of Technical bid opening through online | : | On dt.04.04.2024 at 11.00 A.M in the Office ot the S.E, M.I. Division, Dhenkanal. |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website **http://dowrorissa.gov.in** | | |
| **Name & Address of the OIT** | : | Superintending Engineer, Minor Irrigation Division, Dhenkanal, At/P.O./District-Dhenkanal. Ph. No. / Fax No. 06762-224461, Email ID : eemidkl@yahoo.co.in |
| Further details can be seen from the e-Procurement market place **http://tendersorissa.gov.in** | | |

**Sd/-Superintending Engineer**
**M.I. Division, Dhenkanal**

**OIPR : 32027/11/0010/2324**



**Government of Odisha: Office of the Chief Construction Engineer, Rural Works Circle, Sambalpur.**
**E-mail Id serwcirclesbp@yahoo.com**

**Bid Identification No. Building Tender Online RWCSBP-74/2023-24 No: 1077 Dated. 13.03.24**

**O-2804 :** The Chief Constructin Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) no of Building work for the year 2023-24.

| | | | |
|---|---|---|---|
| 1 | Name of work | : | Construction of (24x7) PHC Day Care Building for the year 2023-24 |
| 2 | No of work | : | 01 (One) no of Building work Details as per DTCN. |
| 3 | Estimated cost | : | **Approximately Rs. 102.22 lakhs.** |
| 4 | Class of Contractor. | : | 'B' & 'A" Class |
| 5 | Cost of tender paper and mode of deposit. | : | Rs. 10,000/- per set (to be deposited On-line) in favour concerned Superintending Engineer/Executive Engineer |
| 6 | Mode of submission of tender | : | Tender should be submitted only On line in website **www.tendersorissa.gov.in (https://tendersodisha.gov.in)** |
| 7. | EMD and mode of deposit | : | 1% of estimated cost of the work to be remitted online as mentioned in DTCN |
| 8. | Summary of key dates are provided below : | | |

| Procurement Officer | Bid Identification No | Availability of tender Online for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-74/2023-24 | 19.03.2024 From 11.00 A.M. | 02.04.2024 Up to 05.00 P.M. | 28.03.2024 Up to 5.00 P.M. | 03.04.2024 at 11.00 A.M. | To be intimated later |

- Further details can be seen from the e-procurement portal **www.tendersorissa.gov.in (https://tendersodisha.gov.in)**
- Subsequent modification / corrigendum / Addendum if required shall appear in website only.
- The amount put to bid is exclusive of GST.
- Biddder should inspect the road before bidding and quote his rate accordingly.

**Sd/- Chief Construction Engineer**
**Rural Works Circle, Sambalpur**

**OIPR : 25091/11/0111/2324**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in

**O-2824**

**'E' PROCUREMENT NOTICE**
**NO.RWD-II/KPD-11/23-24 DTD 14.03.2024**
**Notice No-667 Dtd-14.03.2024**

| | | | |
|---|---|---|---|
| 1 | Name of work | : | Building works in the District of Kendrapara for the year 2023-24. |
| 2 | Total No of Work | : | 2 Nos Building |
| 3. | Estimated Cost | : | Rs.49.96 (Approx.) |
| 4. | Period of Completion | : | 5 Months |
| 5. | Class of contractors | : | B & C Class |
| 6. | Cost of Tender Paper | : | Cost of Tender paper is to be remitted ONLINE as specified in column-3 of the Annexure |
| 7. | Detail projects | : | As specified in the Annexure |

**Other details**

| | | | |
|---|---|---|---|
| a) | Procurement officer | : | Executive Engineer Rural Works Division-II Kendrapara |
| b) | Availability of tender online & submission of bid | : | 19.03.2024 at 11:00 AM to 28.03.2024 up to 5:00 PM |
| c) | Last date & time of seeking of tender clarification | : | 27.03.2024 up to 5:00 PM |
| d) | Opening of Tender | : | 30.03.2024 at 05.30P.M |

Further details can be seen from the Govt. website **www.tendersorissa.gov.in**

**Executive Engineer**
**Rural Works Division-II, Kendrapara**

**OIPR : 25098/11/0020/2324**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR**
**AT/P.O-Padampur, Dist-Bargarh, PIN-768036**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
**(WORLD BANK PROJECT ID: PI63533)**
**REQUEST FOR BIDS(RFB) E Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**RFB No. OIIPCRA-BGH / W2/ 04/2023-24 Date. 13.03.2024**

**A-1745**

| | |
|---|---|
| Name of Work: | Modernization works of MIPs under **M.I.Division ,Padampur** |
| Total No. of Works | 5 Nos. (Individual MIP & Individual Package) |
| Estimated Cost of Works(s): | Approximately Rs. **7.03 Lakh** (Total estimated cost of the 1No. of Works **47.72 Lakh** ) |
| Cost of Bid Document: | **Free of Cost.** |
| Time for Completion: | Refer to DTCN |
| Availability of Bid Documents: | From **22.03.2024 10.00**Hrs to **22.04.2024** up to **15.00** Hrs in the e-procurement website (https://tendersodisha.gov.in) through online |
| Date of Pre-Bid Meeting: | On **02.04.2024** From **11.30** Hrs. To **14.00** Hrs. |
| Last date & time of receipt of bid | Up to **22.04.2024, 15.00 Hrs.** through online. |
| Payment of bid cost/bid security: | Shall be Paid On-Line through through the e-Procurement portal of Govt. of Odisha. |
| Date of opening of Technical bid(s): | On dt: **22.04.2024 at 15.30** Hrs onwards. |
| Date of opening of Financial bid(s): | To be intimated online after offline evaluation of Technical Bids. |
| Digital Signature Certificate of Bidders: | The bidder must posses compatible Digital Signature Certificate (DSC) of class-II or III. |
| Details about the tender: | Available in website of www.dowrodisha.gov.in and www. tendersodisha.gov.in |
| Name/Address of the OIT: | **Superintending Engineer, M.I. Division, Padampur. At/Po-Padampur /Dist: Bargarh, PIN-768036 E-Mail:- eemipad@yahoo.co.in** |

**OIPR : 32037/11/0014/2324**

**Superintending Engineer, M.I. Division, Padampur**



**GOVT. OF ODISHA : DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**RENGALI RIGHT IRRIGATION CIRCLE, CHOUDWAR**
**Email Id-acerricchoudwar@gmail.com**

**'e' Procurement Notice**

**A-1750 :** The Additional Chief Engineer, Rengali Right Irrigation Circle, Choudwar, Cuttack on behalf of the Governor of Odisha invites **on line percentage rate bids** in double cover system for construction of works as detailed below:

| | | | |
|---|---|---|---|
| 1. | No. of works | : | 02 (Two) nos of Works |
| 2. | Tender Cost | : | Rs.2,46,30,807.00 & Rs.1,58,80,357.00 |
| 3. | Bid Document Cost | : | Rs. 10,000.00 (to be paid on line) |
| 4. | Bid Security/EMD | : | Rs.2,46,400.00 & Rs.1,58,900.00 |
| 5. | Class of Contractor | : | 'A' Class |
| 6. | Period of Completion | : | 06 (Six) calendar months including monsoon |
| 7. | Other details are as follows | : | |

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, RRIC, Choudwan | ACERRICC-02/2023-24 | 18.03.2024 10.00 AM | 03.04.2024 5.30 PM | 04.04.2024 at 11.30 AM |

Further details can be seen from the e-procurement portal **https://www.tendersodisha.gov.in** Any addendum/ Corrigendum/ Cancellation to the above notice will be published in the Govt, website **www.tendersodisha.gov.in.**

**Sd/- Additional Chief Engineer**
**Rengali Right Irrigation Circle Choudwar**

**OIPR : 32419/11/0003/2324**



**ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ, ଆଠଗଡ଼**
**OFFICE OF THE DIVISIONAL FOREST OFFICER, ATHGARH FOREST DIVISION, ATHGARH**
**At/Po- Athgarh, Dist- Cuttack,P/n-754029**
**EMail- dfo.athagarh@odisha.gov.in**
**Notice No. 1 /IF (Account)**
**Dated, Athgarh the 14 March, 2024**

**MM-393**

**SHORT TENDER CALL NOTICE FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER f ATHGARH, KHUNTUNI, BAPAMBA, NARASINGHPURI**

Quotations in plain paper /letter pad are invited from the intending supplier / Vehicle owner for supply of Bolero vehicle within 3 Years of registration for use in patrolling and other duty in Division office during the FY-2024-25 with following terms and condition.

The quotation should reach this office on or before 31.03.2024 at 11.00 A.M through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Athgarh Forest Division. The tenders will be opened in the office of the undersigned on dt. 31.03.2024 at 12 P.M by submitting a non-refundable Demand Draft to be drawn in favour of Divisional Forest Officer, Athgarh from 12.03.2024 to 31.03.2024 payable at Athgarh for 1180/- ( Cost 1000/- +GST 18% -Rs.180/-) ( Rupees One Thousand One hundred Eighty) only towards cost of tender paper, which will be placed before the Purchase Committee of this office for approval. The amount quoted should include the cost of Driver and all taxes (excluding the cost of Fuel). The incomplete quotation or quotation received after the scheduled date and time shall be summarily rejected. The undersigned reserves all rights to reject any or all quotation without showing any reason therof.

**1. BOLERO ( Diesel Make ) - 16 Nos.**

**(Dr. Jagyandatt Pati)**
**Divisional Forest Officer,**
**Athgarh Forest Division, Athgarh**

**OIPR : 08063/11/0006/2324**



**Tel-0663-2548268, E-mail Id-serwcirclebp@yahoo.com**

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SAMBALPUR**
**e-Procurement No. 1085 / Dated : 13.03.2024**

**O-2805 :** Chief Construction Engineer. Rural Works Circle. Sambalpur on behalf of Odisha State Rural Roads Agency invites Percentage f %l bids through e_ Procurement from eligible doss of experienced bidders for construction of roads and CD works including maintenance for 5 years of rural roads under PRADHAN MANTRI-JANJATI ADIVASI NYAYA MAHA ABHIYAN (PM JANMAN) BATCH-I for the year 2023-24

| | | | |
|---|---|---|---|
| 1. | Name of work | : | Construction of road and CD works including five-year maintenance under PM-JANMAN. Batch-I for the year 2023-24. |
| 2. | Class of Contractor | : | As mentioned in Annexure |
| 3. | No of packages | : | 01 No of Package |
| 4. | Estimated cost | : | Approx. Rs. 928.32 Lakh (Information in DTCN will be Final) |
| 5. | Bid submission fee. | : | Rs. 10.000/- (Non-Refundable) per set of package |
| 6. | Mode of submission of tender. | : | Only through online in website. **www.pmgsytenders.gov.In** |

**Summary of key dates are provided below**

| Procurement Officer | Bid Identification No. | Availability of Tender on-line for bidding | | Last date& time for seeking clarification | Last Date and time of submission of Original documents | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Chief Construction Engineer, Rural, Works Circle, Sambalpur | PMGSY-Online-RWCSBP-75/2023-24 | 19.03.2024 From 11.00. A. M. | 02.04.2024 Up to 05.00 P.M. | 28.03.2024 Up to 5.00 P.M. | 05.04.2024 By 5.00 PM | 03.04.2024 At 11.00 A.M. | Will be intimated late |

* Special condition 1- EPF registration is mandatory before drawl of agreement.2- Rate quoted by the contractor shall be excluding GST 3. EMD, Bid submission fee and original affidavits should be submitted at the O/o Chief Construction Engineer, Rural works Circle. Sambalpur **Or** O/o Executive Engineer/Superintending Engineer of Concern Rural Works Division.
* Details can be seen from the e-procurement portal **www.pmgsytenders.gov.in**
* Subsequent modification/corrigendum/Addendum if required shall be appeared in the website only.

**Sd/- Chief Construction Engineer**
**Rural Works Circle, Sambalpur**

**OIPR : 25091/11/0113/2324**


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।









୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟୁଛନ୍ତି ବିଭିନ୍ନ ସଂଗଠନର କର୍ମକର୍ତ୍ତା

### ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୨୧ ସଂଗଠନର ଲୋକେ

# ମୁଖ୍ୟମନ୍ତ୍ରୀଙ୍କ ନୂଆ, ସଶକ୍ତ ଓଡିଶା ଗଠନରେ କାମ କରିବା : କାର୍ତ୍ତିକ

ଭୁବନେଶ୍ୱର, (ସବ୍ୟୁ) : ନୂତନ ଭାବେ ଘୋଷଣା ହୋଇଥିବା ଏନ୍‌ଏସି, ଏନଏସିରୁ ୩ ମ୍ୟୁନିସିପାଲକୁ ଉନ୍ନୀତ, ପାଉଡିଭୂୟାଁ ସମ୍ପ୍ରଦାୟ ଏବଂ ବିଜୁ ଶ୍ରମିକ ସାମ୍ମୁଖ୍ୟର ୨୧ ସଂଗଠନ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନବୀନ ନିବାସରେ ଭେଟି କୃତଜ୍ଞତା ଦେବା ସହ ସେମାନେ କିଛି ପ୍ରସ୍ତାବ ଉପସ୍ଥାପନା କରିଥିଲେ ।



ସଂଗଠନର ସଦସ୍ୟମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ସ୍ୱଚ୍ଛ କାର୍ଯ୍ୟ ଦକ୍ଷତା ପାଇଁ ଶୁକ୍ରବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗେଇଛି । ନୂତନ ଏନଏସି ଘୋଷରା ହେବା ଦ୍ୱାରା ସେହି ଅଞ୍ଚଳର ତୃଣମୂଳସ୍ତରରେ ବିକାଶ ହେବ । ଲୋକଙ୍କୁ ବହୁ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି ବିଭିନ୍ନ ସଂଗଠନ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରାଯାଇଥିବାରୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଧନ୍ୟବାଦ ଦିଆଯାଇଛି । ଦେବଗଡ଼ ଜିଲ୍ଲାର ପାଉଡ଼ି ଭୂୟାଁ ସମ୍ପ୍ରଦାୟ ୫-ଟି ଅଧ୍ୟକ୍ଷଙ୍କୁ ଭେଟିଥିଲେ । ସରକାରଙ୍କ ପକ୍ଷରୁ ପାଉଡ଼ି ଭୂୟାଁ ସମ୍ପ୍ରଦାୟର ୩୨ଟି ଗ୍ରାମକୁ ପୁରସ୍କାର କରାଯାଇଥିବାରୁ କୃତଜ୍ଞତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନୂଆ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଶ୍ରୀ ପାଣ୍ଡିଆନ କହିଛନ୍ତି । ସଂଗଠନର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇ ଶ୍ରୀ ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରତି କ୍ଷେତ୍ରରେ ଓଡ଼ିଶାକୁ ଆଦର୍ଶ ଭାବେ ଗଢ଼ି ତୋଳିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ହେଉଛି ସମସ୍ତ ସମ୍ପ୍ରଦାୟ, ଧାର୍ମିକସ୍ଥଳୀର ଉନ୍ନତୀକରଣ ।

୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଦେବଗଡ଼ ଜିଲ୍ଲାର ପାଉଡ଼ି ଭୂୟାଁ ସମ୍ପ୍ରଦାୟ, ବିଜୁ ଶ୍ରମିକ ସାମ୍ମୁଖ୍ୟ ମୁଖ୍ୟ ସୁବାସ ସିଂହ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ସବ୍ୟସାଚୀ ନାୟକ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସମ୍ବିତ ରାଉତରାୟ, ବିଧାୟକ ମହିଧର ରଣା, ବିଧାୟକ ରାଜେନ୍ଦ୍ର ସାହୁ, ସତ୍ୟ ପ୍ରଧାନ, ରବିନ୍ଦ୍ର ଜେନା ଓ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ଏନଏସିର ବହୁ ଜନସାଧାରଣ ଭେଟି କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ ।

**ଏନଏସି, ୩ ମ୍ୟୁନିସିପାଲିଟି, ପାଉଡ଼ି ଭୂୟାଁ ସମ୍ପ୍ରଦାୟ, ବିଜୁ ଶ୍ରମିକ ସାମ୍ମୁଖ୍ୟର ସଦସ୍ୟ ଦେଲେ କୃତଜ୍ଞତା**

# ଏୟାରଲିଫ୍ଟ ହେଲେ ପ୍ରସନ୍ନ ଆଚାର୍ଯ୍ୟ

ସମ୍ବଲପୁର/ରେଢ଼ାଖୋଲ,(ସବ୍ୟୁ): ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବେଳେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଏୟାରଲିଫ୍ଟ କରାଯାଇଛି । ପ୍ରଥମେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପକୁ ଅଣାଯାଇଥିଲା । ପରେ ଭୁବନେଶ୍ୱରକୁ ଏୟାରଲିଫ୍ଟ କରାଯାଇଛି । ଏଥିପାଇଁ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପକୁ ଆସିବା ପରେ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥର ବେଲଡିହି ଠାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର ଗାଡି ନମ୍ବର( ଓଡି ୧୭ୟାଇ-୧୨୩୪)ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେ ନବୀନ ନିବାସ ଠାରେ ଦଳୀୟ ବୈଠକରେ ଯୋଗ ଦେବା ପରେ ଭୁବନେଶ୍ୱରରୁ ବରଗଡ ନିଜ ଘରକୁ ଫେରୁଥିଲେ । ତେବେ ରେଢାଖୋଲ ଥାନା ଅନ୍ତର୍ଗତ ବେଲଡିହି ଠାରେ ଗତରାତି ପ୍ରାୟ ସାଢେ ୧୨ଟାରେ ତାଙ୍କ କାର ସହ ଏକ ତେଲ ଟ୍ୟାଙ୍କର ଗାଡି ନମ୍ବର( ଏମ୍‌ପି୦୯ଏଚ୍‌ଜେ- ୭୪୫୧) ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ତାଙ୍କ ପିଏସ୍‌ଓ ଏବଂ ଡ୍ରାଇଭର ଆହତ ହୋଇଥିଲେ । ଆହତଙ୍କୁ ତୁରନ୍ତ ରେଢାଖୋଲ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପିଏସ୍‌ଓଙ୍କ ଗୋଡ ଭାଙ୍ଗିଥିବା ବେଳେ ଡ୍ରାଇଭର ଜଣକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ପ୍ରସନ୍ନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସମ୍ବଲପୁର ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ସିଟିସ୍କାନ କରାଯିବା ପରେ କପାଳ, ଓଠ ଏବଂ ନାକରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି । କେବଳ କପାଳରେ ୩୦ଟି, ନାକରେ ୪ଟି ଏବଂ ଓଠରେ ୨ଟି ଷ୍ଟିଚ୍ କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବାବେଳେ ଡାକ୍ତରଙ୍କ ନଜରରେ ରଖାଯାଇଥିଲା । ଏହାପରେ ଅପରାହ୍ନରେ ବିକାଶ ହସ୍ପିଟାଲର ୨ଜଣ ଡାକ୍ତର, ୨ଜଣ ମେଡିକାଲ ଷ୍ଟାଫ , ପରିବାର ଓ ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତିରେ ଜମାଦାରପାଲି ଏୟାରଷ୍ଟ୍ରିପକୁ ନିଆଯାଇଥିଲା । ଏଠାରେ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ଅନ୍ୟପଟେ ରେଢାଖୋଲ ପୋଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟ ଗାଡିକୁ ଜବତ କରିଛି । ଟ୍ୟାଙ୍କରର ଡ୍ରାଇଭରକୁ ଗିରଫ କରି ଏହାର ତଦନ୍ତ କରୁଥିବା ଜଣାପଡିଛି ।



### ବିଏନଆଇ କଟକ ଚାପ୍ଟର ପକ୍ଷରୁ ୧୮ ରେ ତକ୍ଷକ ୨.୦ ବିଜନେସ୍ ପ୍ରଦର୍ଶନୀ

# ୧୨୫ ଷ୍ଟଲ ସାଙ୍ଗକୁ ୧୫୦୦ ବିଜିନେସ୍ ପ୍ରମୋଟର ନେବେ ଭାଗ

କଟକ (ସବ୍ୟୁ) : ଉଦ୍ୟୋଗପତି, ଡାକ୍ତର, ଆଇନଜୀବିଙ୍କ ଭଳି ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିବା ବିଏନଆଇ ଆଚିଭର୍ସ (ବିଜିନେସ ନେଟଓ୍ୱର୍କିଂ ଇଣ୍ଟରନେସନାଲ ) ଓଡ଼ିଶା ଗ୍ରେଟର କଟକ ଚାପ୍ଟର୍ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୮ ତାରିଖରେ ସମ୍ମିଳନୀରେ ସୂଚନା ଦେଇଛନ୍ତିଛ ଏଥିରେ ଉଦ୍ୟୋଗପତିଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ବ୍ୟକ୍ତିମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଓ ସେବାର ଝଲକ୍ ଏହି ଷ୍ଟଲ୍ ଗୁଡ଼ିକରେ ପ୍ରଦର୍ଶିତ କରାଇବେ । ବିଶେଷ କରି ଏଥିରେ ୧୫ ଶହରୁ ଅଧିକ ବିଜିନେସ୍ ପ୍ରମୋଟର ଉପସ୍ଥିତ ଦେଇଆସୁଛନ୍ତି । ସାଧାରଣ ଲୋକଟିଏ ବିଏନଆଇ ସହ ଯୋଡ଼ି ହୋଇଗଲେ ହଇରାଣ, ହରକତ ଓ ଠକାମିର ଶିକାର ହେବାର ସୁଯୋଗ ନ ଥାଏ । ଏପରିକି ଜଣେ ସାଧାରଣ ଲୋକଟି ତାର ଯେ କୌଣସି ଆବଶ୍ୟକୀୟ ସରଞ୍ଜାମ କିମ୍ବା ଦ୍ରବ୍ୟ କିଭଳି ସିଧାସଳଖ କ୍ରୟ କରି ବ୍ରାଣ୍ଡେଡ ଜିନିଷ



ବିଜନେସ୍ ପ୍ରମୋସନ୍ ଓ ସେବା ସଂକ୍ରାନ୍ତୀୟ 'ତକ୍ଷକ ୨.୦ 'ପ୍ରଦର୍ଶନୀ କଟକସ୍ଥିତ ୟୁନୀୟନ୍ କ୍ଲବ ଲନ ପରିସରରେ ଅନୁଷ୍ଠିତ ହେବ । ବିଏନଆଇ ଓଡ଼ିଶା ଗ୍ରେଟର୍ କଟକ ଚାପ୍ଟର ଓ ବିଏନଆଇ ଆଚିଭର୍ସ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀରେ ପ୍ରାୟ ୧୨୫ ଷ୍ଟଲ ଭାଗ ନେବେ ବୋଲି ଆୟୋଜକ କମିଟି ଏକ ସାମ୍ବାଦିକ ରହି ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ଉପରେ ବିସ୍ତୃତ ତଥ୍ୟ ରଖିବେ । ବିଏନଆଇ ଓଡ଼ିଶା ଗ୍ରେଟର୍ କଟକ ଚାପ୍ଟର ହେଉଛି ପୂର୍ବ ଭାରତର ନେଟଓ୍ୱର୍କ ବ୍ୟବସାୟର ଏକ ବିଶାଳ ବ୍ୟବସାୟିକ ପ୍ରତିଷ୍ଠାନ । ଏହି ସଂସ୍ଥାରେ ଯୋଡ଼ି ହୋଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଓ ସେବା ଗୋଟିଏ ଛାତ ତଳେ୧୯୮୫ମସିହାରୁ ଯୋଗାଇ ନେଇପାରିବେ ଏଥିପ୍ରତି ବିଏନଆଇ ସମ୍ପୂର୍ଣ୍ଣ ଧ୍ୟାନ ଦେଇଥାଏ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ କହିଛନ୍ତି । ଆଜିର ସାମ୍ବାଦିକ ସମ୍ମୀଳନୀରେ ବିଏନଆଇ ର ବରିଷ୍ଠ ସଭ୍ୟ ସୁଶାନ୍ତ କୁମାର ପଣ୍ଡା, ସି.ଏସ.ସୁନିତା ମହାନ୍ତି, ସଭାପତି ଅନୁରାଗ ସରାଫ୍, ଉପସଭାପତି ଭିନିତ୍ ସେଠିଆ, ସଂଯୋଜକ ସଞ୍ଜୟ ଅଗ୍ରୱାଲ୍, ସଂଗୀତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଲାଇମେଟ୍ ଚେଞ୍ଜ ଉପରେ କର୍ମଶାଳା




ଭୁବନେଶ୍ୱର (ସବ୍ୟୁ): ପରିବେଶଗତ ଦୁର୍ଦ୍ଦଶା ଏବଂ ଜଳବାୟୁ ପରିବର୍ତ୍ତନ ବାବଦ ମୂଲ୍ୟଗତ ପ୍ରଭାବ, ଜାତି ଓ ଲିଙ୍ଗଗତ ସ୍ତରରେ ସର୍ବନିମ୍ନ ସ୍ଥାନରେ ଥିବା ଜନସାଧାରଣ ଅସମତୁଲଭାବରେ ବହନ କରିବାରେ ଅଗ୍ରଭାଗରେ ରହିଛନ୍ତି । ସେଥିପାଇଁ ଜଳବାୟୁ ନ୍ୟାୟ ନିମନ୍ତେ ଆମକୁ ଜଳବାୟୁ କାର୍ଯ୍ୟକ୍ରମରେ ଅସମାନତା, ଦୁର୍ବଳ ଅବସ୍ଥା ଏବଂ ସ୍ଥାନୀୟସ୍ତରରେ ଅଂଶଗ୍ରହଣ ଓ ପ୍ରଭାବିତ ଅଥବା ଦୁର୍ବଳ ବର୍ଗ ଙ୍କ ନିୟୋଜନତା ଉପରେ ଦୃଷ୍ଟିନିବଦ୍ଧ କରିବାକୁ ହେବ। ଏସିଆ-ପାସିଫିକ ନେଟଓ୍ୱର୍କ ଫର ଗ୍ଲୋବାଲ ଚେଞ୍ଜ ରିସର୍ଚ୍ଚ, ୟଙ୍ଗ ଇଣ୍ଡିଆ ଏବଂ ଆକ୍ସନ ଏଡ ଆସୋସିଏସନ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ 'ଫୋଷ୍ଟରିଂ ପିପୁଲସ ଏମ୍ପାଓ୍ୱାରମେଣ୍ଟ ଫର ଅର୍ବାନ କ୍ଲାଇମେଟ ଜଷ୍ଟିସ' ଉପରେ ତିନି ଦିବସୀୟ ସାମର୍ଥ୍ୟ ନିର୍ମାଣ କର୍ମଶାଳା ଶେଷରେ ସମସ୍ତେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ପୂର୍ବ ଭାରତର ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ ଏବଂ ଓଡ଼ିଶା ଆଦି ୫ ଟି ରାଜ୍ୟରୁ ପଚାଶ ଜଣ ଅଂଶଗ୍ରହଣକାରୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଦେବବ୍ରତ ପାତ୍ର, ଆସୋସିଏଟ ଡାଇରେକ୍ଟର, ଆକ୍ସନଏଡ ଆସୋସିଏସନ କହିଥିଲେ ଯେ, ଏହା ଏକ ଅତ୍ୟାବଶ୍ୟକ ପ୍ରୟାସ ଯେଉଁଥିରେ ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କିତ ବିଭିନ୍ନ ଦିଗ ସମ୍ପର୍କରେ ଆମେ ବୁଝିପାରିବା । ଦୀପାଳି ଶର୍ମା, ଜଳବାୟୁ ପରିବର୍ତ୍ତନର ସମସ୍ୟା ଦୂର କରିବା ନିମନ୍ତେ ବିବିଧ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରୟାସଗୁଡିକ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

# ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋରର ନବକଳେବର

### ପ୍ରତ୍ୟେକ କ୍ରୟରେ ମାଗଣା ସ୍ୱର୍ଣ୍ଣମୁଦ୍ରା, ଗଢା ମଜୁରୀରେ ୨୦ ପ୍ରତିଶତ ରିହାତି

ଭୁବନେଶ୍ୱର (ସବ୍ୟୁ): ଅଗ୍ରଣୀ ଗହଣା ରିଟେଲବ୍ଲାଣ୍ଡ୍ ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋରର ନବକଳେବର ହୋଇଛି । ଏହି ନବିକୃତ ଷ୍ଟୋରକୁ ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ (ପୂର୍ବ) ସୋମପ୍ରଭ ସିଂହ ଏବଂ ସୁନିଲ ରାଜ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ତନିସ୍କ ପକ୍ଷରୁ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ପ୍ରଦାନ କରାଯାଇଛି । ଫଳରେ ଗ୍ରାହକମାନେ ପ୍ରତ୍ୟେକ କ୍ରେୟରେ ଏକ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପାଇବେ । ପୁରୁଣା ସୁନା ବଦଳାଇ ମନୋଲୋଭା ଡିଜାଇନ୍‌ର ନୂଆ ଗହଣା ପାଇପାରିବେ । ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା ୨୨କ୍ୟାରେଟ୍ ଏବଂ ତଦୁର୍ଦ୍ଧ କ୍ୟାରେଟ୍‌ର ପୁରୁଣା ସୁନା ବଦଳା ଉପରେ ବ୍ରାଣ୍ଡ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି । ସୁନା ଗହଣା ଗଢା ମଜୁରୀ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦିଆଯାଉଛି । ଏହି ଅଫର ୧୭ତାରିଖ ପର୍ଯ୍ୟନ୍ତ ରହିବ । ନବିକୃତ ଷ୍ଟୋରଟି ଚନ୍ଦ୍ରଶେଖରପୁର ମୁଖ୍ୟ ରାସ୍ତାରେ ଅବସ୍ଥିତ । ଏଠାରେ ଚମକଦାର ସୁନା, ଉଜ୍ଜ୍ୱଳ ହୀରା, କୁନ୍ଦନ ଓ ପୋଲକିରେ ପ୍ରସ୍ତୁତ ଟନିସ୍କର ଅନନ୍ୟ ଡିଜାଇନ୍ ସମ୍ଭାର ରହିଛି । ଷ୍ଟୋରରେ ମଧ ହୀରା ଗହଣାରେ ପରିବର୍ଦ୍ଧିତ ରେଞ୍ଜ୍ ଫେଷ୍ଟିଭାଲ ଅଫ୍ ଡାଏମଣ୍ଡସ୍ ରହିଛି । ଚନ୍ଦ୍ରଶେଖରପୁର ବାସିନ୍ଦା ଏହି ଷ୍ଟୋରରୁ ଅନନ୍ୟ ସପିଂ ଅନୁଭୂତି ପାଇପାରିବେ ବୋଲି କମ୍ପାନୀର ଏରିଆ ବିଜ୍‌ନେସ୍ ମ୍ୟାନେଜର (ପୂର୍ବ) ଅରିନ୍ଦମ ପ୍ରାମାଣିକ୍ କହିଛନ୍ତି ।



# ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପେନସନ ଦାବି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାରଙ୍କ ଅଧୀନରେ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକରେ ବିଭିନ୍ନ ବର୍ଗରେ ହଜାର ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସଫଳ ରୂପାୟନ କରିବା ସହିତ ଜନସାଧାରଣଙ୍କ ସାମୂହିକ ବିକାଶ ଦିଗରେ ଏହି କର୍ମଚାରୀମାନଙ୍କ ଭୂମିକା ରହିଛି । ମାତ୍ର ପରିତାପର ବିଷୟ ଯେ କର୍ମଚାରୀମାନେ ଅବସର ପରେ କୌଣସି ପେନସନ ନପାଇ ପ୍ରଚଣ୍ଡ ଆର୍ଥିକ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଛନ୍ତି । ଏହି କର୍ତ୍ତୃପକ୍ଷମାନଙ୍କରେ ପେନସନ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ କାର୍ଯ୍ୟରତ କର୍ମଚାରୀ ତଥା କର୍ମଚାରୀ ସଂଘ ବାରମ୍ବାର ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ ଏ ସଂକ୍ରାନ୍ତରେ ରାଜ୍ୟ ସରକାର କିମ୍ବା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ହେତୁ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଇତି ମଧ୍ୟରେ ଓଡିଶାର ଉଚ୍ଚ ନ୍ୟାୟାଳୟ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କ ନିମନ୍ତେ ସରକାରୀ ପେନସନ ଯୋଜନା ଲାଗୁ କରିବା ପାଇଁ ମକଦ୍ଦମା ସଂଖ୍ୟା - ଡବ୍ଲ୍ୟୁପି(ସି)ନଂ-୧୮୫୫୯/୨୦୧୫, ୪.୧୨.୨୦୨୩ରେ ମୁଖ୍ୟ ବିଚାରପତି ସିଧାସଳଖ ରାଜ୍ୟ ସରକାର ଏବଂ କର୍ତ୍ତୃପକ୍ଷଙ୍କୁ ଆଦେଶ ପ୍ରଦାନ କରିଥିଲେ ମଧ ଏସମ୍ବନ୍ଧରେ ଅଦ୍ୟାବଧି କୌଣସି ପଦକ୍ଷେପ ନେଉନଥିବାରୁ ଏହା ସମଗ୍ର କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସରକାରୀ ପେନସନ ଯୋଜନାକୁ ତୁରନ୍ତ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କ ନିମନ୍ତେ ଲାଗୁ କରିବାକୁ କର୍ମଚାରୀମାନେ ଦୃଢ ଦାବି କରିଛନ୍ତି ।

# କେସିଆରଙ୍କ ଝିଅ କବିତାଙ୍କୁ ଗିରଫ କଲା ଇଡି



**ନୂଆଦିଲ୍ଲୀ:** ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କବିତାଙ୍କୁ ଗିରଫ କରିଛି । ହାଇଦ୍ରାବାଦ ସ୍ଥିତ କବିତାଙ୍କ ବାସଭବନରେ ଆଜି ଆୟକର ବିଭାଗ ଓ ଇଡି ରେଡ କରିଥିଲେ । ବେଶ କିଛି ଘଣ୍ଟାର ରେଡ ପରେ ମନି ଲଣ୍ଡରିଂ ମାମଲାରେ ଇଡି କବିତାଙ୍କୁ ଗିରଫ କରିଛିଛ ଗିରଫ ପରେ ତାଙ୍କୁ ଇଡି ଦିଲ୍ଲୀ ଆଣୁଥିବା ଜଣାପଡ଼ିଛି ।

ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାର ଅନ୍ୟତମ ଅଭିଯୁକ୍ତ ହେଉଛନ୍ତି କେ କିବତା । ଘଟଣାରେ ଆକୟର ବିଭାଗ ଓ ଇଡି କବିତାଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଥିବାରୁ ତାଙ୍କୁ ବାରମ୍ବାର ସମନ କରିଥିଲେ । କିନ୍ତୁ ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ଓ ତଦନ୍ତକାରୀ ସଂସ୍ଥା ସାମ୍ନାରେ ହାଜର ହେଉ ନଥିଲେ । ଏଥିପାଇଁ ଆଜି ଇଡି ଓ ଆୟକର ବିଭାଗରର ୧୦ ଜଣ ଅଧିକାରୀ ହାଇଦ୍ରାବାଦରେ ପହଞ୍ଚି କବିତାଙ୍କ ଘରେ ଛାନଭିନ କରିଥିଲେ । ଏହାପରେ ଇଡି ତାଙ୍କୁ ଗିରଫ କରିଛି ।

ଦିଲ୍ଲୀର ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ କ୍ଷମତାସୀନ ଆପ୍କୁ ସାଉଥ ଗ୍ରୁପ ୧୦୦ କୋଟି ଟଙ୍କା ଦେଇଥିଲା । ଏହି ଗ୍ରୁପର ସଦସ୍ୟ ହେଉଛନ୍ତି କବିତା ବୋଲି ଇଡି ଚାର୍ଜଶିଟରେ ଅଭିଯୋଗ କରିଛି । କିନ୍ତୁ ଏହାକୁ କବିତା ଖଣ୍ଡନ କରିଛନ୍ତି ଓ ଇଡି ନୋଟିସକୁ ସେ ମୋଦି ନୋଟିସ ବୋଲି କହିଥିଲେ ।

ଏହି ତଥାକଥିତ ଦୁର୍ନୀତି ଘଟଣାରେ ସିବିଆଇର ଗୋଟିଏ ଟିମ କବିତାଙ୍କ ବୟାନ ୨୦୨୨ ମସିହା ଡିସେମ୍ବର ୧ରେ ରେକର୍ଡ କରିଥିଲା । ଦୀର୍ଘ ୭ ଘଣ୍ଟା କାଳ ତାଙ୍କୁ ଜେରା କରିଥିଲା । ଏହାପରେ ଇଡି ଘଟଣାର ଛାନଭିନ ଜାରି ରଖିଛି । ଇଡି ସହ ଆୟକର ବିଭାଗ ମଧ୍ୟ ଘଟଣାର ତଦନ୍ତ କରୁଛି ।

# ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ'କୁ ମିଳିଲା ଅନୁମତି



**ଚେନ୍ନାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ ଶୋ'କୁ ମିଳିଲା ଅନୁମତି । ପ୍ରଧାନମନ୍ତ୍ରୀଙ୍କ ରୋଡ୍‌ଶୋ'କୁ କୋଏମ୍ବାଟୁର ଜିଲ୍ଲା ପୁଲିସ୍ ଅନୁମତି ଦେବାକୁ ମନା କରି ଦେଇଥିବା ବେଳେ ମାଡ୍ରାସ ହାଇକୋର୍ଟ ଆଜି ଦେଇଛନ୍ତି ଅନୁମତି । ମାର୍ଚ୍ଚ ୧୮ ତାରିଖରେ କୋଏମ୍ବାଟୁରରେ ହେବ ପ୍ରଧାନମନ୍ତ୍ରୀଙ୍କ ରୋଡ୍‌ଶୋ' । ତାମିଲନାଡୁର କୋଏମ୍ବାଟୁରରେ ମାର୍ଚ୍ଚ ୧୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ' କରିବା ପାଇଁ ଅନୁମତି ଦେବାକୁ ଜିଲ୍ଲା ପୁଲିସ୍ ନିକଟରେ ଆବେଦନ କରିଥିଲା ବିଜେପି । ହେଲେ ବିଭିନ୍ନ କାରଣ ଦର୍ଶାଇ କୋଏମ୍ବାଟୁର ଜିଲ୍ଲା ପୁଲିସ ଅନୁମତି ଦେଇ ନଥିଲା । ଜିଲ୍ଲା ପୁଲିସ୍ ପକ୍ଷରୁ ଦର୍ଶାଯାଇଥିବା ବିଭିନ୍ନ କାରଣ ମଧ୍ୟରେ ରହିଥିଲା ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରତି ସମ୍ଭାବ୍ୟ ବିପଦ । ତା' ସହିତ କୋଏମ୍ବାଟୁରର ସାଂପ୍ରଦାୟିକ ଇତିହାସକୁ ଦୃଷ୍ଟିରେ ରଖିଲେ ଏହି ରୋଡ ଶୋ' ପାଇଁ ଅନୁମତି ଦେବା ଠିକ ହେବ ନାହିଁ ବୋଲି ପୁଲିସ୍ କହିଥିଲା । ସେହିପରି ସାଧାରଣ ଜନତା (ବିଶେଷ କରି ଛାତ୍ରଛାତ୍ରୀ) ଏହି ରୋଡ ଶୋ' ଦ୍ୱାରା ପ୍ରଭାବିତ ହୋଇପାରନ୍ତି ବୋଲି ଦର୍ଶାଇ ଅନୁମତି ଦେବାକୁ ମନା କରି ଦେଇଥିଲା କୋଏମ୍ବାଟୁର ଜିଲ୍ଲା ପୁଲିସ ।

ବିଜେପି ୧୮ ତାରିଖରେ କୋଏମ୍ବାଟୁରରେ ରୋଡ ଶୋ' କରିବାକୁ ଯୋଜନା କରିଥିବା ବେଳେ ପୁଲିସ୍ ପକ୍ଷରୁ କୁହାଯାଇଥିଲା ଯେ ସେହିଦିନ ଓ ତା'ପର ଦିନ ଅନେକ ପରୀକ୍ଷା ରହିଛି । ଯେଉଁ ବାଟ ଦେଇ ଏହି ରୋଡ ଶୋ' ଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା, ସେଠାରେ ଅନେକ ସ୍କୁଲ ରହିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା ।

# ବିଗ୍ ବି'ଙ୍କ ଗୋଡରେ ଅସ୍ତ୍ରୋପଚାର



**ନୂଆଦିଲ୍ଲୀ:** ଡାକ୍ତରଖାନାରେ ଭର୍ତି ହେଲେ ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନ । ମୁମ୍ବାଇର କୋକିଳାବେନ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ସୂଚନା ଅନୁସାରେ ବିଗ ବିଙ୍କ ଗୋଡରେ ରକ୍ତ ଜମାଟ ବାନ୍ଧିବା ଯୋଗୁଁ ତାଙ୍କର ଅସ୍ତ୍ରୋପଚାର କରାଯାଇଛି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ରହିଛି ଓ ସେ ଖୁବ ଶୀଘ୍ର ଘରକୁ ଫେରିବେ ବୋଲି ପରିବାର ପକ୍ଷରୁ କୁହାଯାଇଛି । ଶୁକ୍ରବାର ସକାଳୁ ସେ ହସପିଟାଲରେ ଭର୍ତି କରାଯାଇଥିଲା । ଏହା ଭିତରେ ଚର୍ଚ୍ଚା ସାଉଁଟିଛି ବିଗ ବିଙ୍କ ସୋସିଆଲ ମିଡିଆ ପୋଷ୍ଟ । ଯେଉଁଥିରେ ସେ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ୨.୫୬ ଲକ୍ଷ ଗ୍ରାମୀଣ ଡାକ ସେବକଙ୍କ ଆର୍ଥିକ ପଦୋନ୍ନତି

**ଭୁବନେଶ୍ୱର,(ସବ୍ୟୁ):** କେନ୍ଦ୍ର ଯୋଗାଯୋଗ, ରେଳ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ଡାକ ବିଭାଗରେ କାର୍ଯ୍ୟରତ ୨.୫୬ ଲକ୍ଷରୁ ଅଧିକ ଗ୍ରାମୀଣ ଡାକ ସେବକ (ଜିଡିଏସ)ଙ୍କ ସେବା ସ୍ଥିତିରେ ଉନ୍ନତି ଆଣିବା ଏବଂ ସେବାରେ ସ୍ଥାଣୁତା ଦୂର କରିବା ପାଇଁ ଏକ ଆର୍ଥିକ ପଦୋନ୍ନତି ଯୋଜନାର ଶୁଭାରମ୍ଭ କରିଛନ୍ତି । ଜିଡିଏସମାନେ ଗ୍ରାମାଞ୍ଚଳରେ ଡାକ ବିଭାଗର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଥାନ୍ତି ଏବଂ ଆମ ଦେଶର ଦୁର୍ଗମ ଭାଗକୁ ଡାକ ଏବଂ ଆର୍ଥିକ ସେବା ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

ଗ୍ରାମୀଣ ଡାକ ସେବକଙ୍କୁ ୧୨, ୨୪ ଓ ୩୬ ବର୍ଷର ଚାକିରି ଶେଷ ହେବା ପରେ ଯଥାକ୍ରମେ ବାର୍ଷିକ ୪,୩୨୦/- ଟଙ୍କା, ୫,୫୨୦/- ଟଙ୍କା ଏବଂ ୭,୨୦୦/- ଟଙ୍କାର ତିନୋଟି ଆର୍ଥିକ ପଦୋନ୍ନତି ସୁବିଧା ପ୍ରଦାନ କରାଯିବ । ଏହା ସମୟ ଆଧାରିତ ନିରନ୍ତରତା ଭତ୍ତା (ଟିଆରସିଏ)' ଆକାରରେ ଜିଡିଏସଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ଅତିରିକ୍ତ ମିଳିବ । ଜିଡିଏସର ସେବା ସ୍ଥିତିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏହି ଯୋଜନା ଦ୍ୱାରା ୨.୫୬ ଲକ୍ଷରୁ ଅଧିକ ଜିଡିଏସ ଉପକୃତ ହେବେ ଏବଂ ସେମାନଙ୍କ ସେବାରେ ସ୍ଥାଣୁତା ଦୂର ହେବ ବୋଲି ଆଶା କରାଯାଉଛି ।

# ନିର୍ବାଚନ କମିଶନର ନିଯୁକ୍ତି ସ୍ଥଗିତ ରଖିବାକୁ ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଦୁଇ ଜଣ ନୂଆ ନିର୍ବାଚନ କମିଶନରଙ୍କ ନିଯୁକ୍ତି ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ । ୨୦୨୩ ଆଇନ ଅନୁଯାୟୀ ଦୁଇ ନିର୍ବାଚନ କମିଶନର – ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଏହା ଉପରେ ରୋକ୍ ଲଗାଇବାକୁ ଆବେଦନ ହୋଇଥିଲା, ଯାହାକୁ ଆଜି ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜଣେ ବିରୋଧୀ ଦଳର ନେତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କିଏ ନିର୍ବାଚନ କମିଶନର ନିଯୁକ୍ତି ହେବେ ସେନେଇ ନିଷ୍ପତ୍ତି ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦି, ବିରୋଧୀ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଲୋଚନା କରି ଖାଲି ଥିବା ଦୁଇ ପଦବୀ ପାଇଁ ପୂର୍ବତନ ପ୍ରଶାସନିକ ଅଧିକାରୀ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କ ନାମ ଉପରେ ମୋହର ମାରିଥିଲେ । କିନ୍ତୁ ୨୦୨୩ ଆଇନ ଅନୁସାରେ, ଚୟନ ପ୍ୟାନେଲରେ ଶାସକ ଦଳର ଅଧିକ ସଂଖ୍ୟକ ନେତା ରହୁଥିବାରୁ ଏହି ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରାଯାଇଛି ।

# ପ୍ରଶ୍ନ ଘେରରେ ମମତାଙ୍କ ଆହତ ଘଟଣା



**କୋଲକାତା:** ମମତାଙ୍କୁ କେହି ଧକ୍କା ମାରିନାହାଁନ୍ତି, ଡାକ୍ତରଙ୍କ କଥାକୁ ବିକୃତ କରାଯାଉଛି । କେହି ପଛରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଧକ୍କା ମାରିବା ଯୋଗୁ ସେ ତଳେ ପଡି ଗୁରୁତର ହୋଇଛନ୍ତି ବୋଲି କହିଥିଲେ ଏସଏସ ମେଡିକାଲର ନିର୍ଦ୍ଦେଶକ ମଣିମୋୟ ବନ୍ଦୋପାଧ୍ୟାୟ । ଡାକ୍ତରଙ୍କ ଏହି ବୟାନ ଉପରେ ଆଜି ଟିଏମସି ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି । କେହି ଧକ୍କା ମାରିବା ଯୋଗୁ ନୁହେଁ, ମୁଣ୍ଡ ବୁଲାଇବା ଏବଂ ଅସୁସ୍ଥତା କାରଣରୁ ମମତା ତଳେ ପଡିଯାଇ ଥାଇପାରନ୍ତି ବୋଲି କହିଛନ୍ତି ଟିଏମସି ନେତ୍ରୀ ଶଶୀ ପାଞ୍ଜା । ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘରେ ବୁଲୁଥିବା ବେଳେ ପଡିଯାଇ ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତି କରାଯାଇଥିଲା । ମମତାଙ୍କ କପାଳରେ ଲାଗିଥିବା ଆଘାତ ଯୋଗୁଁ ୪ ଟି ଷ୍ଟିଚ୍ ପଡିଛି । ମମତାଙ୍କ ଇସିଜି, ସିଟି ସ୍କାନ ସରିଥିବା ବେଳେ ତାଙ୍କୁ ଡିସଚାର୍ଜ କରାଯାଇଛି, ଏବେ ସେ ବିଶ୍ରାମ ନେଉଥିବା ଦଳ ପକ୍ଷରୁ କୁହାଯାଇଛି ।



# କ୍ରୀଡା ସଂଘର ଅନୁଦାନ ଦ୍ୱିଗୁଣିତ



ଭୁବନେଶ୍ୱର,୧୫।୩(ସବ୍ୟୁ): ରାଜ୍ୟରେ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ରାଜ୍ୟରେ ଥିବା ସମସ୍ତ ଅନୁଦାନ ପ୍ରାପ୍ତ କ୍ରୀଡା ସଂଘ ଗୁଡିକର ଅନୁଦାନ ରାଶି ଦ୍ୱିଗୁଣିତ ହୋଇଛି । କାଟାଗୋରି ଏ' ପରିସର ଭୁକ୍ତ କ୍ରୀଡା ସଂଘ ଗୁଡିକ ୧୨ ଲକ୍ଷ ଟଙ୍କା (ଚେସ୍ ସଂଘ ୬ ଲକ୍ଷ), କାଟାଗୋରୀ ବି' ପାଇଁ ୮ ଲକ୍ଷ, କାଟାଗୋରି ସି' ପାଇଁ ୫ ଲକ୍ଷ, କାଟାଗୋରି ଡି' ପାଇଁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ସେହିଭଳି ଜିଲ୍ଲା ଆଥଲେଟିକ୍ ସଂଘ ଓ କ୍ରୀଡା ସଂଘ ଗୁଡିକର ଅନୁଦାନକୁ ବୃଦ୍ଧି କରାଯାଇଛି । ଜିଲ୍ଲା ସଂଘ ଗୁଡିକ ୪ ଲକ୍ଷ ଟଙ୍କା ଦିଆଯିବ । ୨୦ରୁ ଅଧିକ ବ୍ଲକ୍ ଥିବା ଜିଲ୍ଲା ସଂଘ ଏହି ଅନୁଦାନ ପାଇବେ । ୧୫ରୁ ୨୦ ବ୍ଲକ୍ ଥିବା ଜିଲ୍ଲା ସଂଘ ୩ ଲକ୍ଷ, ୧୦ରୁ ୧୪ ବ୍ଲକ୍ ଥିବା ଜିଲ୍ଲା ୨ ଲକ୍ଷ ଏବଂ ୧୦ରୁ କମ୍ ବ୍ଲକ୍ ଥିବା ଜିଲ୍ଲା ସଂଘ ଦେଢ଼ ଲକ୍ଷ ଟଙ୍କା ପାଇବେ । ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ ଏବଂ ଓଡ଼ିଶା ଫୁଟବଲ ଆସୋସିଏସନ୍ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ସଂଘର ସାଧାରଣ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଭଲିବଲ ସଂଘର ସମ୍ପାଦକ ଗଗନେନ୍ଦୁ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, କ୍ରୀଡା ସଚିବ ଭିନିଲ କ୍ରିଷ୍ଣାଙ୍କୁ ଅନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

## ଆଇସିସି ଟି-୨୦ ବିଶ୍ୱକପ୍

# ନକ୍‌ଆଉଟ୍ ମ୍ୟାଚ ପାଇଁ ରିଜର୍ଭ ଡେ'

ନୂଆଦିଲ୍ଲୀ,୧୫।୩(ଏଜେନ୍ସି): ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ୍ ପହିଲାରୁ ଆଇସିସି ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି । ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ ନକ୍‌ଆଉଟ୍ ପର୍ଯ୍ୟାୟ ପାଇଁ ରିଜର୍ଭ ଡେ' ଘୋଷଣା କରିଛି । ସେମିଫାଇନାଲ ଓ ଫାଇନାଲ ମ୍ୟାଚ ପାଇଁ ଏହା ଲାଗୁ ହେବ । ଗ୍ରୁପ୍ ଷ୍ଟେଜ୍ ଓ ସୁପର-୮ ମୁକାବିଲାର ଫଳାଫଳ ପାଇଁ ଦୁଇଟି ଅତିକମ୍‌ରେ ୫ ଓଭରରେ ଲେଖାଏଁ ଖେଳିଥିବା ଆବଶ୍ୟକ । ନକ୍‌ଆଉଟ୍‌ରେ ୧୦ ଓଭର ଲେଖାଏଁ ଖେଳିବା ଜରୁରୀ । ନୂଆ ନିୟମ୍ ଅନୁଯାୟୀ ଓଭର ଶେଷ ହେବାର ୬୦ ସେକେଣ୍ଡ ମଧ୍ୟରେ ପରବର୍ତ୍ତୀର ଓଭର ଆରମ୍ଭ କରିବାକୁ ପଡ଼ିବ । ଦୁଇଥର ଚେତାବନୀ ପରେ ବୋଲିଂ କରୁଥିବା ଟିମ୍ ଶୃଙ୍ଖଳିତ ନହେଲେ ୫ ରନ୍‌ର ପେନାଲ୍ଟି ଲାଗିବ । ଆଗକୁ ୨୦୨୬ ଟି-୨୦ ବିଶ୍ୱକପ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ନିୟୋଜନ କରିବ ବୋଲି ଘୋଷଣ କରିଛି ।




### ଧଳାବଲ କ୍ରିକେଟ୍‌ରେ ଷ୍ଟପ୍ ୱାଚ୍

ସୀମିତ ଓଭର ବିଶିଷ୍ଟ କ୍ରିକେଟ୍‌ରେ ଷ୍ଟପୱାଚ୍ ନିୟମ ଲାଗୁ କରିବା ପାଇଁ ଆଇସିସି ନିଷ୍ପତ୍ତି ନେଇଛି । ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ ଦିନିକିଆ ଓ ଟି-୨୦ରେ ଏହାକୁ ଲାଗୁ କରିବାକୁ ଯାଉଛି । ଗୋଟିଏ ଓଭର ପରେ ୬୦ ସେକେଣ୍ଡ ମଧ୍ୟରେ ପରବର୍ତ୍ତୀ ଓଭର ବୋଲିଂ କରିବାକୁ ପଡିବ । ଯଦି ଏଥିରେ ବ୍ୟତିକ୍ରମ ହୁଏ ତେବେ ଟିମ୍‌କୁ ଦଣ୍ଡିତ କରାଯିବ । ଦୁଇଥର ଫିଲ୍ଡ ଅମ୍ପାୟାର ଚେତାବନୀ ଦେବେ । ଏହାପରେ ଯଦି ବିଳମ୍ବିତ ହୁଏ ତେବେ ବୋଲିଂ ଟିମ୍ ଉପରେ ୫ ରନ୍‌ର ପେନାଲ୍ଟି ଲାଗିବ । ଓଭର ଶେଷ ହେବା ପରେ ଟାଇମର ଲାଗୁ କରିବେ । ୬୦ ସେକେଣ୍ଡ ପରେ ଫିଲ୍ଡ ଅମ୍ପାୟାର ଚେତାବନୀ ଦେବେ । ଡିଆର୍‌ଏସ୍ କାରଣ ଯୋଗୁଁ ବିଳମ୍ବ ହେଲେ ଅମ୍ପାୟାର ଷ୍ଟପ୍‌ୱେଚ ରୋକି ପାରିବେ । ଆଇସିସି ଡିସେମ୍ବର ୨୩ରୁ ଷ୍ଟପୱାଚ ଲାଗୁ ହୋଇଛି । ଏହାର ଫଳାଫଳ ସକାରାତ୍ମକ ରହିଥିବାରୁ ଏହି ନିୟମକୁ ବିଧିବଦ୍ଧ ଭାବେ ଲାଗି କରିବା ପାଇଁ ଆଇସିସି ନିଷ୍ପତ୍ତି ନେଇଛି ।

## ।।। ଏଲ୍‌ଏଲ୍‌ସିସି କପ୍ ।।।

# ପ୍ରଥମ ରାଉଣ୍ଡରୁ ପ୍ରଗତୀ, ଏମ୍‌ସିସି ବିଦା




ଭୁବନେଶ୍ୱର,୧୫।୩(ସବ୍ୟୁ): ଲାଇଭ୍ ଲିଜେଣ୍ଡ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜିତ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ଦୁଇ ଶକ୍ତିଶାଳୀ ଦଳ ପ୍ରଗତୀ ସ୍ପୋର୍ଟିଂ ଏବଂ ଏମ୍‌ସିସି ବିଦା ହୋଇଛନ୍ତି । ସୁପର ନକ୍‌ଆଉଟ୍‌ରେ ପ୍ରଗତୀ ସ୍ପୋର୍ଟିଂ ୬ ୱିକେଟ୍‌ରେ ଟାଉନ୍ କ୍ଲବ୍‌ଠାରୁ ହାରିଯାଇଛନ୍ତି । ସେହିପରି କଟକର ୟୁନିଅନ୍ ସ୍ପୋର୍ଟିଂ ୮ ୱିକେଟ୍‌ରେ ଏମ୍‌ସିସିକୁ ହରାଇଛି । ଉଭୟ ଦଳ ନିଜ ନିଜର ସୁପର ନକ୍‌ଆଉଟ୍ ମ୍ୟାଚ ଜିତି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି ।

ଗୁରୁବାର ବର୍ଷା ଯୋଗୁଁ ପ୍ରଗତୀ ସ୍ପୋର୍ଟିଂ ଓ ଟାଉନ୍ କ୍ଲବ୍ ମଧ୍ୟରେ ଚାଲିଥିବା ମ୍ୟାଚ ଅଧାରୁ ବନ୍ଦ ରହିଥିଲା । ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତୀ ସ୍ପୋର୍ଟିଂ ୩୦ ଓଭରରେ ୬ ୱିକେଟ୍ ହରାଇ ୬୨ ରନ୍ କରିଥିଲା । ଶ୍ରୀଜିତ ଭୂୟାଁ ୪୪ ରନ୍ କରିଥିବା ବେଳେ ଡିଆର୍ ସାହୁ ୨୫ ରନ୍ ଓ ଅଧିନାୟକ ଶୁଭ୍ରାଂଶୁ କୁମାର ଭୋଇ ୨୦ ରନ୍ କରିଥିଲେ । ଟାଉନ୍ କ୍ଲବ୍ ପକ୍ଷରୁ ଓଁକାର ଏସ୍‌ଏସ୍ ସର୍ବାଧିକ ୩ ୱିକେଟ୍ ହାସଲ କରିଥିଲେ । ଟାଉନ୍ କ୍ଲବ ୧୬୩ ରନ୍‌ର ଟାର୍ଗେଟକୁ ପିଛା କରିବା ପାଇଁ ପଡ଼ିଆକୁ ଓହ୍ଲାଇଥିଲା କିନ୍ତୁ ବର୍ଷା ଆରମ୍ଭ ହୋଇଥିଲା । ଫଳରେ ଗୁରୁବାର ମ୍ୟାଚ ଖେଳାଯାଇପାରିନଥିଲା । ତେଣୁ ଶୁକ୍ରବାର ଅଧାରୁ ବନ୍ଦ ହୋଇଥିବା ମ୍ୟାଚ ସମ୍ପୂର୍ଣ୍ଣ ହୋଇଥିଲା । ଟାଉନ୍ କ୍ଲବ୍ ୨୪.୧ ଓଭରରେ ୪ ୱିକେଟ୍ ହରାଇ ୧୬୩ ରନ୍‌ର ବିଜୟଲକ୍ଷ୍ୟକୁ ହାସଲ କରିନେଇଥିଲା । ଦଳ ପକ୍ଷରୁ ଅଧିନାୟକ ଅଭିନୀତ ସାହୁ ଅପରାଜିତ ୭୨ ରନ୍, ପ୍ରଜ୍ୟୋତ ସାମଲ ୪୦ ରନ୍ ଓ ଇଶାନ ମହାପାତ୍ର ୩୨ ରନ୍‌ର ଇନିଂସ ଖେଳି ଦଳକୁ ବିଜୟୀ କରିଥିଲେ ।

ଅନ୍ୟ ଏକ ମ୍ୟାଚରେ ୟୁନିଅନ୍ ସ୍ପୋର୍ଟିଂ ୮ ୱିକେଟ୍‌ରେ ଏମ୍‌ସିସିକୁ ହରାଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୯ ୱିକେଟ୍ ହରାଇ ୧୮୦ ରନ୍ କରିଥିଲା । ଦଳ ପକ୍ଷରୁ ଦିବ୍ୟଜ୍ୟୋତି ସାହୁ ସର୍ବାଧିକ ୩୩ ରନ୍ ଓ ଅନିମେସ ପ୍ରଧାନ ୨୪ ରନ୍ କରିଥିଲେ । ୟୁନିଅନ ସ୍ପୋର୍ଟିଂର ଖଣ୍ଡେଲୱାଲ ସର୍ବାଧିକ ୩ ୱିକେଟ୍ ହାସଲ କରିଥିଲେ । ୧୮୧ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ୟୁନିଅନ୍ ସ୍ପୋର୍ଟିଂ ଖଣ୍ଡେଲୱାଲଙ୍କ ଅପରାଜିତ ୯୯ ରନ୍ ସହାୟତାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

## ଇଣ୍ଟର ନ୍ୟାସନାଲ ସୁଟିଂ ଗ୍ରାଣ୍ଡପ୍ରିକ୍ସ

# ଶ୍ରୀୟଙ୍କାଙ୍କୁ ରୌପ୍ୟ

ଭୁବନେଶ୍ୱର,୧୫।୩(ସବ୍ୟୁ): ପୋଲାଣ୍ଡରେ ଆୟୋଜିତ ଇଣ୍ଟରନ୍ୟାସନାଲ ଗ୍ରାଣ୍ଡପ୍ରିକ୍ସର ମହିଳା ୫୦ ମିଟର ରାଇଫଲ-୩ ପୋଜିସନ ଇଭେଣ୍ଟରେ ଓଡ଼ିଆ ଝିଅ ତଥା କିଟ୍ ଛାତ୍ରୀ ଶ୍ରୀୟଙ୍କା ଷଡଙ୍ଗୀ ରୌପ୍ୟ ପଦକ ଜିତିଛନ୍ତି । ଗତବର୍ଷ ଅକ୍ଟୋବର ମାସରେ ଶ୍ରୀୟଙ୍କା ୧୩ତମ ସୁଟର ଭାବେ ପ୍ୟାରିସ ଅଲିମ୍ପିକ୍ସ ଟିକେଟ୍ ହାତେଇବାର ସୁଯୋଗ ସୃଷ୍ଟି କରିଥିଲେ । ତେବେ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ରୌପ୍ୟ ପଦକ ସଫଳତା ପାଇଁ ଶ୍ରୀୟଙ୍କାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



# ୧୭ରୁ କଳାହାଣ୍ଡି କପ୍ କ୍ରିକେଟ୍

ଭୁବନେଶ୍ୱର,୧୫।୩(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ଆଗାମୀ ୧୭ ତାରିଖରୁ ରାଜ୍ୟରେ ବିଭିନ୍ନ ଭେନ୍ୟୁରେ ଆରମ୍ଭ ହେବାକୁଯାଉଛି । କଳାହାଣ୍ଡି କପ୍‌ରେ ଅଂଶଗ୍ରହଣ କରିଥିବା ୩୮ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ତେବେ ପ୍ରଥମ ପର୍ଯ୍ୟାୟରେ ଡାଇମଣ୍ଡ ଏ' ଓ ବି' ଗ୍ରୁପ୍ ମ୍ୟାଚ ଆରମ୍ଭ ହେବ । ଏହାର ପ୍ରିଲିମିନାରୀ ପର୍ଯ୍ୟାୟ ଦିନିକିଆ ଫର୍ମାଟରେ ଖେଳାଯିବ । ଖୁବ୍ ଶୀଘ୍ର ଅନ୍ୟ ଗ୍ରୁପ୍ ଗୁଡିକ ସୂଚୀ ଓଡ଼ିଶା କ୍ରିକେଟ ଆସୋସିଏସନ୍ ଘୋଷଣା କରିବ । କଟକର ବାରବାଟୀ ଷ୍ଟାଡିୟମ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପଡ଼ିଆ, ନିମପୁର, ସନ୍‌ସାଇନ୍ ଗ୍ରାଉଣ୍ଡ, ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡ, ଡ୍ରିମ୍ସ ଗ୍ରାଉଣ୍ଡରେ ମ୍ୟାଚ ଖେଳାଯିବ । ସେହିଭଳି ଭୁବନେଶ୍ୱରରେ କିଟ୍ ଷ୍ଟାଡିୟମ୍‌ରେ ମ୍ୟାଚ ଖେଳାଯିବ ।

## ଏଏଫ୍‌ସି କପ୍:ଡ୍ର' ସହ ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ

ଭୁବନେଶ୍ୱର,୧୫।୩(ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍‌ରେ ଏଏଫ୍‌ସି କପ୍‌ର ଦ୍ୱିତୀୟ ଲେଗ୍ ଆନ୍ତଃ ଜୋନାଲ ସେମିଫାଇନାଲ ଓଡ଼ିଶା ଏଫ୍‌ସି ଏବଂ ଅଷ୍ଟ୍ରେଲିଆ କ୍ଲବ୍ ସେଣ୍ଟ୍ରାଲ କୋଷ୍ଟ ମଧ୍ୟରେ ଗୋଲ୍ ଶୂନ୍ୟ ଭାବେ ଡ୍ର' ରହିଥିଲା । ଏହା ସତ୍ତ୍ୱେ ସେଣ୍ଟ୍ରାଲ କୋଷ୍ଟ ୪-୦ ଏଗ୍ରିଗେଟ୍‌ରେ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । କିର୍ଗିଜସ୍ଥାନର ଆବଦେଶ ଆଟାକ୍‌କାଣ୍ଟ ଦଳକୁ ଭେଟିବ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ । ବର୍ଷା ଭିଜା ଅପରାହ୍ଣରେ ଓଡ଼ିଶା ଏଫ୍‌ସି ଇଣ୍ଟରଜୋନାଲ ସେମିଫାଇନାଲ ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟକୁ ଭେଟିଥିଲା । ମାନ୍ଦା ପାଗରେ ତୀବ୍ର ଲଢ଼େଇ କରିଥିଲା ଓଡ଼ିଶା ଏଫ୍‌ସି । ଖେଳ ଏପରି ହେଲା ଯେ, ଶକ୍ତିଶାଳୀ ଅଷ୍ଟ୍ରେଲୀୟ ଦଳ ସେଣ୍ଟ୍ରାଲକୋଷ୍ଟ ସହ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଡ୍ର' ରଖିଥିଲା ଓଡ଼ିଶା ଏଫ୍‌ସି । ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ପ୍ରଶଂସନୀୟ ପ୍ରଦର୍ଶନ ସତ୍ତ୍ୱେ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିନାହିଁ । ତେଣୁ ଚଳିତ ଏଏଫ୍‌ସି କପ୍‌ରୁ ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ ହୋଇଛି । ଅପରପକ୍ଷେରେ ସେଣ୍ଟ୍ରାଲକୋଷ୍ଟ ଦଳ ୪-୦ ଏଗ୍ରିଗେଟ ସ୍କୋର ଜରିଆରେ ଇଣ୍ଟର ଜୋନାଲ ଫାଇନାଲରେ ପ୍ରବେଶ କରିଛି ।


## ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ଦିଲ୍ଲୀରେ ଖେଳାଯିବନି ଆଇପିଏଲ୍ ମ୍ୟାଚ

ନୂଆଦିଲ୍ଲୀ,୧୫।୩(ଏଜେନ୍ସି): ମାର୍ଚ୍ଚ ୨୨ରୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୭ତମ ସଂସ୍କରଣ ବିଗୁଲ ବାଜିବ । ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀରେ କୌଣସି ମ୍ୟାଚ ଖେଳାଯିବ ନି । ଦିଲ୍ଲୀ କ୍ୟାପିଟାଲ୍ସର ହୋମ୍ ଗ୍ରାଉଣ୍ଡ ବିଶାଖାପଟନମ୍ ରହିବ । ମାର୍ଚ୍ଚ ୨୨ରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ । ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଇପିଏଲ୍‌ର ପ୍ରଥମ ୨୧ଟି ମ୍ୟାଚ ନିମନ୍ତେ ସୂଚୀ ଘୋଷଣା ହୋଇସାରିଛି । ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ ଗୁଡିକ ଲୋକସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ସୂଚୀ ସ୍ପଷ୍ଟ ହେବ । ଏପ୍ରିଲ-୭ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନିମନ୍ତେ ସୂଚୀ ଘୋଷଣା ହୋଇଥିଲା । ଏହି ପ୍ରଥମ ପର୍ଯ୍ୟାୟରେ ୨୧ଟି ମ୍ୟାଚ ଖେଳାଯିବ । ୪ଟି ଡବଲ ହେଡର ମ୍ୟାଚ ରହିବ । ଅବଧି ମଧ୍ୟରେ ଦିଲ୍ଲୀରେ କୌଣସି ମ୍ୟାଚ ଖେଳାଯିବ ନାହିଁ । ଦିଲ୍ଲୀ ଟିମ୍ ବିଶାଖାପଟନମ୍‌ରେ ଘରୋଇ ମ୍ୟାଚ ଖେଳିବ । ମାର୍ଚ୍ଚ ୨୩ରୁ ଏପ୍ରିଲ୍ ୭ ତାରିଖ ମଧ୍ୟରେ ୪ଟି ଡବଲ ହେଡର ମ୍ୟାଚ ଖେଳାଯିବ । ଏପ୍ରିଲ ୭ରେ ଅପରାହ୍ଣ ୩.୩୦ରୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏବଂ ୨ୟ ମ୍ୟାଚ ସନ୍ଧ୍ୟା ୭.୩୦ରୁ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳାଯିବ । ଚଳିତ ଆଇପିଏଲ୍ ମୋହାଲି, ଚେନ୍ନାଇ, ବେଙ୍ଗାଲୁରୁ, ଲକ୍ଷ୍ନୌ, କୋଲକାତା, ଜୟପୁର, ଅହମ୍ମଦାବାଦ, ଭାଇଜାଗ, ହାଇଦ୍ରାବାଦ ଏବଂ ମୁମ୍ବାଇରେ ଖେଳାଯିବ । ଲକ୍ଷ୍ନୌରେ କେବଳ ଦୁଇଟି ମ୍ୟାଚ ଆୟୋଜନ ହେବ ।


AT KURANGA PHULNAKHARA

Meera's COURTYARD





Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.

For:
- Wedding • Star night • Conference and work shops
- Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ଶାସ୍ତ୍ରୀଜୀ କପ କ୍ରିକେଟ୍: ଶଙ୍ଖାରୀ ସାହି ଚାମ୍ପିଅନ

ଜଗତସିଂହପୁର,୧୫।୩(ସବ୍ୟୁ): ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ବାରେଡିଆ ପଞ୍ଚାୟତ ଡିଅସାହିବିରି ଖେଳ ପଡିଆରେ ଶାସ୍ତ୍ରୀଜୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଡିଅସାହିବିରି ଶାସ୍ତ୍ରୀଜୀ ଯୁବ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରୁ ମୋଟ ୮ଟି କ୍ରିକେଟ ଟିମ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ମଦନ ମୋହନ କ୍ରିକେଟ କ୍ଲବ ଶଙ୍ଖାରିସାହି ଓ ଆଜାଦ ହିନ୍ଦ କ୍ରିକେଟ କ୍ଲବ ତଳପାଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ଟସ ଜିଣି ମଦନ ମୋହନ କ୍ରିକେଟ କ୍ଲବ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ମଦନ ମୋହନ କ୍ରିକେଟ କ୍ଲବ ଶଙ୍ଖାରିସାହି ଧୂଆଁଦାର ବ୍ୟାଟିଂ କରି ୬ ୱିକେଟ ବିନିମୟରେ ୧୯୮ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ଆଜାଦ ହିନ୍ଦ କ୍ରିକେଟ କ୍ଲବ ତଳପାଟକର ବ୍ୟାଟିଂ ବିପର୍ଯ୍ୟୟ ଘଟି ମାତ୍ର ୧୦୨ ରନରେ ସମସ୍ତ ୱିକେଟ ହରାଇଥିଲା । ଫଳରେ ମଦନ ମୋହନ କ୍ରିକେଟ କ୍ଲବ ଶଙ୍ଖାରିସାହି ୯୬ ରନରେ ମ୍ୟାଚ ଜିତି ଚଳିତ ବର୍ଷର ଶାସ୍ତ୍ରୀଜୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା । ପରେ ଏହି ଅବସରରେ ପୁର୍ବତନ ସରପଞ୍ଚ କାଳନ୍ଦୀ ବସ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥୀ ଭାବରେ ତିର୍ତ୍ତୋଲର ବିଧାୟକ ବିଜୟ ଶଙ୍କର ଦାସ,ସମ୍ମାନନୀୟ ଅତିଥୀ ଭାବରେ ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର,ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶୀନୀ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସଭ୍ୟା ଦିପ୍ତିମୟୀ ରାୟ, ପୁରଣ ସମବାୟ ସମିତି ସଭାପତି ନନ୍ଦ କିଶୋର ବସ୍ତିଆ, ପୁରଣ ସରପଞ୍ଚ ଯୁଧୀଷ୍ଠିର ବେହେରା, ସମତି ସଭ୍ୟା ସସ୍ମିତା ଭୋଇ ପ୍ରମୁଖ ଯୋଗ ଦେଇ ଶାସ୍ତ୍ରୀଜୀ କପ କ୍ରିକେଟ କପ-୨୦୨୪ର ଚାମ୍ପିଅନ ମଦନ ମୋହନ କ୍ରିକେଟ କ୍ଲବ ଶଙ୍ଖାରିସାହିକୁ ନଗଦ ୨୦ ହଜାର ଟଙ୍କା ସହିତ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ରନର୍ସଅପ କ୍ରିକେଟ ତଳପାଟକ ଟିମକୁ ନଗଦ ୧୫ ହଜାର ସହିତ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ଦକ୍ଷ ଅମ୍ପାୟାର ଭାବରେ ପରିଚିତ ସାରଦା ପ୍ରସାଦ ମୁଦୁଲି ଓ ପ୍ରସନ୍ନ ଦାଶ ପରିଚାଳନା କରୁଥିଲେ । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଶାସ୍ତ୍ରୀଜୀ ଯୁବ ପରିଷଦର ସଭାପତି ପାର୍ଥସାରଥୀ ମିଶ୍ର, ସଂପାଦକ ଚୌଧୁରୀ ଜଗଦିଶ ଜେନା ସହଯୋଗ କରିଥିଲେ ।


ସଂକ୍ରମିତ ମା' ଠାରୁ ବ୍ୟାପେ ପୁଣି
ଅଶୋଧିତ ରକ୍ତ ନେଲେ
ଜୀବନ ଜୀବ ଟି ମନେ ରଖି ଥା
ଏହି ସବୁ ତ୍ରୁଟି କଲେ
ଭୂତାଣୁ ପ୍ରବେଶ ଥରେ କରି ଗଲେ
ଡାକି ଆଣେ କେତେ ରୋଗ
ଏଚ୍.ଆଇ.ଭି ଲାଗି ଔଷଧ ନାହିଁ ରେ
ହେଲେ ତ ମରଣ ଯୋଗ



OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



SALE SALE SALE

Flex Printing Machine (10 feet)
As on Where Basis.

Company Name:
"MONOTECH"
Systems PVT.LTD.
For Contact : 8917518606


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541